"ବରପାଲିର ହରିହରସାହୁ ନାମକ ବ୍ୟକ୍ତି ଟ ୨,୫୦୦ ଙ୍କାରେ ବରଲିବାହାର ନାମକ ଖଣ୍ଡେ ଗ୍ରାମ ଗଢ଼ନ୍ତି ନେଇ ସଂକଳ୍ପ କରିଅଛନ୍ତି କି ଉକ୍ତ ଗ୍ରାମର ସମସ୍ତ ଆୟ ସବୁ ଓ ଭୋଗରାଗ କର୍ପୂର ଧୀନ ସବୁ ଗୋପାଳଜୀ ମହାପ୍ରଭୁଙ୍କ ଭୋଗରେ ଲାଗି ସାଧୁ ବୈଷ୍ଣବମାନଙ୍କୁ ଭୋଜନ ଦିଆଯାଉଥିବ । ଗୋପାଳଜୀ ମହାପ୍ରଭୁଙ୍କ ନାମରେ ଗଢ଼ନ୍ତି ଲେଖାଯାଇଅଛି । ମହାପ୍ରଭୁଙ୍କ ପକ୍ଷରୁ କାର୍ଯ୍ୟ ଚଳାଇବା ନିମନ୍ତେ ନାରାୟଣ ମିଶ୍ର, ଜଗନ୍ନାଥ ଦାସ, ଭିମ୍ବରୁସାହୁ, ବଳଭଦ୍ର, ଗଙ୍ଗାଧର ମେହେର, ଭଦ୍ରବ୍ୟକ୍ତିମାନେ ଟ୍ରଷ୍ଟି ନିଯୁକ୍ତ ହୋଇଅଛନ୍ତି, ହରିହର ସାହୁଙ୍କର ଇଚ୍ଛା ସେ ଉକ୍ତ ଗ୍ରାମର ଉନ୍ନତି ନିମନ୍ତେ ଗୋଟିଏ ନାଳ କଟା ହେବାକୁ ଅନ୍ୟୂନ ୨୦୦୦ ସହସ୍ର ଟଙ୍କା ଦେବେ ।

ଏହି ହରିହର ସାହୁଙ୍କ ପାଲିରେ ଗୋଟିଏ ପୁଷ୍କରିଣୀ ଖନନ କରାଉଅଛନ୍ତି ତହିଁରେ ପ୍ରାୟ ୨୦୦୦ ସହସ୍ର ଟଙ୍କା ଖର୍ଚ୍ଚ ହେବ । ଏକମାସମଧ୍ୟରେ ଉକ୍ତ ପୁଷ୍କରିଣୀର ବନ୍ଧର କାର୍ଯ୍ୟ ହୋଇଅଛି ।

ସାହୁଙ୍କର ଉଦାରତା ପ୍ରଶଂସନୀୟ । ଈଶ୍ୱର ଉକ୍ତ ଉଦାରଦାତା ସାହୁଙ୍କର ମଙ୍ଗଳ ବିଧାନ କରନ୍ତୁ ଏହାହିଁ ବାଞ୍ଛନୀୟ ।" ସଃ ଦଃ

---

ଯେ, ବି, ଜର୍ଜ ସାହେବ ଏଥିନ୍ତ ବିଲାତର ଏକ ସଭା ସମ୍ମୁଖରେ ଗୋଟିଏ ଉତ୍ତମ ପ୍ରବନ୍ଧ ପାଠ କରିଥିଲେ । ସେ ପ୍ରବନ୍ଧରେ ଭାରତରେ ଖ୍ରୀଷ୍ଟିୟାନ ଧର୍ମ ପ୍ରଚାର ସମ୍ବନ୍ଧରେ ସେ ଲେଖି ଅଛନ୍ତି କି ଅନେକ ଇଉରୋପୀୟ ଏବଂ ଆମରିକୀୟ ପାଦରୀ ବା ଖ୍ରୀଷ୍ଟଧର୍ମ ପ୍ରଚାରକଙ୍କର ବିଶ୍ୱାସ ଯେ ଚେଷ୍ଟା ଓ ଯତ୍ନ କଲେ ସେ କାର୍ଯ୍ୟରେ ସହଜରେ ଅଳ୍ପକାଳ ମଧ୍ୟରେ ସାଧିତ ହୋଇ ପାରିବ । ମାତ୍ର ଏ ବିଶ୍ୱାସର ମୂଳ ଦମ୍ଭ ନୁହଇ । ଭାରତବାସିଙ୍କ ମନରେ ସେମାନଙ୍କର ପ୍ରାଚୀନ ଧର୍ମ ବିଶ୍ୱାସ ଦୃଢ଼ରୂପେ ଜାଗ୍ରତ ରହିଅଛି ଏବଂ ଭାରତର ନାନା ତୀର୍ଥ ସ୍ଥାନରେ ଅହରହ ସହସ୍ର ଯାତ୍ରୀର ସମାଗମ ତହିଁର ଜ୍ୱଳନ୍ତ ସାକ୍ଷ ଦେଉ ଅଛି । ଉକ୍ତ ସାହେବଙ୍କର ଏହି ଉକ୍ତି ଯେ ନ୍ୟାୟ ସଙ୍ଗତ ତହିଁରେ ସନ୍ଦେହ ନାହିଁ । ପାଦରୀମାନଙ୍କର ଚେଷ୍ଟାର ତ୍ରୁଟି ନାହିଁ ଏବଂ ତାହା ନିତାନ୍ତ ବିଫଳ ନ ହେଲେହେଁ ଯେ ପରିମାଣରେ ସେମାନେ ଭାରତବାସିଙ୍କୁ ଖ୍ରୀଷ୍ଟ ଧର୍ମଦଳକୁ ଆଣି ନେଉଅଛନ୍ତି ତହିଁରୁ ଏମନ୍ତ ଆଶା ଯାଇ ନାହିଁ ଯେ ଅଳ୍ପ କାଳରେ ସମସ୍ତ ଭାରତବାସୀ ଖ୍ରୀଷ୍ଟିୟାନ ହୋଇଯିବେ । ବରଂ ଶିକ୍ଷାର ପ୍ରଚାର ସଙ୍ଗେ ୨ ଲୋକଙ୍କର ସ୍ୱଧର୍ମ ପ୍ରତି ଅନୁରାଗ ବଢ଼ୁ ଅଛି ।

---

ବଙ୍ଗପ୍ରାଦେଶିକ ସମିତିର ଗତ ଅଧିବେଶନ ମେଦନୀପୁରଠାରେ ହୋଇଥିଲା । ସେହି ସଭାରେ ଅନ୍ୟାନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ମୌଲବୀ ଅବଦୁଲ କାସେମ ଗୋଟିଏ ସାର କଥା କହିଥିଲେ । ତାହାର ମର୍ମ ଏହି କି କେତେକ ଭାରତୀୟ ଇଂରାଜ ମନେ କରନ୍ତି କି ବଙ୍ଗାଳ ଏବଂ ଭାରତବର୍ଷ ଉଭୟ ସ୍ଥାନରେ ସିଭିଲ ସର୍ଭିସ ପରୀକ୍ଷା ଗ୍ରହଣ ଉପଯୁକ୍ତ ପ୍ରସ୍ତାବରେ ମୁସଲମାନମାନଙ୍କର ସମ୍ମାନ ଭଙ୍ଗ ନାହିଁ, କାରଣ ସେମାନେ ହିନ୍ଦୁମାନଙ୍କ ସଙ୍ଗେ ପରୀକ୍ଷାରେ ପାରିବେ ନାହିଁ ମାତ୍ର ଏହି ଧାରଣା ଭ୍ରମାତ୍ମକ ଅଟେ ଏବଂ ହିନ୍ଦୁମାନଙ୍କଠାରୁ ମୁସଲମାନମାନଙ୍କର ବୁଦ୍ଧିଶକ୍ତି ଊଣା ଏପରି କୋହିବା ମୁସଲମାନଙ୍କ ପକ୍ଷରେ ଅପମାନ ସୂଚକ ଅଟେ । ପ୍ରକୃତରେ ମୁସଲମାନମାନେ ବୁଦ୍ଧିରେ ହିନ୍ଦୁଙ୍କଠାରୁ ଊଣା ନୁହନ୍ତି ମାତ୍ର ଧନରେ ଊଣା ହୋଇ ପରୀକ୍ଷା ଦେବା କାରଣ ବିଲାତ ଯିବାର ବ୍ୟୟ ଯୋଗାଇ ପାରୁ ନାହାନ୍ତି । ବିଲାତ ଏବଂ ଭାରତରେ ଏକ ସମୟରେ ସିଭିଲ ସର୍ଭିସ ପରୀକ୍ଷା ଗୃହୀତ ହେବାର ନିୟମ ହେଲେ ମୁସଲମାନମାନଙ୍କ ପକ୍ଷରେ ଅଧିକ ସୁବିଧା [illegible] ହେବ କାରଣ ସେମାନେ ଘରେ ବସି [illegible] ଦେଇ ପାରିବେ । ମୌଲବୀ ସାହେବ [illegible] ମୁସଲମାନମାନଙ୍କର ପ୍ରକୃତ ଅନ୍ତରଙ୍ଗ [illegible]

Digitized by srujanika@gmail.com

ପ୍ରକାଶ କରୁଅଛନ୍ତି ସନ୍ଦେହ ନାହିଁ ଏବଂ ତହିଁ ନିମନ୍ତେ ସେ ଧନ୍ୟବାଦର ପାତ୍ର ଅଟନ୍ତି ।

---

### ନକଲନବିଶଙ୍କର ଉନ୍ନତି ।

ପ୍ରାଦେଶିକ କନ୍ଫେରେନ୍ସର ବୈଠକ ସମୟରେ ମାନ୍ୟବର ମଧୁସୂଦନ ଦାସ ଯେଉଁ ବକ୍ତୃତା କରିଥିଲେ ତହିଁରେ ସରକାରୀ କାଗଜର ନକଲ ବିଶେଷତଃ ଇଂରାଜୀ ନକଲ ସମ୍ବନ୍ଧରେ ପ୍ରସ୍ତାବ କରିଥିଲେ କି ଉଚିତ ବେତନରେ ଯୋଗ୍ୟ ନକଲନବିଶ ରଖିବା ଆବଶ୍ୟକ । ବର୍ତ୍ତମାନ ଯେଉଁମାନେ ନକଲ କରନ୍ତି ସେମାନେ ଭଲ ଇଂରାଜୀ ନ ଜାଣିବାରୁ ଅନେକ ଭୁଲ କରନ୍ତି ଏବଂ ଯେଉଁମାନେ ମୂଷାବିଦା କରନ୍ତି ସେମାନଙ୍କର ଦରମା ନକଲନବିଶଙ୍କଠାରୁ ଅଧିକ ନୁହେ । ସୁତରାଂ ଅଧିକ ଯୋଗ୍ୟଲୋକ ରଖିବା ଏବଂ ଲେଖିବା କଳ ବ୍ୟବହାରଦ୍ୱାରା ଭଲ କାର୍ଯ୍ୟ ଯୋଗାଇବା ବାଞ୍ଛନୀୟ ଅଟେ । ଆମ୍ଭେମାନେ ଏଠା କଲେକ୍ଟରୀ ଓ ଅଦାଲତର କେତେ ଇଂରାଜୀ କାଗଜର ନକଲ ବେଳେବେଳେ ଯାହା ଦେଖିଅଛୁଁ ତହିଁରୁ ଅନାୟାସରେ କହିପାରୁଁ ଯେ ମଧୁବାବୁଙ୍କର ଉକ୍ତି ଯଥାର୍ଥ ଅଟେ ଏବଂ ସେ ଏ ବିଷୟ ଗବର୍ଣ୍ଣମେଣ୍ଟଙ୍କ ଗୋଚର କରାଇ ଜନସାଧାରଣଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଭଲ କଲେଜର ଉଚ୍ଚ ଶ୍ରେଣୀର ଛାତ୍ରମାନେ ମନୋଯୋଗୀ ହୋଇ ଯୋଗ୍ୟ ଅମଲା ବା କିରାଣିଙ୍କୁ ମୂଷାବିଦା କାର୍ଯ୍ୟରେ ନିଯୁକ୍ତ କଲେ ଏବଂ ଶୁଦ୍ଧଅକ୍ଷରସ୍ଥଙ୍କୁ ନକଲନବିସ ସିରସ୍ତାରେ ନ ରଖିଲେ ଏ ଦୋଷ ସହଜରେ ସଂଶୋଧନ ହୋଇଯିବ । ଲେଖିବା କଳଦ୍ୱାରା ନକଲ ଅକ୍ଷର ଉତ୍ତମ କାରଣ ତହିଁରେ ମନ୍ଥ-ମନ୍ଥ କିରାଣିମାନେ ଧରା ପଡ଼ିବେ ।

ଆଜିକାଲି ଏଠା କଲେକ୍ଟରୀ ମହାଫେଜ-ଖାନାରୁ ନକଲ ପାଇବାର କଷ୍ଟ ଅନ୍ୟ ନକଲ ଠାରୁ ତାହା ଅନେକ ପରିମାଣରେ ବଢ଼ି ଯାଇଅଛି । ଓ ୧୦।୧୫ ଦିନରେ ଶସ୍ତ୍ରେ ନକଲ ପାଇବା କଠିନ । ଆମ୍ଭେମାନେ ଏ ବିଷୟ ଏଥି-ପୂର୍ବେ ସମସ୍ତଙ୍କୁ ଜଣାଇଅଛୁଁ । ସମ୍ଭବତଃ ମଧୁବାବୁଙ୍କୁ ସେ କଥା ଜଣା ନାହିଁ । ନୋହିଲେ ସେ ଗବର୍ଣ୍ଣମେଣ୍ଟଙ୍କ ଗୋଚରରେ ଆଣିଥାନ୍ତେ । କେବଳ ନକଲ ସିରସ୍ତାରେ ଅମଲା ଅଳ୍ପ ଥିବାରୁ ଲୋକେ ଏ କଷ୍ଟ ଭୋଗ କରୁଅଛନ୍ତି । ସରକାର ଲୋକଙ୍କଠାରୁ ଫିସ ନେଇ ନକଲ ଦେବାର ନିୟମ କରିଅଛନ୍ତି ମାତ୍ର ଯେବେ ଉଚିତ ସମୟରେ ନକଲ ଦେଇ ନ ପାରିଲେ ତେବେ ଫିସ ନେବା ଉଚିତ କି ? ନକଲଫିସ ଗୋଟିଏ ଟିକସ ନୁହେଁ ତାହା କେବଳ ଲୋକଙ୍କର ସୁବିଧା ନିମନ୍ତେ ହୋଇଅଛି । ମାତ୍ର ନକଲ ଦେବାରେ ଯେତେ ବିଲମ୍ବ ହେଉଅଛି ସରକାରଙ୍କର ସେତେ ଲାଭ ଓ ଲୋକଙ୍କର ସେତେ କ୍ଷତି ହେଉଅଛି । ନକଲ ସିରସ୍ତାର ସୁବନ୍ଦୋବସ୍ତ ଶୀଘ୍ର ହେବା ଆବଶ୍ୟକ ଏବଂ ଆମ୍ଭେମାନେ ଆଶା କରୁଁ ଶୀଘ୍ର ଏହା ଗବର୍ଣ୍ଣମେଣ୍ଟଙ୍କର ଦୃଷ୍ଟି ଆକର୍ଷଣ କରିବ ।

---

### ପୁଲିସ ସବଇନ୍‌ସ୍ପେକଟର ।

ପୁଲିସ ସବଇନସ୍ପେକ୍ଟର ନିଯୋଗ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟଙ୍କର ନୂତନ ନିୟମାବଳି ପ୍ରଚଳିତ ହୋଇଅଛି ଏବଂ ତହିଁର ପ୍ରତିଲିପି ପୁଲିସ ଇନ୍‌ସ୍ପେକ୍ଟର ଜେନେରଲ ସାହେବ ଆମ୍ଭମାନଙ୍କ ନିକଟକୁ ପଠାଇଥିବାରୁ କୃତଜ୍ଞତା ଜଣାଉଅଛୁଁ । ପୁଲିସ ସବଇନ୍‌ସ୍ପେକ୍ଟର ତିନପ୍ରକାରେ ବଛାଯିବେ ଯଥା (୧) ପ୍ରତିଯୋଗିତା ପରୀକ୍ଷାଦ୍ୱାରା, (୨) ପୁଲିସ ଦଳଭୁକ୍ତ ବ୍ୟକ୍ତିର ପଦୋନ୍ନତିଦ୍ୱାରା ଏବଂ (୩) ଇନ୍‌ସ୍ପେକ୍ଟର ଜେନେରଲଙ୍କର ନିର୍ବାଚନଦ୍ୱାରା । ସମସ୍ତଙ୍କୁ ଭାଗଲପୁରର ପୁଲିସ ସ୍କୁଲରେ ନିର୍ଦ୍ଦିଷ୍ଟକାଳ କାର୍ଯ୍ୟ ଶିକ୍ଷା କରିବାକୁ ହେବ । ପରୀକ୍ଷାର ନିୟମମାନ ପ୍ରାୟ ପୂର୍ବପ୍ରାୟ ରହିଅଛି । ବିଶେଷ ଉଲ୍ଲେଖର ଯୋଗ୍ୟ କିଛି ନାହିଁ । ଯେଉଁମାନେ ପରୀକ୍ଷା ଦେବାକୁ ଇଚ୍ଛା କରିବେ ସେମାନଙ୍କର ଯାହା ଜାଣିବାର ହେବ କଲିକତା ଗେଜେଟରୁ ଅଥବା ୨୪ ପରଗନା, ପାଟନା, କଟକ ଏବଂ ଢାକାର ମାଜିଷ୍ଟ୍ରେଟମାନଙ୍କଠାରୁ ଜାଣିପାରିବେ । କଲିକତା, ବାଙ୍କିପୁର, କଟକ ଓ ଢାକା ଏହି ଚାରିସ୍ଥାନରେ ଆସନ୍ତା ଜୁନମାସ ତା ୧୮ ଓ ୧୯ ରିଖରେ ପରୀକ୍ଷା ଗୃହୀତ ହେବ । ପରୀକ୍ଷାରେ ଯେଉଁମାନେ ଶୁଦ୍ଧ ଲିପି ଏବଂ ଗଣିତରେ ଅର୍ଦ୍ଧେ ଓ ଅନ୍ୟାନ୍ୟ ବିଷୟରେ ମୋଟରେ ଏକ ତୃତୀୟାଂଶ ନମ୍ବର ନ ପାଇବେ ସେମାନେ କାର୍ଯ୍ୟ ପାଇବାର ଅଯୋଗ୍ୟ ହେବେ । ଅବଶିଷ୍ଟ ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତିଙ୍କ ମଧ୍ୟରୁ ଯୋଗ୍ୟତାର ତାଲିକାରେ ଯେଉଁ ବାହାରଲୋକଙ୍କର ନାମ ଉପରେ ଥିବ ସେମାନଙ୍କ ମଧ୍ୟରୁ ମୋଟରେ ଯେତେ କାର୍ଯ୍ୟ ଖାଲି ଥିବ ତହିଁର ଦୁଇ ତୃତୀୟାଂଶ ନିଯୁକ୍ତ ଏବଂ ଅପର ତୃତୀୟାଂଶ ପୁଲିସ ଦଳର ଯେଉଁମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ସେମାନଙ୍କ ମଧ୍ୟରୁ ନିଆଯିବ । ସେମାନେ ୨୦ ସପ୍ତାହ ଭାଗଲପୁରର ପୁଲିସ ଟ୍ରେନିଂସ୍କୁଲରେ ପଢ଼ିବେ ଏବଂ ସେଠାରୁ ଯୋଗ୍ୟତାର ସାର୍ଟିଫିକେଟ ପାଇଲେ ଦୁଇବର୍ଷ ଶିକ୍ଷା ନବିସ ସ୍ୱରୂପ ନିଯୁକ୍ତ ହେବେ । ତହିଁଉତ୍ତାରୁ ଯେବେ ସେମାନେ ଯୋଗ୍ୟ ହେବେ ତେବେ ପଞ୍ଚମଶ୍ରେଣୀର ସବ-ଇନ୍‌ସ୍ପେକ୍ଟର ନିଯୁକ୍ତ ହେବେ । ଇଂରାଜୀ ନ ଜାଣିବା ଲୋକଙ୍କ ସୁବିଧା ନିମନ୍ତେ ପୁଲିସ ଟ୍ରେନିଂ ସ୍କୁଲରେ ଇଂରାଜୀ ଏବଂ ଦେଶୀୟ ଉଭୟଭାଷାରେ ଶିକ୍ଷା ଦିଆଯିବାର ବନ୍ଦୋବସ୍ତ ହୋଇଅଛି ।

ଉପରଲିଖିତ ନିୟମାବଳିରୁ ପାଠକମାନେ ଦେଖିବେ ଯେ ପୂର୍ବପରି ଏହା ପ୍ରତିଯୋଗିତା ପରୀକ୍ଷା ଉପରେ ନିର୍ଭର ନ କରି ଅନ୍ୟମତେ ସବଇନ୍‌ସ୍ପେକ୍ଟରର କାର୍ଯ୍ୟ ନିମନ୍ତେ ଲୋକ ନେବାର ବ୍ୟବସ୍ଥା ହୋଇଅଛି ମାତ୍ର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବାହାର ଲୋକଙ୍କ ଦାବି ଅଧିକ ଏବଂ କେବଳ ସଚ୍ଚରିତ୍ର ଓ ସଦ୍‌ବଂଶଜ ଲୋକମାନେ ପ୍ରାର୍ଥୀ ହେଲେ ପରୀକ୍ଷା ଦେବାର ଅନୁମତି ପାଇବେ ।

---

### ଆସନ୍ତା ରଥ ଯାତ୍ରା

ଉତ୍କଳ ପଞ୍ଜିକା ଅନୁସାରେ ଆଗାମୀ ଆଷାଢ଼ ମାସ ତା * ରିଖ ଓ ଇଂରାଜୀ ଜୁନ ମାସ ତା ୧୮ ରିଖ ମଙ୍ଗଳବାର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶ୍ରୀଗୁଣ୍ଡିଚା ରଥଯାତ୍ରା ହେବ । ମାତ୍ର କଲିକତାର ଗୁପ୍ତ ପ୍ରେସ ଏବଂ ଶ୍ରୀରାମପୁରର ବଙ୍ଗଳା ପାଞ୍ଜିମାନଙ୍କରେ ଶ୍ରାବଣ ମାସର ପ୍ରଥମ ଦିନ ଅର୍ଥାତ୍ ଇଂରାଜୀ ଜୁଲାଇ ମାସ ତା ୧୭ ରିଖ ବୁଧବାର ଶ୍ରୀଗୁଣ୍ଡିଚା ଯାତ୍ରା ହେବାର ଲେଖା ଅଛି । ବଙ୍ଗଳା ପାଞ୍ଜି ସମସ୍ତ ମଧ୍ୟରେ କେବଳ ବିଶୁଦ୍ଧ ସିଦ୍ଧାନ୍ତ ପଞ୍ଜିକା ଉତ୍କଳ ପଞ୍ଜିକା ସଙ୍ଗେ ଐକ୍ୟ ହୋଇ ଆଷାଢ଼ ମାସ ତା * ରିଖରେ ରଥ ଯାତ୍ରା ହେବାର ନିର୍ଣ୍ଣୟ କରିଅଛନ୍ତି । ରଥଯାତ୍ରା ପୁରୁଷୋତ୍ତମ କ୍ଷେତ୍ରର ସର୍ବ ପ୍ରଧାନ ଯାତ୍ରା ଅଟେ । ଏ ସମୟରେ ଯେତେ ଯାତ୍ରିର ସମାଗମ ହୁଏ ପ୍ରାୟ ଅନ୍ୟ କୌଣସି ସମୟରେ ସେତେ ହୁଅନ୍ତି ନାହିଁ । ପୁଣି ଏ ସମୟରେ ବଙ୍ଗାଳି ଯାତ୍ରୀ ବିଶେଷ ହୁଅନ୍ତି ଏବଂ ରେଲ ବାଟ ଫିଟିବାରୁ କ୍ରମାଗତ ଯାତ୍ରୀ ସଂଖ୍ୟା ଅଧିକ ହେଉଅଛି । ଏପରି ସ୍ଥଳେ ଉତ୍କଳ ଓ ବଙ୍ଗ ପଞ୍ଜିକାରେ ମତ ଭେଦ ଘଟିବା ଯାତ୍ରିମାନଙ୍କ ପକ୍ଷରେ ଅତ୍ୟନ୍ତ କଷ୍ଟକର ସନ୍ଦେହ ନାହିଁ । ଏହି ହେତୁ କଲିକତାର 'ବଙ୍ଗବାସୀ' ନାମକ ସମ୍ବାଦ ପତ୍ର ପୂର୍ବରୁ ଏ ବିଷୟ ମୀମାଂସା କରିବା କାରଣ ସର୍ବସାଧାରଣଙ୍କୁ ଅନୁରୋଧ କରିଅଛନ୍ତି । ଆମ୍ଭେମାନେ ଏକାନ୍ତ ଆଶା କରୁଁ କି ସହଯୋଗୀଙ୍କର ଏ ଅନୁରୋଧ ରକ୍ଷା କରିବାକୁ ସର୍ବସାଧାରଣ ତତ୍ପର ହେବେ । ବାସ୍ତବରେ ଯେବେ ରଥ ଯାତ୍ରାର ଠିକ ଦିନ ଜାଣି ନ ପାରି କେତେ ଯାତ୍ରୀ ପୂର୍ବରୁ ଆସି ଏକ ମାସ ପୁରୀରେ ପଡ଼ିରହିବେ ଅଥବା ପରେ ଆସି ଯାତ୍ରା ଦେଖି ନ ପାରିବେ, ତେବେ ବଡ଼ ଦୁଃଖର ବିଷୟ ହେବ । ଆମ୍ଭେମାନେ ଦେଖୁ-

Split by PDF Splitter

Digitized by srujanika@gmail.com

ଅଛୁଁ ଯେ ଗୁଣ୍ଡିଚା ଯାତ୍ରାର ମାସ ତିଥି ନକ୍ଷତ୍ରାଦି ଘେନି କିଛି ମତାନ୍ତର ଘଟି ନାହିଁ କେବଳ ସୌରମାସ ଗଣନା ସମ୍ବନ୍ଧରେ ଓଡ଼ିଶା ଓ ବଙ୍ଗଳାର ମତ ଭିନ୍ନ ଥିବା ହେତୁ ମତଭେଦ ଘଟିଅଛି । ଅର୍ଥାତ୍ ଯେଉଁ କାରଣରୁ ବଙ୍ଗଳାରେ କୌଣସି ସୌରମାସର ପ୍ରଥମ ଦିନ ଓଡ଼ିଶାରେ ସେହି ମାସର ୨ୟ ବା ୩ୟ ଦିନ ବୋଲ୍ଯାଏ ସେହି କାରଣରୁ ଏ ବର୍ଷ ବଙ୍ଗଳାରେ ଆଷାଢ଼ ମାସ ଏବଂ ଓଡ଼ିଶାରେ ଶ୍ରାବଣ ମାସରେ ମଳ ମାସ ପଡ଼ିଅଛି । ସୂର୍ଯ୍ୟଙ୍କର ଏକ ରାଶିରୁ ଅନ୍ୟ ରାଶିକୁ ସଂକ୍ରମଣ କରିବାର କାଳାନୁସାରେ ସୌରମାସ ଗଣନା ହୁଅଇ । ଯେଉଁ ଦିନ ଦିବସରେ ବା ରାତ୍ରିରେ ସଂକ୍ରମଣ ହୁଅଇ ଉତ୍କଳରେ ସେହି ଦିନ ମାସର ପ୍ରଥମ ଦିନ ଗଣନା ହୁଅଇ ମାତ୍ର ବଙ୍ଗଳାରେ ଦିନ ସଂକ୍ରମଣ ସ୍ଥଳେ ତହିଁ ପରଦିନ ଏବଂ ରାତ୍ରି ସଂକ୍ରମଣ ସ୍ଥଳେ ଅନ୍ତର ଏକ ଦିନ ଛାଡ଼ିକୁ ମାସର ପ୍ରଥମ ଦିନ ଧରାଯାଏ । ଅତଏବ ଓଡ଼ିଆ ଓ ବଙ୍ଗଳାର ସୌରମାସର ଦିନ ଗଣନାରେ ସାଧାରଣତଃ ଏକ ଦିନ ଏବଂ କେବେ କେବେ ଦୁଇ ଦିନ ଅନ୍ତର ଘଟଇ । ସ୍ଥଳରେ ଯେଉଁ ସୌରମାସରେ ଦୁଇଟା ଅମାବାସ୍ୟା ପଡ଼ିଯାଏ ସେହି ମାସରେ ଚାନ୍ଦ୍ରମଳ ମାସ ହୁଏ । ଏଥିରୁ ଏବର୍ଷ ବଙ୍ଗ ଆଷାଢ଼ ଦି ୧ ନ ରବିବାର ଏକ ଅମାବାସ୍ୟା ଏବଂ ଆଷାଢ଼ ଦି ୩୧ ନ ସୋମବାର ଆଉ ଗୋଟିଏ ଅମାବାସ୍ୟା ପଡ଼ିବ ସୁତରାଂ ଆଷାଢ଼ ମାସରେ ମଳ ମାସ ପଡ଼ିବ । ମାତ୍ର ଉତ୍କଳ ପଞ୍ଜିକା ମତେ ଲିଖିତ ସୋମବାର ଅମାବାସ୍ୟା ଶ୍ରାବଣ ମାସର ପ୍ରଥମ ଦିନରେ ଏବଂ ତହିଁ ଉତ୍ତାରୁ ସେହି ଶ୍ରାବଣ ମାସ ଦି ୩୧ ନରେ ଅନ୍ୟ ଅମାବାସ୍ୟା ପଡ଼ିବ । ସୁତରାଂ ଉତ୍କଳରେ ଶ୍ରାବଣ ମାସରେ ମଳ ମାସ ହେବ । ବଙ୍ଗଳାରେ ଆଷାଢ଼ ମାସ ଦି ୩୨ ନ ଏବଂ ଉତ୍କଳରେ ଶ୍ରାବଣ ମାସ ଦି ୩୨ ନରେ ଶେଷ ହେବ । ଅତଏବ ବଙ୍ଗଳା ଗଣନାନୁସାରେ ଦୋଆଷାଢ଼ୀ ହେଲେହେଁ ଯେ ସ୍ଥଳେ ଉତ୍କଳରେ ତାହା ନ ହୋଇ ଦୋ ଶ୍ରାବଣି ପଡ଼ିଅଛି ଏବଂ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସମସ୍ତ ସେବା ଉତ୍କଳର ପ୍ରଚଳିତ ଗଣନାନୁସାରେ ସମ୍ପାଦିତ ହେଉଅଛି ସେ ସ୍ଥଳେ ଏ ବର୍ଷ ଜଗନ୍ନାଥଙ୍କର ନୂତନ କଳେବର ହେବାର ଯୋଗ ପଡ଼ୁ ନାହିଁ ଏବଂ ଶ୍ରୀଗୁଣ୍ଡିଚା ଯାତ୍ରା ଉତ୍କଳ ପଞ୍ଜିକା ଅନୁସାରେ ଆଷାଢ଼ମାସ ଦି ୫ ନରୁ ଜୁନ ମାସ ତା ୧୯ରିଖ ମଙ୍ଗଳବାର ଦିନ ହେବ ଏବଂ ତାହା ବଙ୍ଗଳା ପାଞ୍ଜି ଅନୁସାରେ ଶ୍ରାବଣ ମାସ ଦି ୧ ନରୁ ଜୁଲାଇ ତା ୧୭ ରିଖ ବୁଧବାର ଦିନ କୌଣସି ମତେ ହୋଇ ନ ପାରେ । ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ପଣ୍ଡିତମାନେ ମଧ୍ୟ ଏହି ସିଦ୍ଧାନ୍ତ କରି ଅଛନ୍ତି ଏବଂ ଏଥିରେ କାହାର ସନ୍ଦେହ କରିବାର କୌଣସି ହେତୁ ନାହିଁ । କଲିକତାର ବଙ୍ଗବାସୀ ପତ୍ରିକାରେ ଏ ବିଷୟର ଆନ୍ଦୋଳନ ଉଦିତ ହୋଇ ଥିବା ପ୍ରତ୍ୟକ୍ଷେ ତହିଁର ସମ୍ପାଦକଙ୍କୁ ଏକାନ୍ତ ଅନୁରୋଧ ଯେ ସେ ଅନୁଗ୍ରହ କରି ତାହାଙ୍କର ପାଠକ ମଣ୍ଡଳଙ୍କ ଜାଣିବା କାରଣ ଶୀଘ୍ର ପତ୍ରିକାରେ ଏ ବିଷୟ ପ୍ରକାଶ କରିବେ ।

---

## ସାପ୍ତାହିକ ସମ୍ବାଦ ।

### କଲିକତାଗେଜେଟ ।

ସି ଡିଭିଜନ କଷ୍ଟମ ଷ୍ଟାମ୍ପ ପ୍ରଭୃତିରେ ସେସନ ସବ୍‌-ଏସିଷ୍ଟ କାର୍ଯ୍ୟରେ ନିଯୁକ୍ତ ବାବୁ ଅଭୟ ପ୍ରସାଦ ଦାସ ଅସାମୀ ଜୁନମାସ ତା ୧୫ ରିଖଠାରୁ ମାସେର ଛୁଟୀ ପ୍ରାପ୍ତ ହେଲେ ।

ମୁଙ୍ଗେରର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ମୌଲବି ... ଚାଇବାସା ସଦର ମହକୁମାରେ ଅବସ୍ଥାପିତ ହେଲେ ।

ଅନୁଗୁଳର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ପୂର୍ଣ୍ଣଚନ୍ଦ୍ର ମୌଳିକ, ଅସ୍ଥାୟୀ ପର୍ଯ୍ୟନ୍ତ ଅନୁଗୁଳର ତହସିଲଦାର କାର୍ଯ୍ୟରେ ନିଯୁକ୍ତ ହେଲେ ।

ହୁଗଲି କଲେଜିଏଟ ସ୍କୁଲର ପ୍ରଧାନ ଶିକ୍ଷକ ବାବୁ ଶ୍ରୀଶଚନ୍ଦ୍ର, ସ୍ୱସ୍ଥ ଚୌଧୁରୀ କଟକ ଟ୍ରେନିଂ କଲେଜର ପ୍ରଧାନ ଶିକ୍ଷକ ପଦରେ ନିଯୁକ୍ତ ହେଲେ । ଟ୍ରେଃ କଲେଜର ପ୍ରଧାନ ଶିକ୍ଷକ ବାବୁ କୈଳାସଚନ୍ଦ୍ର ରାୟ ଚୌଧୁରୀ ହୁଗଲି କଲେଜିଏଟ ସ୍କୁଲର ପ୍ରଧାନ ଶିକ୍ଷକ ପଦରେ ନିଯୁକ୍ତ ହେଲେ ।

ଓଡ଼ିଶା ଡିଭିଜନର ଡେଃମାଜିଷ୍ଟ୍ରେଟ ଓ ଡେଃକଲେକ୍ଟର ବାବୁ ମାଧବଲାଲ ମୁଙ୍ଗେର ଜିଲ୍ଲାର ସଦର ମହକୁମାରେ ଅବସ୍ଥାପିତ ହେଲେ ।

ଖୋର୍ଦ୍ଧା ସ୍ଥାୟୀ ଡେପୁଟି ଇନ୍‌ସ୍ପେକ୍ଟର ମାଜିଷ୍ଟ୍ରେଟ ବାବୁ ଗୋପାଳଚନ୍ଦ୍ର ସାହୁ ଓ ବାବୁ ଭଗବାନ ବୋଷ୍ଣ ମାନଙ୍କର ଛୁଟୀ ଛୋଟଲାଟ ବାହାଦୂର ମଞ୍ଜୁର କରିଅଛନ୍ତି ।

ଖଡ଼୍ଗପୁରର ଏକଷ୍ଟ୍ରାଡେପୁଟୀ କଲେକ୍ଟର ବାବୁ ମୁରଲି ମିଶ୍ର ବାଲି ବନ୍ଦରର ମାନେଜର ପଦରେ ନିଯୁକ୍ତ ହେଲେ ।

ବାବୁ ଯୋଗେନ୍ଦ୍ରଚନ୍ଦ୍ର ଦତ୍ତ ଉତ୍ତମ ଶାଳିସ୍ ବୋର୍ଡର ଦାୟ ବାଲେଶ୍ୱର ଜଲ ବୋର୍ଡର ସଭ୍ୟପଦରେ ନିଯୁକ୍ତ ହେଲେ ।

---

ଏ ସପ୍ତାହରେ ଶୀତ୍ର ଅତ୍ୟନ୍ତ ପ୍ରବଳ ହୋଇଅଛି କେବଳ ଗତ ବୁଧବାର ଅପରାହ୍ଣରେ ଅଳ୍ପ ମେଘାଛନ୍ନ ହୋଇଥିଲା ମାତ୍ର କଲ୍ୟାଣରେ ଶେଷ ହେଲା । ଏ ଜଲ ସାଲେଟରେ ଆଜି ଶୀଘ୍ରରେ ଅଳ୍ପ ବୃଷ୍ଟି ହେବାର ସମ୍ବାଦ ପାଇଅଛୁଁ ।

ଶ୍ରୀଯୁକ୍ତ କମିଶନରସାହେବ ଗତ ବୁଧବାର ପୁରୀଠାରୁ ଏ ନଗରକୁ ଫେରି ଆସିଅଛନ୍ତି ।

କଲିକତାରୁ ଶୀଘ୍ର ଏକ ତଙ୍ଗାଇ ଏପ୍ରେଟରେ ଏ ନଗରକୁ ଆସି ଗୋଟାଏ ... ବୋଠାରେ ଯାତ୍ରା ଦେଖାଉ ଅଛନ୍ତି ।

ଚୀନଦେଶର ବିଭିନ୍ନ ସ୍ଥାନରେ ପୋଲ ଭଙ୍ଗିଯିବା ହେତୁ ରେଲଗାଡ଼ି ରେଲଷ୍ଟେସନ ହେବାରୁ ତହିଁର ନାନା ସ୍ଥାନ ଓ ... ଅଧିକ ହୋଇଥିବାର ସମ୍ବାଦ ମିଳଇ ।

କ୍ଷମା ଜାରରେ ହିନ୍ଦୁମାନଙ୍କ କାର୍ଯ୍ୟ ଚଳାଇବା ଅବସ୍ଥିତ ହେବା ସଙ୍ଗେ ବର୍ତ୍ତମାନ ବମ୍ବା ଜାରରେ ଗୁଡ଼ ବୋମ୍ବମାନଙ୍କ ଅବସ୍ଥିତ ହେବାର ସମ୍ବାଦ ମିଳଇ । ଏହି ଅବସ୍ଥାର ଅନେକ ଦୁର୍ଭାଗ୍ୟ ଘଟଣା ଘଟିଅଛି ଏବଂ ଏହି ଅବସ୍ଥାରେ ବୋମ୍ବମାନଙ୍କୁ ଏକ ଶ୍ରେଣୀ ଭାବରେ ସାଧାରଣ ଅତି ନିକ୍ଷିପ୍ତ କରୁଅଛନ୍ତି । ମନୁଷ୍ୟ ମାତ୍ରା ସକାଶେ ଏତେ ଭଲା ଏବଂ ଅସ୍ୱୀକାର କାହିଁକି ?

ଟ୍ରାନ୍ସଭାଲ ଯୁଦ୍ଧରେ ମହାମାରୀ ସଂକ୍ରାନ୍ତ ଭଙ୍ଗ ଶେଷ ହୋଇ ନ ଥିବାର ସନ୍ଦେହରୁ ସମ୍ବାଦ ମିଳଇ । ଇଂରାଜ ସମାଚାର ... ଚଳାଇବାକୁ ନାହିଁ ପାଇଅଛନ୍ତି ଏବଂ ସେଠାରେ ଲୋକମାନଙ୍କୁ ଭରସା ଦେଉ ପଠାଇଅଛନ୍ତି । ... ବର୍ଷ ଏହି ଲାଗିରେ ନିଯୁକ୍ତ ନ ହେବା ଏହି ଭଙ୍ଗରୁ ନିର୍ଦ୍ଦେଶ କରାଯାଉଅଛି ।

ଏତାଲନ୍ନଗାଲ ଜାପାନର ... କାରଖାନାମାନଙ୍କ ନିମିତ୍ତ ଅନେକ କାରୁ ଭୂଲ ଖରଚ ହେଉଅଛି । ବର୍ତ୍ତମାନ ସମ୍ବତ୍ସରରୁ ଯାହା ଖରଚ ହେବାର କଳ୍ପନା ହେଉଅଛି ଗତବର୍ଷ ଠାରୁ ଅଧିକ ହୋଇଅଛି । ଗତବର୍ଷରୁ ଭୂଲ ଓ ନିବ ଜାପାନର ଅନେକ ଲାଭ ହେବ । ତହିଁପାଇଁ ଭାରତ ଯେ ... ଦେବା ଅଧିକ ।

ଅଯୋଧ୍ୟାର ଭୂତପୂର୍ବ ନବାବଙ୍କ ଅନୁଗାମୀ ବେଗମ ଏବଂ ଅନ୍ୟ ଏକ ମୁସଲମାନ ନାମରେ ପିତା ମାତାଙ୍କ ଉପରେ ... ଭୂଲ ଗୋଟିଏ ବାଳକାକୁ କବଳିତ କରିବା ଅଭିଯୋଗ ଅଭିଯୋଗ ହୋଇଥିବାର ସମ୍ବାଦ ମିଳଇ । ବେଗମ ଓ ମୁସଲମାନ ସଙ୍ଗେ ବାଳିକାଟିକୁ ବିବାହ ଦେବାର ପ୍ରସ୍ତାବ କରିଥିଲେ ମାତ୍ର ବାଳିକାର ପିତା ମାତା ତହିଁରେ ଅସମ୍ମତ ହେବାରୁ ସେମାନେ ବାଳିକାକୁ ଚୋରାଇ ନେଇ ଗଲେ । ସେଠାରେ ବିବାହ ଦେବାର ସମସ୍ତ ଆୟୋଜନ ହୋଇଥିଲା ଏବଂ ବିବାହ ... ଆରମ୍ଭ ହେବାର ଅତି ଅଳ୍ପକାଳ ପୂର୍ବେ ଅସାମୀମାନେ ଧୃତ ହେଲେ । ସେମାନେ ବିଚାରାର୍ଥ ... ଅଛନ୍ତି ।

ସିନ୍ଧୁନଦୀ ଅତ୍ୟନ୍ତ ବୃଦ୍ଧି ହୋଇ କେତେକ ଗ୍ରାମର ସହିତ ଧୋଇ ନେଇ ଯାଇଅଛି । ଶତ ଶତ ଲୋକ ନିରାଶ୍ରୟ ହୋଇଅଛନ୍ତି । ସରକାର ସାହାଯ୍ୟ ଦେବାର ବନ୍ଦୋବସ୍ତ କରୁଅଛନ୍ତି । ହିମାଳୟ ପର୍ବତର ହିମରାଶି ତରଳ ହେବାରୁ ଏପରି ଘଟିଅଛି । ସେ ପ୍ରଦେଶରେ ବର୍ଷକରେ ଏପରି ଘଟଣା ହୁଅଇ ।

ଇଂଲଣ୍ଡରୁ ସମ୍ବାଦ ମିଳଇ ଯେ ବ୍ରିଟିଶ ରାଜଧାନୀରେ ସ୍ତ୍ରୀ ଓ ପୁରୁଷ ମହାମାରୀ ... ଦେଶୀୟ ପରିଦର୍ଶନାର୍ଥେ ... ଭାରତର ନିଯୁକ୍ତ ହୋଇଥିବାରୁ ସେଠାରେ ଶୀଘ୍ର ହୋଇ ... ଦଙ୍ଗା ... ଭୟ ... ଏବଂ ସେମାନଙ୍କ ... ଦେଶୀୟ ... ସ୍ୱଦେଶୀ ସୈନ୍ୟ ପ୍ରସ୍ତୁତ ହୋଇଥିଲା । ମାତ୍ର ... ପ୍ରସ୍ତୁତରେ ... ଭଙ୍ଗ ହୋଇ ଯାଇଥିଲେ । ... ଶ୍ରୀ ସେବକମାନଙ୍କ ନିମିତ୍ତ ... ଭାରତର ନିଯୁକ୍ତ କରଥିଲେ ତାହା ... ନାହିଁ । ... ଭାରତୀୟମାନଙ୍କୁ ତାହା କରିବା ଉଚିତ କି ନାହିଁ ?

କେମ୍ବ୍ରିଜଠାରେ ବାଙ୍ଗାଲୀ ଜୁନିଅର ... ପ୍ରଫେସର ... ଶିକ୍ଷାର୍ଥ ଯେଉଁ ଛାତ୍ରବୃତ୍ତି ନିମିତ୍ତ ... ତହିଁ ବିଲାତ ... ବୋର୍ଡ ... ସଙ୍ଗେ ... ଟ ୧୦୦ ଙ୍କା ସାହାଯ୍ୟ ଦାନ କରିଅଛନ୍ତି । ... ବାଙ୍ଗାଲୀ ... ଓ ... ଏହି ... ଡିଷ୍ଟ୍ରିକ୍ଟ ବୋର୍ଡ ... ହେବେ । ଏ ପ୍ରସ୍ତାବ ମନ୍ଦ ନୁହଇ । ଅନ୍ୟ ଡିଷ୍ଟ୍ରିକ୍ଟବୋର୍ଡମାନେ ଏ ଉଦାହରଣ ଅନୁକରଣ କରନ୍ତୁ ।

Split by PDF Splitter

Digitized by srujanika@gmail.com

Split by PDF Splitter



ଅନେକବାର ସ୍ଥାନଭାଗରେ ଭୂମିକମ୍ପ କମ୍ପିତ ହୋଇ ଘରମାନ ଭାଙ୍ଗି ଯାଇଥିବାର ସମ୍ବାଦ ମିଳଇ । ଏଥିରେ ଚଣ୍ଡିକାର ଲୋକ ଗୃହହୀନ ହୋଇଅଛନ୍ତି । ସର୍ବସୁଦ୍ଧା ୫୦ ଲକ୍ଷ ଟଙ୍କାର କ୍ଷତି ହୋଇଥିବାର କଥିତ ହୁଏ ।

ଦ୍ୱୀପର ପଶ୍ଚିମାଞ୍ଚଳର ଓଜିଲ ରାଜ୍ୟ ଶକ୍ତିମାନ ଲୋକେ ଦୌଡ଼ି ନୌକାମାନରେ ସରକାରୀ ସୈନ୍ୟମାନଙ୍କୁ ଗୋଡ଼ାଇ ଦଶୀ ନ ଦେବା କାରଣ ବିଦ୍ରୋହ କରୁଥିବାରୁ ସେହି ଅପରାଧରେ ଦୁଇବର୍ଷ ଶ୍ରମଯୁକ୍ତ କାରାଦଣ୍ଡ ଓ ଟ ୧୦୦୦ ଙ୍କା ଅର୍ଥଦଣ୍ଡରେ ଦଣ୍ଡିତ ହୋଇଥିବାର ସମ୍ବାଦ ମିଳଇ । ଓଜିଲ ଅଟିଲ କରିଥିବାର କଥିତ ହୁଏ ।

ସ୍ୱଇଡର୍ଲଣ୍ଡ ପ୍ରାୟ ବାଗାନଠାରେ ମଧ୍ୟ ସ୍କୁଲ ଛାତ୍ରମାନଙ୍କର ଦୃଷ୍ଟି ଶକ୍ତି ହୀନ ହେଉଥିବାର ସମ୍ବାଦ ମିଳଇ । ଷ୍ଟୋଗାର୍ଡ ନଗରର ୧୬୮୭ ଜଣ ଛାତ୍ରମଧ୍ୟରୁ ଅର୍ଦ୍ଧେକରୁ ଅଧିକ ଛାତ୍ରଙ୍କର ଦୃଷ୍ଟି ଶକ୍ତି ହୀନ ଅଛି । ୨୦।୨୨ ଟ ବୟସ୍କ ଛାତ୍ରମାନଙ୍କର ଦୃଷ୍ଟି ଶକ୍ତି ସର୍ବାପେକ୍ଷା ହୀନ । ଛୋଟ ଅକ୍ଷରର ଛପା ଏବଂ ଅଳ୍ପ ଆଲୁଅରେ ପଢ଼ିବା ଓ ଇତ୍ୟାଦି ଏଥିର ପ୍ରଧାନ କାରଣ ବୋଲି ବର୍ଣ୍ଣିତ ହୋଇ ଅଛି । ଇଉରୋପୀୟ ବୈଜ୍ଞାନିକମାନେ ଏଥିର ପ୍ରତିବିଧାନ କରିବାରେ ଯତ୍ନବାନ୍ ହେବେ । ଉପମାଧ୍ୟାୟ ସ୍କୁଲ ସଂଖ୍ୟା ଅଧିକ ହେବା କଦାପି ଶୁଭ ଲକ୍ଷଣ ନୁହଇ ।

## ଢେଙ୍କାନାଳ-ସମ୍ବାଦ ।

ଏହି ତ ଯେ ଗତ ମାଘ ତା ୭ ରିଖରେ କିଛି ଦିନ ଦେଶ ପ୍ରଦର୍ଶନୀ ରାଣୀପାଳ ମେଳା ବସିଥିଲା ମହାମାନନୀୟ ଏବଂ ବୃହତ୍ ଭଗବାନ୍ ମେଳା କରିଥିଲେ । ବହୁ ଦୂରାନ୍ତରୁ ଅନେକ ଲୋକ ଜମିଥିଲେ । ଢେଙ୍କାନାଳ, ହିନ୍ଦୋଳ, ବଡ଼ମ୍ବା, ଅଠଗଡ଼, ତାଳଚେର, ଓ ଅନୁଗୋଳର ଲୋକମାନେ ଦେଖିବାକୁ ଆସିଥିଲେ । ଏବଂ ଶତ ଶତ ସ୍ୱର୍ଣ୍ଣକାର ମନ୍ତ୍ରୀ ଉପାର୍ଜନ କରୁଥିଲେ । ଦଣ୍ଡ, ଗଡ଼, ଓ ଗଡ଼ଜାତର ଲୋକମାନଙ୍କୁ ଆଣିବାକୁ ବଡ଼ ଭାଗ ଥିଲା । ମେଳାରେ ଲୋକମାନଙ୍କର ଟ ୩୦୦୦ ଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ ହୋଇଥିବ । ଏଥି ମଧ୍ୟ ଦୁର୍ବଳ, ଗରିବ ଓ ବୃଦ୍ଧମାନେ ଏହିପରି ହୋଇଥିଲେ । ଅମ୍ଭମାନଙ୍କର ସୁଯୋଗ୍ୟ ମ୍ୟାନେଜର ବାବୁ ଶ୍ରୀ ରାମଚନ୍ଦ୍ର ଦାସ ନାୟକ ମହାଶୟଙ୍କଦ୍ୱାରା ପୋଲିସର ସୁବନ୍ଦୋବସ୍ତ ହୋଇଥିଲା । କୌଣସି ଗୋଳମାଳ ହୋଇ ନାହିଁ ।

କଣ୍ଟଦ୍ୱୀପ ରାଜସ୍କୁଲ ତଦନନ୍ତର ନିର୍ମାଣ ହୋଇ ଯାଇଅଛି । ନାବ ପଞ୍ଚାଶତ ହୋଇଥିଲେ । ଛାତ୍ରମାନଙ୍କ ଶାଖାମାନରେ ଅବାଧ କମ୍ପିତ ହୋଇଥିଲା । ପାଞ୍ଚ ଦ୍ୱାରରୁ କେତେ ଲୋକ ହୋଇଥିଲେ ।

ସ୍କୁଲ ତଦନନ୍ତର ଶ୍ରୀମଦନମୋହନ ଝଡ଼ିକର ସ୍ୱସ୍ତ୍ରୟୁପେ ହୋଇଯାଇଅଛି । ନୂତନ ଘର ଭଙ୍ଗା ନିର୍ମିତ ହୋଇଅଛି । ଅମ୍ଭମାନଙ୍କର ମଙ୍ଗଳଦାୟକ ମହାରାଜା କଟକରୁ ଦରବାରମାନ ହୋଇଥିବାରୁ କଛି ଯୋଗ ବର୍ଣ୍ଣନ ହେଉ ନାହିଁ ।

ଅମ୍ଭମାନଙ୍କର ସ୍ୱର୍ଗୀୟା ରାଜଦେଶ୍ୱରୀଙ୍କ ଭିତ୍ତିସ୍ଥାପନ ଜନ୍ମୋତ୍ସବ ହେବାକୁ ଗତ ମାଘ ତା ୮ ରିଖରେ ହାଇସ୍କୁଲ ଗୃହରେ ସମସ୍ତ ସରକାରୀ ଓ ଭଦ୍ରଲୋକମାନଙ୍କ ନେଇ ଏକ ସଭା ହୋଇଥିଲା । ମେନେଜର ମହାଶୟ ସଭାପତି ଆସନ ଗ୍ରହଣ କରିଥିଲେ । ଲୋକମାନେ ଉତ୍ତୋଳନରେ ଚାନ୍ଦା ଦେବାକୁ ସ୍ୱୀକାର କଲେ । ସ୍ୱର୍ଗୀୟ ରାଣୀମାନେ ସେମାନଙ୍କ ମାଇକାନା ଜିଅରେ ଶତ-କଡ଼ା ଟ ୧୦୧ ଙ୍କା ହିସାବ ଦେବାକୁ କହି ବେତନ ହଁ ଧାରଣ କଲେ ।

ବୃଷ୍ଟି ଓ ବାୟୁଦ୍ୱାରା କଳଙ୍କିତ ଓ ଭଗ୍ନ ଦ୍ୱାରସ୍ଥ ହୋଇ ଯାଇଅଛି । ମହାରାଜାଙ୍କ କର୍ତ୍ତୃକ ନିଜ ଜନମ ସର ହୋଇ କାର୍ଯ୍ୟ କୁଶଳ ଦକ୍ଷିଣପଥର କାରୁକାର୍ଯ୍ୟରେ ନିର୍ମିତ ହେଉଅଛି । (ଏହିପରି କଥା ଅଛି ଯେ ଲଙ୍କାରେ ରହସ୍ୟ ଏକା ହେବାରେ କରଣ)

ଅମ୍ଭ ଫସଲ ଭଲମତ ହୋଇ ନ ଥିବାରୁ ଗରିବଲୋକମାନଙ୍କର ବଡ଼ କଷ୍ଟ ହେଉଅଛି ।

ଗଡ଼ଜାତ ବଡ଼ମ୍ବାଳର ଦୁଷ୍ଟବଣୀ ଓ କୃପାଳ ପରିବାର ହୋଇ ଗୃହଜା ଓ ନୃତ୍ୟରେ ଶୋଭିତ ହୋଇଅଛି । ଇତି ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ଇତିପୂର୍ବେ ଆପଣ ଅବଗତ୍ୟ ଟାଉନ ଇନ୍‌ଷ୍ଟି-ଚ୍ୟୁସନ ସ୍କୁଲ ସମ୍ବନ୍ଧରେ ସମ୍ପାଦକୀୟ ସ୍ତମ୍ଭରେ ଅନୁକୂଳ ମନ୍ତବ୍ୟ ପ୍ରକାଶ କରି ଏବଂ ତତ୍ପୂର୍ବେ ବାମଣ୍ଡାର ସୁଯୋଗ୍ୟ ସ୍ୱଦେଶ ହିତୈଷୀ ଯୁବରାଜ ଶ୍ରୀମାନ୍ ସଚ୍ଚିଦାନନ୍ଦ ଦେବ ମହୋଦୟଙ୍କର ଉକ୍ତ ସ୍କୁଲର ବ୍ୟୟ ନିର୍ବାହାର୍ଥ ଉକ୍ତବର୍ଷ ନିମିତ୍ତ ମାସିକ ଟ ୪୦ ଙ୍କା ଦାନର ଉଲ୍ଲେଖ କରି ଆମ୍ଭମାନଙ୍କର କୃତଜ୍ଞତା ଜ୍ଞାପନ ହୋଇଅଛନ୍ତି । ଏହା ବୋଲିବା ବାହୁଲ୍ୟ ଯେ ପ୍ରୋକ୍ତ କର୍ପୂଳ ସାହାଯ୍ୟହିଁ ଟାଉନସ୍କୁଲର ଉନ୍ନତିର ମୂଳୀଭୂତ କାରଣ ହୋଇଅଛି । ଏପରି ନିଃସ୍ୱାର୍ଥ ହିତୈଷଣା ଅମ୍ଭମାନଙ୍କ ଦେଶରେ ନିତାନ୍ତ ଦୁର୍ଲଭ । ପୁଣ୍ୟଶ୍ଳୋକ ବାମଣ୍ଡାଧୀଶ ଶ୍ରୀମହାରାଜ ସର ସୁଢ଼ଳଦେବ ମହୋଦୟଙ୍କର ଅନୁମତି କ୍ରମେ ଏହି ଦାନ ଦିଆଯାଉଅଛି ।

ବର୍ତ୍ତମାନ୍ ଅତ୍ୟନ୍ତ ଆନନ୍ଦର ସହିତ ଜଣାଉଅଛି ଯେ ଭାରତ ସକାର୍ଯ୍ୟଦ୍ୱାରା ଗବର୍ଣ୍ଣମେଣ୍ଟ ଏବଂ ସାଧାରଣଙ୍କର ବହୁ ସମ୍ମାନିତ ସ୍ୱଦେଶବତ୍ସଳ ଅଠମଲ୍ଲିକର ପ୍ରବୀଣ ଯଶସ୍ୱୀ ମହାରାଜ ଶ୍ରୀ ମହେନ୍ଦ୍ରଦେବ ମହୋଦୟ ଶଂସିତ ବିଦ୍ୟାଳୟର ଉପକରଣ ପୁସ୍ତକାଦି କ୍ରୟ କରିବା ନିମିତ୍ତ ଟ ୩୦୦ ତିନିଶତ ଟଙ୍କା ପ୍ରଦାନ କରିଅଛନ୍ତି ଏବଂ ସ୍କୁଲ ଗୃହ ନିର୍ମାଣୋପଯୋଗୀ କାଷ୍ଠ ଦେବାପାଇଁ ମଧ୍ୟ ପ୍ରତିଶ୍ରୁତ ହୋଇଅଛନ୍ତି । ଏହିଦାନଦ୍ୱାରା ଶ୍ରୀମହାରାଜ ବିଦ୍ୟାଳୟର ପ୍ରକୃତ ଉପକାର ସାଧନ କରିଅଛନ୍ତି ଏବଂ ଏହା ମହାରାଜାଙ୍କର ସ୍ନେହପ୍ରବୃତ୍ତି ବଦାନ୍ୟତାର ଅନୁରୂପ ହୋଇଅଛି

ଅନ୍ୟର କଣ୍ଟାପ୍ୟ ଯେ ହିନ୍ଦୋଳର ଦାନଶୀଳ ରାଜାମହୋଦୟ ବିଦ୍ୟାଳୟ ଗୃହନିର୍ମାଣାର୍ଥ ଟ ୫୦ ପଚାଶଟଙ୍କା ପ୍ରଦାନ କରିଅଛନ୍ତି । ଏଥିଲାଗି ବିଦ୍ୟାଳୟର କର୍ତ୍ତୃପକ୍ଷଗଣ ମାନନୀୟ ରାଜାମହୋଦୟଙ୍କ ନିକଟରେ ଚିରକୃତଜ୍ଞ ରହିଲେ ।

ବଶମ୍ବଦ

କଟକ } ଶ୍ରୀ ମଧୁସୂଦନ ରାଓ
୨୧।୫।୧୯୦୨ } ଟାଉନଇନ୍‌ଷ୍ଟିଚ୍ୟୁସନସ୍କୁଲ
} କମିଟିର ସଭାପତି

ମହାଶୟ !

## ରାଜକୁମାର ମାନଙ୍କର ଇଂରାଜୀ ଶିକ୍ଷାର ଫଳ ।

ମଧ୍ୟ ପ୍ରଦେଶର ଅଷ୍ଟାଦ୍ଧ ବୟସ୍କ ୱି ଡେଗଙ୍କ ଚାପମାନଙ୍କର ମଧ୍ୟରେ କେହି୨ ପୂର୍ବରେ ଜବଲ୍‌ପୁର ଏବଂ ନାଗପୁର ହାଇସ୍କୁଲମାନଙ୍କରେ ଶିକ୍ଷା ପ୍ରାପ୍ତ ହୋଇଥିଲେ । କଳାହାଣ୍ଡିର ଶିକ୍ଷିତ ନବାବ ରାଜନ୍ ରଘୁକେଶୋର ଦେବ ଏବଂ ପାଟଣାର ସୁଶିକ୍ଷିତ ଯୁବକ ରାଜନ୍ ରାମଚନ୍ଦ୍ର ସିଂହ ଦେବ ପର ଓ ଆତ୍ମ ହସ୍ତରେ ହତ୍ୟା ଜନିତ ଅକାଳ ମୃତ୍ୟୁକୁ ଲଭିଥିବାରୁ ସେ ଅଞ୍ଚଳରେ ରାଜପୁତ୍ରମାନଙ୍କୁ ଇଂରାଜୀ ସ୍କୁଲ ଶିକ୍ଷା ଦେବା ପ୍ରତି ଅଶ୍ରଦ୍ଧା ଜନ୍ମିଅଛି । ରାୟପୁରରେ ରାଜକୁମାର କଲେଜ ଥିବା ସତ୍ତ୍ୱେ ପାଟଣା ଓ ବାମଣ୍ଡା ରାଜକୁମାରମାନେ ନିଜ୨ ଦୁର୍ଗରେ ଶିକ୍ଷା ଲାଭ କରୁଅଛନ୍ତି । ଖାଲିସା ବା ମୋଗଲବନ୍ଦ ସହରମାନଙ୍କରେ ରାଜପୁତ୍ରମାନଙ୍କୁ ରଖି ଶିକ୍ଷା ଦେଲେ ଉପକାରଠାରୁ ଅପକାର ଅଧିକ । ବଙ୍ଗଳା ଦେଶରେ ଏବଂବିଧ ଅପକାର ଅଳ୍ପ ନୋହେ । ବାସୁଦେବପୁର ଯୁବକ ରାଜା ଗଜେନ୍ଦ୍ର, କଳାମୁଠାର ରାଜା ଗୋଲକେନ୍ଦ୍ର ଏବଂ ନୟାଗଡ଼ ଖିଲାତି ରାଜାମାନେ କଲିକତାରେ ମହାତ୍ମା ମହେନ୍ଦ୍ରନାଥ ସରକାର ପରି ମହାନ୍ ଗ୍ରୀବ ବ୍ୟକ୍ତିର ତତ୍ତ୍ୱାବଧାନରେ ଗବର୍ଣ୍ଣମେଣ୍ଟ ହାତରେ ଥାଇ କଲେଜର ଶିକ୍ଷା ଲାଭ କରି ଯେତେବେଳେ ଆପଣା୨ ରାଜ୍ୟ ଚଳାଇବାକୁ ଫେରିଲେ ତେତେବେଳେ ସେମାନେ ଏପରି ସୁଖାଭିଳାଷୀ ଓ ଚରିତ୍ର ଭ୍ରଷ୍ଟ ହୋଇଥିଲେ ଯେ କଲିକତାରେ ଥାଉଁ୨ ଋଣଗ୍ରସ୍ତ ହୋଇ ରାଜ୍ୟକୁ ଫେରି ଆସି ସର୍ବସ୍ୱାନ୍ତ ହେଲେ । ଗୋଲକେନ୍ଦ୍ରଙ୍କର ପ୍ରାୟ ଅଶିହଜାର ଟଙ୍କା ଆୟର ପଟ୍ଟା ନିଲାମ ହେଲା । ବର୍ତ୍ତମାନ ମହାରାଜା ସେହି ଷ୍ଟେଟ ନିଲାମରେ ଖରିଦ କଲେ । ରାଜା ଗଜେନ୍ଦ୍ର ଭିକ୍ଷାଜୀବୀ ହେଲେ । ଲେଖକ ଉକ୍ତ ଅଞ୍ଚଳରେ ଥିବା ସମୟରେ ତାହାଙ୍କୁ ଦ୍ୱାରେ୨ ବୁଲି ଭିକ୍ଷା କରିବାକୁ ଦେଖି ଅଛି । ରାଜା ଗଜେନ୍ଦ୍ର, ଏକ ବେଶ୍ୟା କୈଶର ପ୍ରଣୟରେ ଆସକ୍ତ ହୋଇ ଜାତି, କୁଳ, ଧନ, ମାନ, ଅବଶେଷରେ ଜୀବନ ହରାଇଲେ । ସୁଦ୍ଧରେ ସହଧର୍ମିଣୀ ରାଣୀ ଅନନ୍ୟମୟୀ ହୋଇତ ସକାଶେ ସ୍ୱାମିଥିବାର ଭୋଗ କରି ନ ଥିଲେ । ଖିଲାଡ଼ି ରାଜା କଲିକତାରେ ଗଣିକା ପ୍ରଣୟରେ ପଡ଼ି ଲକ୍ଷ୨ ଟଙ୍କା ନଗଦ କରି ଉଡ଼ି ଦେଲେ । ନୟାଗଡ଼ ଓ ଖିଲାଡ଼ି ଦୁଇ ପ୍ରଜା ଜମିଦାରୀ ଋଣରେ ଅବଦ୍ଧ ହେଲା । ତାହାଙ୍କର ଦୁଇ ରାଣୀ ଦାଣ୍ଡ ଭିକାରୁଣୀ ହେଲେ । ଛୋଟ ଏବ

Digitized by srujanika@gmail.com

ଓ୍ୟାର୍ଡ୍‌ସ୍ ଅଧୀନରେ ସହରରେ ଉଚ୍ଚ ଶିକ୍ଷା ଲାଭ କରିବାକୁ ଯାଇ ରାଜକୁମାର ମାନଙ୍କର ଏହି ଭଳି ଦୁର୍ଗତି ଘଟିଅଛି । ଦାଣ୍ଡିଘୋଳ ରାଜା ମହେନ୍ଦ୍ର ଲକ୍ଷ୍ମୀ ଆପଣାର କୁମାରଙ୍କୁ ଘରେ ଶିକ୍ଷା ଦେଇଥିଲେ ବର୍ତ୍ତମାନ୍ ବଙ୍ଗରେ ସେ, ଯଶ ଓ ଖ୍ୟାତିରେ ସାଧ୍ୟମାନ ହୋଇ ଅଛନ୍ତି । ରାଜକୁମାରମାନଙ୍କର ପ୍ରବୃତ୍ତି ଛରସ୍ତ ସ୍ୱତଃ ପ୍ରବଳ । ପୁଣି ସଂସର୍ଗ ଦୋଷରୁ ସେମାନ ପ୍ରବଳତର ହୋଇ ଯୌବନ ସୁଲଭ କୁପଥରେ ସେମାନଙ୍କୁ ପଥିକ କରାଏ । ସୁତରାଂ ସହରରେ ସେମାନଙ୍କୁ ଅଧିକ କାଳ ରକ୍ଷିବା ଯୁକ୍ତି ଯୁକ୍ତ ନୋହେ ।

ଉତ୍କଳର ଅପ୍ରାପ୍ତ ବୟସ୍କ ରାଜାମାନଙ୍କର କଟକରେ ଶିକ୍ଷା ଦେଉଥିଲେହେଁ ତାହାର ପଦ୍ଧତି ସ୍ୱତନ୍ତ୍ର । ପୁଣ୍ୟର ବିଷୟ ସ୍ୱର୍ଗୀୟ ଚନ୍ଦ୍ର ନାଥଙ୍କ ସହକାରେ ସୁପରିଣ୍ଟେଣ୍ଡେଣ୍ଟ ପ୍ରମୁଖ ଗଡ଼ଜାତ ସୁପରିଣ୍ଟେଣ୍ଡେଣ୍ଟ ସାହେବ ମହୋଦୟ ମାଇନର ରାଜାମାନଙ୍କୁ ଯୌବନ ପ୍ରାରମ୍ଭରେ ଯୁଗଲ କରାଇ ଦେଲ ଉତ୍ତାରୁ ନିଜଧାମରେ ରଖି ରାଜକାର୍ଯ୍ୟ ସହ ଇଂରାଜୀ ଓ ସଂସ୍କୃତ ଶିକ୍ଷାର ବନ୍ଦୋବସ୍ତ ଯାହା କରାଇଥିଲେ ତାହା ସର୍ବତୋଭାବେ ସୁଫଳପ୍ରଦ । ତାଳଚେର ଓ ଲହଡ଼ା ନଗର ରାଜନ ଦ୍ୱୟଙ୍କ ପ୍ରତି ଏହି ବିଧି ହୋଇଅଛି । ଅଧୁନା ନରସିଂହପୁର ବଡ଼ମ୍ବାର ରାଜନ ଶ୍ରୀମନ୍ ଆଧୁନିକ ହରିଚନ୍ଦନ ମାନସିଂହ ମହାପାତ୍ରଙ୍କ ପରିଣୟ କାର୍ଯ୍ୟର ସମାଧାନ ହୋଇଅଛି । ହିତୈଷୀମାନେ ଏତେବେଳେ ତାହାଙ୍କୁ କଟକରେ ରଖି ଶିକ୍ଷା ଦେବାକୁ ଚେଷ୍ଟା କଲେ ସୁଫଳଠାରୁ କୁଫଳର ଆଶଙ୍କା ଅଧିକ । ନରସିଂହପୁର ନଗର ରାଜନ ଶିକ୍ଷାଲାଭ କରିବାକୁ ଇଚ୍ଛାଯୀ ଅଛନ୍ତି । ସୁବିଜ୍ଞ ସଜ୍ଜରିତ୍ର ଶିକ୍ଷା-କୁଶଳ-ଶିକ୍ଷକ ନିଯୁକ୍ତ କରି ରାଜକୁମାରମାନଙ୍କୁ ନିଜ ନିଜ ଗଡ଼ରେ ଶିକ୍ଷା ଦେଇ ଥିବାର ବନ୍ଦୋବସ୍ତ ହେବା ବାଞ୍ଛନୀୟ । ସଭ୍ୟଦେଶରେ ରାଜା ଜମିଦାରମାନଙ୍କ ପୁତ୍ର କନ୍ୟାମାନେ ଶିକ୍ଷା ଅବସ୍ଥାରେ ଥାଇ ଦେଶ ଭ୍ରମଣଦ୍ୱାରା ବହୁଦର୍ଶନ ଲାଭ କରିବେ ଏ ବନ୍ଦୋବସ୍ତ ଅଛି । ଶିକ୍ଷକମାନେ ଯାହା ପୋଥିରେ ପଢ଼ାଇ ଥାଆନ୍ତି ତାହା ଶିଷ୍ୟମାନଙ୍କୁ ପ୍ରତ୍ୟକ୍ଷ କରାଇ ପ୍ରକୃତ ଜ୍ଞାନରେ ଅଧିକାରୀ କରନ୍ତି । ଗଡ଼ଜାତ ଅପ୍ରାପ୍ତ ବୟସ୍କ ରାଜାମାନଙ୍କ ସମ୍ବନ୍ଧରେ ଏହି ରୀତି ପ୍ରବର୍ତ୍ତିତ କରାଇଲେ ସେମାନଙ୍କର ସଂକୀର୍ଣ୍ଣତା ରହିବ ନାହିଁ । କଳିକତା, ମାନ୍ଦ୍ରାଜ, ବମ୍ବେ, ଦିଲ୍ଲୀ, ଠାକୁରାଣୀଙ୍କ ହାତରେ ଏମାନଙ୍କ ନାକ ପଡ଼ିବ ନାହିଁ । ମନ୍ତ୍ରୀମାନଙ୍କ ଶରଣରେ ଧର୍ମବଳ ହୋଇ ରହିବେ ନାହିଁ । ତାହା ସ୍ୱାଦ ନ ଦେଖିଲେ କି ଅଛି ପିଠେ ? ଅସ୍ମାଇମାନ କି ଲୁଟେ ? ଯାବତ୍ ଲୋକ ଆପଣାକୁ ବଡ଼ ମଣୁ ଥିବ ତାବତ୍ ସେ ଅଳ୍ପ-ବୋଧ ଥିବ । ଅଳ୍ପବୋଧ ଲୋକର ଅଳ୍ପ ଦୁର୍ଗତି ନୋହେ । ରାଜା ଯେବେ ଅଳ୍ପ ବୋଧ ହୁଅନ୍ତି—ଅଳ୍ପାଶୟ ସେବକ ସେମାନଙ୍କର ସୁକାର୍ଯ୍ୟର ଘୋର ପ୍ରତିବନ୍ଧକ ହୋଇ ରାଜା, ପ୍ରଜା, ଓ ରାଜ୍ୟର ଅଶାନ୍ତି ଓ ଅକଲ୍ୟାଣର ପଥ ପ୍ରଶସ୍ତ କରିଦିଅନ୍ତି । ଦୂରଦର୍ଶୀ ବାମଣ୍ଡା ମହାରାଜ ରାଜକୁମାର ଓ ରାଜକୁମାରୀମାନଙ୍କୁ ପ୍ରତିବର୍ଷ ଦେଶ ଭ୍ରମଣରେ ନିଯୁକ୍ତ କରନ୍ତି । ସେ ରାଜ୍ୟରେ ଅଭିମାନ ଅହଙ୍କାର କିଛି ନାହିଁ । ନାନ୍ଦବୁହା ମହିଯୋଗୀଙ୍କର ଅଧିକାର କିଛି ନାହିଁ ।

" Observation is the best of all teachers " ଦର୍ଶନଜ୍ଞାନ ସବୁ ଶିକ୍ଷକଠାରୁ ବଡ଼ । ଆମ୍ଭେମାନେ ସାହସ କରି ପ୍ରସ୍ତାବ କରୁଅଛୁଁ ଆମ୍ଭମାନଙ୍କର ସୁଯୋଗ୍ୟ ଗଡ଼ଜାତ ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ରାଜପୁତ୍ରମାନଙ୍କର ଦେଶଭ୍ରମଣର ସୁବ୍ୟବସ୍ଥା କରିବେ । ଇତି ।

ହିନ୍ଦୋଳ }
୮।୫।୦୧ } ଶ୍ରୀ ଗୋଲାକନାଥ ସାମନ୍ତରାୟ

---

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ କେଶବ ପଟ୍ଟନାୟକ ଦଫ୍ତରୀ | | ୫ ୩ |
| „ ନିତ୍ୟାନନ୍ଦ ପଟ୍ଟନାୟକ କଳ୍ୟାଣପୁର | | ୨ ୩ |
| „ ବସ୍ତୁଚରଣ ପଣ୍ଡା | ସୋନ୍ଥା | ୬ ୧ |

## ବିଜ୍ଞାପନ ।


## ମଧୁପର ଉପହାର ।

" ଉତ୍କଳ ମଧୁପ " ମାସିକ ପତ୍ରିକାର ବାର୍ଷିକ ମୂଲ୍ୟ ଏଗାର ଅଣା ପଠାଇ ଗ୍ରାହକ ହେଲେ ୪୭ ପୃଷ୍ଠାରେ ସମାପ୍ତ

## ଭିକ୍ଟୋରିଆ ଚରିତ ।

ଉପହାର ଦିଆଯିବ । ଭିଃ ପିଃ ରେ ଉପହାର ପଠା ଯାଇ ମୂଲ୍ୟ ଆଦାୟ କରା ଯାଇପାରେ । ଏ ସୁବିଧା ଅଳ୍ପଦିନ ହେବା ସ୍ଥିର ହୋଇଛି ।

ଦେବଗଡ଼ ପୋଃ, } ମେନେଜର
ସମ୍ବଲପୁର } " ଉତ୍କଳ ମଧୁପ "

## NOTICE.

It is with great pleasure that the undersigned begs to announce to his friends patrons, customers and the learned members of the medical profession that the name and style "Ghose's Cheap Dispensary" by which his dispensary was so long known to all has been in sweet and sacred memory of the late most gracious Majesty Queen Victoria—Empress of India changed into "Victoria Medical Hall" and that the said Victoria Medical Hall has been formally recognised and approved by the Inspector General of Civil Hospitals Bengal as a fit place for the training of compounders.

Akshoy Kumar Ghose H. A.
Proprietor Victoria Medical Hall
(Formerly Ghose's Cheap Dispensary)
Chowdhury Bazar, Cuttack.

## A DVERTISEMENT.

Wanted a Khasmahal Clerk on Rs. 20 per month for the office of the Deputy Commissioner of Angul. The duties to be performed are both indoor and outdoor i. e. to do clerical work in the office, to inspect the model farm and Philkhana daily and to keep their accounts. None need apply who has not any knowledge in account keeping and correspondence work. Applications will be received by the undersigned up to the end of this month.

Angul Deputy Commissioner's office, 11—5—1901 } Narayan Ch. Naik, *Acting Deputy Commissioner.*

## WANTED.

A Head master for Bahugram M. E. School on a salary of Rs. 18 per mensem. Apply to Babu Hari Prasad Basu, Secy., P. O. Bahukud.

## NOTICE.

Is hereby given that the post of 3rd Clerk is vacant in this Office on a salary of Rs. 25 per mensem. None need apply who has not passed the Entrance Examination or who has not acquired experience in Office work.

Manager's Office }
DHENKANAL, } R. B. NAIK
1—5—1901. } *Manager*

## ବିଜ୍ଞାପନ ।

ବୃହତ୍ ଏକାଦଶସ୍କନ୍ଧ ।
( ମୂଳପଦ ଓ ଜଣ୍ଡମାଳୀ ସହିତ )
ଉତ୍କୃଷ୍ଟ କାଗଜରେ ଛପା ।
ମୂଲ୍ୟ ପ୍ରତିଖଣ୍ଡ ୮ ୦ ୯ ବାର ଅଣା ।
କଟକ ପ୍ରିଣ୍ଟିଙ୍ଗ୍ କମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।


Split by PDF Splitter
Digitized by srujanika@gmail.com

Split by PDF Splitter



## WANTED.

A Kanungo for the Khondmal Sub-Division, District Angul salary of Rs. 50 per mensem.

Applicant must be a passed Surveyor possessing a knowledge of English and experience in settlement work.

Applications with testimonials will be received by the undersigned 'till the 15th June next.

CUTTACK
The 14th May 1901

SUDAM CH: NAIK.
*Assistant Superintendent.*
Tributary Mahals Orissa

## NOTICE.

Candidates for admission into the English Training Classes of the Cuttack Training School should apply to the undersigned on or before the 15th June next. Ten stipends for the 2nd grade teachership class and an equal number of stipends for the 3rd grade teachership class will be awarded on receipt of applications.

Candidates for 3rd grade certificates should have passed the Entrance Examination, and those for 2nd grade certifiactes should have passed the First Arts Examination. In default of candidates who have passed the Entrance or First Arts Examination candidates will be admitted who have failed in not more than one subject at either examination, provided they have passed in English.

The Department has ruled that in the case of all appointments whether in schools under public management, or in aided or unaided schools, and in the appointment of Sub-Inspectors of Schools, preference shall in future be given to the holders of Teachership Certificates.

Cuttack
The 13th
May 1901

MADHUSUDAN RAO
*Headmaster*
TRAINING SCHOOL
CUTTACK.

## ବିଜ୍ଞାପନ ।

କଟକ ଟ୍ରେନିଂ ବା ନର୍ମାଲ ସ୍କୁଲର ପଣ୍ଡିତ ବିଭାଗରେ କେତେ ଗୋଟି ବୃତ୍ତି ଖାଲି ଅଛି । ପ୍ରାର୍ଥୀମାନେ ଅଗାମୀ ଜୁନମାସ ତା ୧୯ ଖ ରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଉପସ୍ଥିତ ହୋଇ ଆବେଦନ କରିବେ ।

କଟକ ଟ୍ରେନିଂ ସ୍କୁଲ
ତା ୧୩ ମଇ ୧୯୦୧

Madhu Sudan Rao
ହେଡ଼ମାଷ୍ଟର ଟ୍ରେନିଂସ୍କୁଲ
କଟକ

## ବିଶେଷ ସମ୍ବାଦ ।

କୌଣସି ବ୍ୟକ୍ତିର ମୃତ୍ୟୁ ହେଲେ ଅନ୍ୟ କୌଣସି ବ୍ୟକ୍ତି ଅତି ସହଜରେ ନିରାପଦରେ ଓ ସାମାନ୍ୟ ବ୍ୟୟରେ ଅପେକ୍ଷାକୃତ ଅଧିକ ଟଙ୍କା ଲାଭ କରି ପାରନ୍ତି । ଏହି କାର୍ଯ୍ୟ ଓ କାର୍ଯ୍ୟ ପ୍ରଣାଳୀ ବିସ୍ତୃତ ନିମନ୍ତେ ଇଂରାଜୀ ଜାଣିବା ଲୋକ ଆବଶ୍ୟକ । ଯେଉଁମାନେ ଏହି କାର୍ଯ୍ୟ ପ୍ରାର୍ଥୀ ହେବାକୁ ଇଚ୍ଛାକରନ୍ତି ସେମାନେ "କଲିକତା ୧୧-୩ ନମ୍ବର ହାରିସନ ରୋଡ଼ ମ୍ୟାନେଜର ସି, ପି ଆଇ" ଠିକଣାରେ ଏହି ପତ୍ରିକାର ନାମ ଉଲ୍ଲେଖ କରି ଇଂରାଜୀରେ ପତ୍ର ଲେଖିଲେ ସବିଶେଷ ଜାଣି ପାରିବେ ।

11-3 Harrison Road Calcutta.

## NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent*
*Cuttack.*

## ମହାରାଣୀ ।



ପରଲୋକଗତା ମହାରାଣୀ ଭିକ୍ଟୋରିୟାଙ୍କର ଜୀବନ ଚରିତ ଓଡ଼ିଆଭାଷାରେ ମୁଦ୍ରିତ ହୋଇ ଅଛି । ଏଥିରେ ତାଙ୍କର ଜନ୍ମ, ବାଲ୍ୟାବସ୍ଥା, ଶିକ୍ଷା, ଅଭିଷେକ, ବିବାହ, ପୁତ୍ର କନ୍ୟା ଓ ସେମାନଙ୍କର ବିଦ୍ୟା ଶିକ୍ଷା, ରାଜ୍ୟ, ଶାସନର ଫଳ ଓ ମୃତ୍ୟୁ ବର୍ଣ୍ଣିତ ହୋଇଅଛି । ଉତ୍କଳ ନାଲ ବର୍ଣ୍ଣ ସ୍ୟାହିରେ ଛପା ଓ ଅନେକଗୁଡିଏ ଛବି ଦିଆଯାଇଥିବାରୁ ପୁସ୍ତକଖଣ୍ଡି ଅତି ସୁନ୍ଦର ହୋଇ ଅଛି । ଓଡ଼ିଆଭାଷାରେ ଆଜପର୍ଯ୍ୟନ୍ତ ଏପରି ପୁସ୍ତକ ଛପା ହୋଇ ନ ଥିଲା । ମୂଲ୍ୟ ପାଞ୍ଚଅଣା ମାତ୍ର । କଟକ ଦରଘାବଜାର ପ୍ରିଣ୍ଟିଂକୋମ୍ପାନୀଙ୍କ ସେକ୍ରେଟେରୀଙ୍କ ନିକଟକୁ ପତ୍ର ଲେଖିଲେ ପୁସ୍ତକ ପାଇ ପାରିବ । ଛାତ୍ରମାନେ ଦଶଖଣ୍ଡ ପୁସ୍ତକ ଏକସଙ୍ଗେ ନେଲେ ଖଣ୍ଡିଏ ପୁସ୍ତକ ବିନା ମୂଲ୍ୟରେ ପାଇବେ ।

## ବନାରସ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର ଅଠମଲ୍ଲିକ, ରାଇରଙ୍ଗପୁର, ସରାଇକଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ସାଢ଼ୀ, ଧୋତି, ଟୋପି, ଚେଲା, ବଂଶାପ, ବାପ୍ତା ସଙ୍ଗୀ, ଦୋପଟା ମନ୍ଦିଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ଜହାଦ ଖଚିତ ଅଙ୍ଗରଖା ପ୍ରଭୃତି ଛଡ଼ା ସୁନା ରୁପାର ବାସନ, କାଞ୍ଚନ କାଉଦା ପ୍ରଭୃତି ବରାତ ଅନୁସାରେ ତିଆରି କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି, ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ

ଭେଲ୍ୟୁପେଏବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାଲ୍ଟମାଲ ଭୋଲାନାଥ
କୁଞ୍ଜଗଲି ଫାଟକ ବନାରସ ସିଟି

## DANZIN

ଓଲିଭିଆ ଜଗତର ସେହି ଉଜ୍ଜ୍ୱଳ ରତ୍ନ ! !
ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଡ୍ୟାନ୍ ଜିନ ! ! !

ଅନେକଙ୍କର ବିଶ୍ୱାସ ଅଛି ପାପ ଓ ଶରୀରର କଷ୍ଟ ଶରୀରରେ ପ୍ରବେଶ ହେଲେ ତାହିଁରେ

Digitized by srujanika@gmail.com

ତାହା ଦୃଷ୍ଟିଭୂତ ହୁଏ ନାହିଁ କିନ୍ତୁ ଡ୍ୟାକ୍ ଲିନ୍ ପ୍ରାୟ ଅର୍ଦ୍ଧ ଶତାବ୍ଦି ଅତୀତ ହେଲା ଲୋକଙ୍କର ସେହି ବିଶ୍ୱାସ ଦୂର କରଅଛି ଆଜି ଜଗତର ଲୋକେ ଏକବାକ୍ୟରେ ସ୍ୱୀକାର କରୁଅଛନ୍ତି ଯେ, ଡ୍ୟାକ୍ ଲିନ୍ ସେହି ସମସ୍ତ ରୋଗର ଏକମାତ୍ର ମହୌଷଧ ।

ପାଞ୍ଚିର ଘା, ଗରମିର ଘା, ଡାଡ଼ିର, ଦଗ-ଦ୍ଦର, କାଶୀ, କାଲିସା, ଚାକ୍ ଓ ମୁଖଭିତରର ଘା, ଦେହର ଚକାଚକା ଦାଗ, ହାତ ଓ ଗୋ-ଡ଼ତଳର ଚମଫାଟିବା, ଦନ୍ତପଦ ଜ୍ୱାଳା, ଚକ୍ଷୁରୁ ଜଳ ପଡ଼ିବା, ମୁଣ୍ଡଧରା, ମୁଣ୍ଡବୁଲାଇବା, ମସ୍ତିଷ୍କ ଜ୍ୱାଳା କରିବା, ଲୁଣ୍ଡିଆ, ଦାଦୁ, ଇତ୍ୟାଦି ରୋଗର ମହୌଷଧ । ମେହ, ପ୍ରମେହ, ପୂଜସହିତ ଧାତୁ ନିର୍ଗତ ହେବା, ପ୍ରସ୍ରାବ କରିବା ସମୟରେ ଜ୍ୱାଳା, ପ୍ରସ୍ରାବର ଅଗ୍ରେ ବା ପଶ୍ଚାତ୍ ସୂତାପରି ପଦାର୍ଥ ବାହାରିବା, ଲୁଗାରେ ଦାଗ ଲାଗିବା, ମୂତ୍ରକୃଚ୍ଛ୍ର, ପ୍ରସ୍ରାବର ଅଳ୍ପତା ବା ଆଧିକ୍ୟ, ରତିଶକ୍ତି ହ୍ରାସତା, ଅଶ୍ୱାଭାବିକ ସାର୍ଯ୍ୟସ୍ଖଳନ, ଏମନ୍ତ କି ଧ୍ୱଜଭଙ୍ଗ ପର୍ଯ୍ୟନ୍ତ ଆରୋଗ୍ୟ କରି ଲୋକଙ୍କର ଦୃଢ଼ବିଶ୍ୱାସ ଜନ୍ମାଇଅଛି ।

ସ୍ତ୍ରୀବ୍ୟାଧି ଯଥା;—କଷ୍ଟରଜ, ଋତୁକାଳୀନ ପେଟର ବେଦନା, ଅଳ୍ପ ବା ଅଧିକ ପରିମାଣେ ରକ୍ତସ୍ରାବ, ଅନିୟମିତ ଭାବେ ଋତୁ ହେବା ପ୍ରଭୃତି ରୋଗରେ ଡ୍ୟାକ୍ ଲିନ୍ ବ୍ରହ୍ମାସ୍ତ୍ର ସ୍ୱରୂପ

ଡ୍ୟାକ୍ ଲିନ୍ ବାତରୋଗର ଅମୋଘ ଔଷଧ । ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ଶରୀରରେ ନୂତନ ରକ୍ତ ଜନିବା ବୃଷ୍ଟିକର ସବଳ ଓ ପୁଷ୍ଟି କରେ ।

ଡ୍ୟାକ୍‌ଲିନ୍ ଖାଲଖାପରି ରୋଗକୁ ଗୁପ୍ତ ରଖେ ନାହିଁ । ଡ୍ୟାକ୍‌ଲିନ୍‌ଦ୍ୱାରା ରୋଗ ଆରୋଗ୍ୟ ହେଲେ ପୁନର୍ବାର ଆକ୍ରମଣର ଭୟ ନ ଥାଏ ।

ଡ୍ୟାକ୍ ଲିନ୍ ସେବନର କୌଣସି କଟା ନିୟମ ନାହିଁ । ସକଳ ଋତୁ ଓ ସକଳ ଅବସ୍ଥାରେ ସେବନ କରାଯାଏ । ୧ ବୋତଲ ଔଷଧ ୮ ୧୫ ଦ ବ୍ୟବହାର କରାଯାଏ ।

ମୂଲ୍ୟ ।

ପ୍ରତିବୋତଲ ଟ ୧୷ ୬ ବୋତଲ ଟ ୭୷
" " ଟ ୪୯ ୧୨ " ଟ ୧୪୯

ଯାହାଙ୍କ ୧ଠାରୁ ୩ବୋତଲ ଟ୦। ଅଣା, ୪ ଠାରୁ ୬ବୋତଲ ଟ୦।୵ ଅଣା; ଡାକମାସୁଲ ସ୍ୱତନ୍ତ୍ର ଏକମାତ୍ର ଆବିଷ୍କାରକ ।

ଡାକ୍ତର କେ,ଟୀ,ମାଟ୍ଟିନ । ସୋଲ ଏଜେଣ୍ଟ।—
ଇଣ୍ଡିଆ, ବର୍ମା ଏବଂ ସିଲୋନ
ଅଲି, କ, କ, ଏଣ୍ଡ କୋଂ
୬୩।୧ନମ୍ବର ବାରାଣସୀ ଘୋଷ ଷ୍ଟ୍ରିଟ କଲିକତା




# ସୁଗନ୍ଧ ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଇଚ, ବସୁଙ୍କ କାରଖାନାରେ ପ୍ରସ୍ତୁତ ।

## କୁନ୍ତଳୀନ

ଏହି ତୈଳ କେଶ ସମ୍ବର୍ଦ୍ଧନ କରେ ଏହାଦ୍ୱାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଝଡ଼ିପଡ଼ୁଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ଯଥା:— ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା, ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା, ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା, ଯୂଇଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

## ଏକ୍ସଟ୍ରାକ୍ଟ ଅଥବା ଏସେନସ୍ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରାଯାଇ ଏହି ଚଉଦ ପ୍ରକାର ଏସେନ୍ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ଗୁଲେନୋଲ; ମଲ୍ଲିକା; ହାସ୍ନାହେନା; ରଜନୀଗନ୍ଧା; ମଲ୍ଲିକା; ଦେଲଖୋସ; ହ୍ୱାଇଟ୍ ରୋଜ୍; ବକୁଲ ରୋଜ୍; ବେଣାଚେରି; କୁମୁଦିନୀ; ମିଶ୍ରକୁସୁମ; ହେନାକୁସୁମ; ପାରିଜାତ-କୁସୁମ; ଇଲାଙ୍ଗଇଲାଙ୍ଗ ବୋଲି । ମୂଲ୍ୟ ଏକଶିଶି ଏକଟଙ୍କା ମାତ୍ର ।

## ଲ୍ୟାଭେଣ୍ଡର ।

କସ୍ତୁରୀ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲ୍ୟାଭେ-ଣ୍ଡର ଓ୍ୱାଟର ବଡ଼ଶିଶି ବାରଅଣା, ସାନଶିଶି ଆଠଅଣା ।

## ପମେଟମ

ଗୋଲାପି ପମେଟମ ଆଠଅଣା; ସୁଗନ୍ଧ ପମେଟମ ପାଞ୍ଚଅଣା ।

## ତାମ୍ବୂଲୀନ

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅଦ୍ଭୁତ ସାମଗ୍ରୀ । ଗୁଣ୍ଡି ସଙ୍ଗରେ ଅଳ୍ପ ମିଶାଇ ଦେଲେ ଗୁଣ୍ଡି ମହକିଯିବ । ମୂଲ୍ୟ ପ୍ରତି ଶିଶି ଆଠଅଣା

## ସରବତ ଅଥବା ସିରପ୍

ଗ୍ରୀଷ୍ମକାଳ ସକାଶେ ଏହାଠାରୁ ଉଲିକନସ ଅନ୍ୟ ନାହିଁ ।

ଲିମନ ସିରପ୍ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ରୋଜ୍ ସିରପ୍ ଏକଟଙ୍କା । ଗୋଲଡେନ ସିରପ୍ ଏକଟଙ୍କା

## ଗୋଲାପଜଳ ।

ପ୍ରତି ଶିଶି ଦେଢ଼ଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯାଏ । ଭାରତବର୍ଷର ପ୍ରଧାନ ପ୍ରଧାନ ମହାରାଜା ଓ ରାଜା ଓ ବଡ଼ ବଡ଼ ସମ୍ଭ୍ରାନ୍ତ-ବ୍ୟକ୍ତିମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପାଇକା ଓ ଡାଏଲ୍ ଦରା ମୂଲ୍ୟରେ ପଠାଯାଏ ।

ଠିକଣା:—

| | |
|---|---|
| ଏଇଚ ବସୁ<br>୬୨ନମ୍ବର ବହୁବଜାର ଷ୍ଟ୍ରିଟ<br>କଲିକତା | H. BOSE,<br>62 Bow Bazar<br>Street<br>Calcutta. |

କଟକରେ "ଉଦ୍ଯୋଗ ସମିତିର ଭଣ୍ଡାର"ରେ ଓ କଟକ ଟ୍ରେଡିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ଏହି ଜିନିଷ ମିଳିବ ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ୵୦୯ |
| ଅଧସ୍ତମ୍ଭକୁ | ୫୵୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ୮ ୭୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ଖର୍ଚ୍ଚ ୫୦ ୯ ଠାରୁ ଊଣା ହେବ ନାହିଁ

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଅଧା ଓ ଚତୁର୍ଥାଂଶ ଯଥାକ୍ରମେ ହେବ ।

ଅଧିକ ଦିନ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇ-ବାକୁ ହେବ ।

ଏହି ଉତ୍କଳଦୀପିକା ପ୍ରତି ଶନିବାର କଟକ ପ୍ରିଣ୍ଟିଂ କମ୍ପାନି ଯନ୍ତ୍ରରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୩୬ ଭାଗ | ୧୯ଶେ ଜ୍ୟେଷ୍ଠ ଶୁକ୍ଳ ପକ୍ଷ ୧୯୦୧ ଶନିବାର । ୧ଲା ଜୁନ୍ ସନ ୧୯୦୧ ଏକ ଟଙ୍କାର | ଅଗ୍ରୀମ ୨ ୩୯

ସଂ ୨୨ ସଂଖ୍ୟା | ପଶ୍ଚାଦ୍ଦେୟ ୨ ॥୦

TELEGRAM.

*From the Superintendent of Puri Temple, Puri, 25—5—01.*

Snanjatra and Srigundicha festivals of Jaganath come off on 2nd and 18th June next respectively as in Orissa Almanacs.

---

ଦେଶୀୟ ଭାଷା ଶିକ୍ଷା ଦାନର ନୂତନ ପ୍ରଣାଳୀ ଅନୁସାରେ ପାଠ୍ୟ ପୁସ୍ତକ ପ୍ରସ୍ତୁତ କରିବାର ସମୟ ଅବଧି ସେପ୍ଟେମ୍ବର ତା ୧ ରିଖ ଏବଂ ଡିସେମ୍ବର ମାସ ତା ୧ ରିଖ ଧାର୍ଯ୍ୟ ହୋଇଥିଲା । ସମ୍ପ୍ରତି ବଙ୍ଗ ପ୍ରଦେଶର ଲେଫ୍ଟେନାଣ୍ଟ ଗବର୍ଣ୍ଣରଙ୍କ ଆଦେଶ କ୍ରମେ ସେହି ସମୟ ଅବଧି ସନ ୧୯୦୨ ସାଲ ଜାନୁୟାରୀ ମାସ ତା ୧ ରିଖ ପର୍ଯ୍ୟନ୍ତ ବିସ୍ତୃତ ହୋଇଅଛି ।

---

ଚୀନଯୁଦ୍ଧକୁ ପ୍ରେରିତ ହେବା ସୈନ୍ୟ ଜାନ୍ୟ ଛାଉଣୀ ଉପଲକ୍ଷରେ ଯେ ସମସ୍ତ ଭାରତବାସୀ ନିଯୁକ୍ତ ହୋଇ ଯାଇଥିଲେ ସେମାନଙ୍କ ପରିବାର-ବର୍ଗର ସାହାଯ୍ୟ ନିମନ୍ତେ ଭାରତର ପାଇସନ ହାଉସ ଦେବା ପାଇଁ ୪ ୩୦୦୦୦ ଟଙ୍କା ସ୍ଥିର ହୋଇଅଛି ଏବଂ ତାହା ବାଣ୍ଟି ଦେବା କାରଣ ସିମଲାଠାରେ ଗୋଟିଏ କୈନିକ ସଦର ମହକୁମା ଦେଇଅଛି । ସାହାଯ୍ୟ ପ୍ରାର୍ଥନାର ଆବେଦନ ସେହି ମହକୁମାକୁ ପଠାଯିବ ।

---

ଏ ନଗର ଗୋଖାଳପାଡାରେ ବଲଦାବୁଳ ହୋଟାରେ ନଇବତା ଯୁଏଟେ ଦଳର ଅପ-ନୟ କାର୍ଯ୍ୟ ଉକ୍ତରୂପେ ଚାଲୁଅଛି । ପ୍ରତି ଶନି-ବାର ରବିବାର ଏବଂ ବୁଧବାର ହେଉଅଛି ଏବଂ ଦର୍ଶକ ସନ୍ତୋଷ ହେଉଅଛନ୍ତି । ଦୃଶ୍ୟ ପଟମାନ ନୂତନ ଏବଂ ସୁନ୍ଦର ଏବଂ ଅଭିନେତାମାନେ ସୁଦକ୍ଷ । ରାମପ୍ରସାଦ ଏବଂ କୃଷ୍ଣଚରିତ ଅଭିନୟ ଦେଖିଲେ ଭକ୍ତି ଭାବରେ ମନ ଆର୍ଦ୍ର ହୋଇ ଯାଏ । ଏହା ଦେଖିବାର ଯୋଗ୍ୟ ଅଟେ ।

---

ଭାରତର ଦୁର୍ଭିକ୍ଷ ଅନୁସନ୍ଧାନ ନିମନ୍ତେ ବଙ୍ଗ-ଳରେ ସର ଉଇଲିୟମ ଯେଉଁ ସମିତି ସ୍ଥାପନର ପ୍ରସ୍ତାବ କରିଅଛନ୍ତି ଶୁଣି ଆନନ୍ଦିତ ହେଲୁଁ ଯେ ବଙ୍ଗଳର ଉଭୟ ଦଳର ଅନେକ ଯୋଗ୍ୟଲୋ-କଙ୍କ ମନକୁ ତାହା ଯାଉଅଛି ଏବଂ ଭାରତ ଫେରତା ଇଂରାଜ ସମ୍ପ୍ରଦାୟର କେତେକ ବନ୍ଧୁ ଲୋକ ତହିଁର ଅନୁକୂଳରେ ଚେଷ୍ଟା କରୁଅ-ଛନ୍ତି । କଥିତ ଅଛି ତହିଁର ବ୍ୟୟ ଯାଇଣ ଅନୁଦାନରେ ଗୋଟିଏ ସଭା ବସିବ ଏବଂ ଗୋଟିଏ କମିଟି ଗଠିତ ହେବ ।

---

କାଶ୍ମୀର ଡେପୁଟି କଲେକ୍ଟର ବାବୁ ବଳରାମ ଦାସଙ୍କ ବଦଳିରେ ଶ୍ରୀ ଗୋବିନ୍ଦ ରଥ ଯେଉଁ ଆବେଦନପତ୍ର ଭଲ ହାକିମଠାରୁ ଗବର୍ଣ୍ଣମେଣ୍ଟ ପର୍ଯ୍ୟନ୍ତ ପଠାଇଅଛନ୍ତି ଓ ତହିଁରେ କଲ କଲେକ୍ଟର ଓ ବିଭାଗୀୟ କମିଶନର ଯେଉଁ ଆଦେଶ ଦେଇଅଛନ୍ତି ତାହା ପାଠକମାନଙ୍କୁ ଜଣାଉଛୁ । ସମ୍ପ୍ରତି ଅବଗତ ହେଲୁଁ ଯେ ଡାଲକତାର ରେଭେନ୍ୟୁ ବୋର୍ଡ ସେହି ଆବେଦନପତ୍ର ବଦଳି ନିମନ୍ତେ କମିଶନର ସାହେବଙ୍କ ନିକଟକୁ ପଠାଇଅଛନ୍ତି ।

---

ବଙ୍ଗପ୍ରଦେଶର ଭୂମି ସଂକ୍ରାନ୍ତ କାଗଜ ପତ୍ର ଏବଂ କୃଷି ବିଭାଗର ଡାଇରେକ୍ଟର ସାହେବଙ୍କର ରିପୋର୍ଟ ଏକ ଗତମାସ ତା ୨୩ ରିଖର ବାଲେ-ଶ୍ୱର ସମ୍ବାଦବାହିକାରେ ପ୍ରକାଶିତ ହୋଇଅଛି । ତହିଁର ମର୍ମ ଏହି ଯେ ଗତ ବନ୍ଦୋବସ୍ତ ସମ୍ବନ୍ଧୀୟ ମଉଜାବାର ସରଭେମ୍ୟାପ ଅର୍ଥାତ୍ ନକ୍ସ-ନକସାମାନ ପ୍ରସ୍ତୁତ ହେଉଅଛି । ପ୍ରଥମେ ବାଲେଶ୍ୱର ଜିଲ୍ଲାର ନକସାମାନ ପ୍ରସ୍ତୁତ ହେବ । ଜମିଦାରମାନେ କଲେକ୍ଟରଙ୍କ ସାହେବଙ୍କଠାରେ ସମୟମତେ ଆବେଦନ କଲେ ଯେଉଁ ମୌଜାର ନକସା ନିମନ୍ତେ ପ୍ରସ୍ତୁତ ହୋଇଥିବ ତାହା ପାଇପାରିବେ । ମାତ୍ର ନକସା ସବୁ ମିଳିବାକୁ ଅନ୍ତତଃ କେତେକମାସ ବିଳମ୍ବ ଅଛି । ଏଥିରୁ ଜଣାଯାଏ ଯେତେବେଳେ ଛାପା ନକସା ସବୁ ବିକ୍ରୟ ହେବାକୁ ଆସିବ ତହିଁ ପୂର୍ବରୁ ଅନେକ ଲୋକ କଲେକ୍ଟର ମହାପିଜଣାକାରୁ ହାତଲେଖା ନକଲ ନେଇ ସାରିଥିବେ । ଛାପା ନକସା ଅଭା-ବରେ ମାମଲା ବନ୍ଦ ରହିପାରିବ ନାହିଁ ।

---

ବଙ୍ଗ ପ୍ରଦେଶ ମଧ୍ୟରେ ପ୍ରଥମେ କେବଳ ଚଟ୍ଟଗ୍ରାମ ବିଭାଗର ଲୋକମାନେ ପଣ୍ଡାକୁ ସାକ୍ଷୀ ସ୍ୱରୂପ ଦିବାର ଅନୁମତି ପାଇଥିଲେ । ପରେ ଢାକା ଦାସପୁର, ଓଡିଶା, ଢାକୁ ଏବଂ ରାଜସାହୀ ବିଭାଗମାନଙ୍କର ଲୋକଙ୍କୁ ସେ ଅଧିକାର ଦିଆ ଗଲା । ଏକ୍ଷଣି ଚଟ୍ଟଗ୍ରାମ ନଗର ସାକ୍ଷୀ ଗମନାଗମନର ପ୍ରଧାନସ୍ୱରୂପ ନିରୂପିତ ହୋଇଅଛି ଏବଂ ସେଠାରେ ପ୍ଲେଗ ପରୀକ୍ଷାର ପଦ୍ଧତି ସ୍ଥାପିତ ହୋଇଅଛି । ପ୍ରଥମ ବର୍ଷ ଅର୍ଥାତ୍ ସନ ୧୮୯୭।୯୮ ସାଲରେ କେବଳ କ ୨୦୩ ଶ ଯାତ୍ରୀ

Split by PDF Splitter

Digitized by srujanika@gmail.com

ହୋଇଥିଲେ ମାତ୍ର ତାହା କ୍ରମଶଃ ବୃଦ୍ଧି ହୋଇ ଗତ ବର୍ଷ ଅର୍ଥାତ୍ ସନ ୧୯୦୦।୧୯୦୧ ସାଲରେ ୮୬।୬୦ ଣ ହୋଇଥିଲେ । ସେମାନଙ୍କ ମଧ୍ୟରେ ଏହା ବଙ୍ଗ ଦେଶର ଲୋକ ଜ ୧୬୯୧ ଣ ଥିଲେ । କ୍ରମାଗତ ଯାତ୍ରୀ ବୃଦ୍ଧି ହେବାର ଦେଖି ଚଟ୍ଟଗ୍ରାମର ମାଜିଷ୍ଟ୍ରେଟ ଯାତ୍ରୀ ଘଉଣିର ବନ୍ଦର ଅନ୍ତରରେ ଗୋଟିଏ ପକ୍କା ଘଉଣି ସ୍ଥାପନର ପ୍ରସ୍ତାବ କରିଅଛନ୍ତି ଏବଂ ତାହା ମାନ୍ୟବର ବଙ୍ଗେଶ୍ୱର ବାହାଦୁରଙ୍କର ବିବେଚନାଧୀନରେ ଅଛି ।

---

ପାଠକମାନଙ୍କର ସ୍ମରଣ ଅଛି ଯେ ଫରାସି-ରାଜ୍ୟର ପ୍ରଧାନ ପାରିସନଗରରେ ଦୁଇବର୍ଷ ତଳେ ଯେଉଁ ମହା ପ୍ରଦର୍ଶନୀ ହୋଇଥିଲା ଓ ଭାରତର ଜଣେ ମଲ୍ଲ ସେଠାରେ ମଲ୍ଲ କ୍ରୀଡାରେ ଅନେକଙ୍କୁ ପରାସ୍ତ କରି ଭଲ ପୁରସ୍କାର ପାଇଥିଲେ । ସେହି ମହାବୀରଙ୍କର ନାମ ଗୋଲାମ ହୋସେନ ଏବଂ ତାହାଙ୍କ ଘର ପଞ୍ଜାବ ଅନ୍ତର୍ଗତ ଅମୃତସର ନଗରରେ । ମଲ୍ଲସାଧନ ବା ପହଲବାନ୍ ତାହାଙ୍କର ପୈତୃକ ବ୍ୟବସାୟ । ପାରିସରୁ ଫେରିଆସି ଭାରତର ନାନାସ୍ଥାନ ଭ୍ରମଣ କରିବାକୁ ଅଳ୍ପଦିନ ହେଲା କଲିକତାକୁ ଆସିଥିଲେ । ସେଠାରେ ଗତ ଶନିବାର ସେ ଅନ୍ୟ ଏକଜଣ ମଲ୍ଲ ସହିତ ମଲ୍ଲଯୁଦ୍ଧ କରିବାର ବିଜ୍ଞାପନ ବାହାରିଥିଲା ଏବଂ ସାରେ ଶହହଜାର ଟଙ୍କା ବାଜି ଲାଗିଥିଲା, ମାତ୍ର ଦୁଃଖର ବିଷୟ ଯେ ତହିଁପୂର୍ବ ସୋମବାର ହଠାତ୍ ତାହାଙ୍କର ମୃତ୍ୟୁ ହେଲା । ସେଦିନ ସକାଳେ ନିୟମିତ ରୂପେ ମଲ୍ଲ ସାଧନ କରିଥିଲେ କିଛି ଅସୁଖ ନ ଥିଲା । ମାତ୍ର ମାଂସଭକ୍ଷଣରୁ ଅକସ୍ମାତ୍ ପୀଡିତ ହୋଇ ପ୍ରାଣ ତ୍ୟାଗ କଲେ । ତାହାଙ୍କର ବୟସ ବ[illegible]ର୍ଷ ହୋଇଥିଲା ।

---

ପୁରୀର ସମ୍ବାଦଦାତା ଲେଖିଅଛନ୍ତି ଯେ ସେଠାକୁ ରଙ୍ଗପୁରରୁ ଯେଉଁ ଅତିରିକ୍ତ ମୁନସଫ ଆସିଅଛନ୍ତି ସେ ଆପଣା ସଙ୍ଗେ ଆମଲା ନେଇ ଆସିଅଛନ୍ତି । ଆମଲାମାନେ ସମସ୍ତେ ବଙ୍ଗାଳୀ, ଓଡ଼ିଆ ଭାଷା କେହି ଜାଣନ୍ତି ନାହିଁ । ସୁତରାଂ ସେମାନେ ଏକ ପ୍ରକାର ପେନସନ ଭୋଗ କରୁଅଛନ୍ତି ଓ ତାଇଦନବିସମାନେ କାର୍ଯ୍ୟ ଚଳାଉଅଛନ୍ତି । ଏଥିରେ ସରକାରୀ କାର୍ଯ୍ୟର ମାମଲତକାରମାନଙ୍କର ଯେ ସବୁ ଅସୁବିଧା ଓ ବ୍ୟାଘାତ ଘଟୁଅଛି ତାହା ନ କହିଲେ ମଧ୍ୟ ସର୍ବସାଧାରଣ ଅନାୟାସରେ ବୁଝି ପାରିବେ । ଆମ୍ଭେମାନେ ଏ ବିଷୟ ଜିଲା ଜଜ୍ ସାହେବଙ୍କୁ ଜଣାଇ ବିଶେଷ ଅନୁରୋଧ କରୁଅଛୁ କି ସେ ଅବିଲମ୍ବେ ବିହିତ ପ୍ରତିକାର କରିବେ । ଅଦାଲତରୁ ଦଗୃର ପାଇବାର ବିଳମ୍ବ ଏବଂ ସର୍ବାନ୍ତ ଗୋଟିଏ ଡାକ ବଡନ ପଡ଼ ହୋଇଅଛି । ଅନିବାର୍ଯ୍ୟ କାରଣରୁ ତାହାର ବଳ ନାହିଁ ସତ୍ୟ ମାତ୍ର ଯେଉଁମାନେ ଅଦାଲତର ଭାଷା ନ ଜାଣନ୍ତି ସେମାନଙ୍କୁ ନିଯୁକ୍ତ କରି ବସାଇରଖି ବିନା ବେତନର ଲୋକଙ୍କ ଦ୍ୱାରା କାର୍ଯ୍ୟ ଚଳାଇବାର ଅନିଷ୍ଟକାରିତା ଜାଣି ଶୁଣି ତାହା ନିବାରଣର ଉପାୟ ନ କରିବା ଜ୍ଞାନକୃତ ତ୍ରୁଟି ଭିନ୍ନ ଆଉ କି ବୋଲାଯିବ ।

---

ମଇ ମାସ ତା ୨୪ ରଖ ଭିକ୍ଟୋରିଆ ମହାରାଣୀ ଭାରତେଶ୍ୱରୀଙ୍କ ଜନ୍ମ ଦିନ ଥିବାରୁ ପ୍ରତି ବର୍ଷ ସେ ଦିନ କଚେରି ବନ୍ଦ ହେଉଥିଲା ଏବଂ ତାହାଙ୍କର ବିଶାଳ ସାମ୍ରାଜ୍ୟର ଅସଂଖ୍ୟ ପ୍ରଜା କେତେ ଆନନ୍ଦ ଉତ୍ସବରେ ସେ ଦିନ ଅତିବାହିତ କରୁଥିଲେ । ଗତ ପୂର୍ବ ଶୁକ୍ରବାର ସେହି ମଇ ମାସ ତା ୨୪ ରଖ ପଡିଥିଲା । ମାତ୍ର ଭାରତେଶ୍ୱରୀ ଭିକ୍ଟୋରିଆ ଦେବୀ ତହିଁ ପୂର୍ବରୁ ସ୍ୱର୍ଗାରୋହଣ କରିଥିଲେ । ସୁତରାଂ ସେ ଦିନ ତାହାଙ୍କ ଜନ୍ମୋତ୍ସବ ଉପଲକ୍ଷରେ କଚେରି ବନ୍ଦ ହେବାର କଥା ନ ଥିଲା । ମାତ୍ର ଆମ୍ଭମାନଙ୍କର ବର୍ତ୍ତମାନ ନବ ଭାରତ ସମ୍ରାଟ୍ ପ୍ରଗାଢ ମାତୃଭକ୍ତି ପ୍ରଯୁକ୍ତ ତାହାଙ୍କର ସ୍ମରଣାର୍ଥେ ସେହି ଦିନ କଚେରି ବନ୍ଦ କରିବାର ଆଦେଶ ଦେବାରେ ତାହା ହୋଇଥିଲା ଏବଂ ପ୍ରତିବର୍ଷ ସେ ଦିନ ଆନନ୍ଦରେ ଭିକ୍ଟୋରିଆଙ୍କର ଦୀର୍ଘଜୀବନ ଏବଂ ଅତୁଳ ଐଶ୍ୱର୍ଯ୍ୟ କାମନା କରିବା ସ୍ଥଳେ ଏବର୍ଷ ପ୍ରଜାବର୍ଗ ମହାବିଷାଦରେ ତାହାଙ୍କର ଅନୁପମ ଗୁଣାବଳୀ ସ୍ମରଣପୂର୍ବକ ବିଳାପ କରିଥିଲେ । ଏହାହିଁ ସଂସାରର ଲୀଳା । ଭିକ୍ଟୋରିଆ ଦେବୀଙ୍କର ମୃତ୍ୟୁଶୋକ ଶୀଘ୍ର ବିସ୍ମୃତ ହେବାର ନୁହେ ।

---

ଗତ ରବିବାର ରାତ୍ରି ସ ୧୦ ଟା ସମୟରେ ଏ ନଗର ଟେସଣ ବଜାର ଅନାଥ ସାହୁ ଘରେ କିପରି ନିଆଁ ଲାଗିଲା ଜଣା ନାହିଁ । ଶଗ କେତେ ପବନର ସହାୟ ପାଇ ଅଗ୍ନି ନିକଟବର୍ତ୍ତୀ ଘରମାନଙ୍କୁ ଡେଇଁ ପଡି ଅଳ୍ପକ୍ଷଣରେ ପ୍ରାୟ ୧୦।୧୫ ଖଣ୍ଡ ଘର ଗ୍ରାସ କଲା । ତହିଁରେ ଅନାଥ ସାହୁର ବିଶେଷ କ୍ଷତି ହୋଇଅଛି । ଅନେକଗୁଡିଏ ଧାନ ଗୋଟିଏ ଗର୍ଭିଣୀ ଗାଈ ଓ ଦୁଇ ଜଣ ସ୍ତ୍ରୀ ପୋଡି ଗଲେ । ସ୍ତ୍ରୀମାନେ ତାହାର ଭାର୍ଯ୍ୟା ଓ ଭାଇବୋହୂ ଅଟନ୍ତି । ସେମାନେ ପଳାଇ ନ ଆସି ଶଙ୍କା ମଧ୍ୟରେ ଗୋଟିଏ ମାଟି କୋଠାରେ ଆଶ୍ରୟ ନେଇ ଭିତରୁ କବାଟ ବନ୍ଦ ଦେଲେ । ଅଗ୍ନିର ତାପ ଏବଂ ଧୂଆଁ ସେଘରେ ପଶିବା କଥା ସେମାନଙ୍କ ମନରେ ଉଦୟ ହେଲା ନାହିଁ । ନିଆଁ ଲିଭିବା ମାତ୍ରେ ଲୋକେ ଉଦ୍‌ବେଗ ହୋଇ କବାଟ ଭାଙ୍ଗିବା ମାତ୍ରେ ଧୂଆଁସବୁ ବାହାରି ଆସିଲା ଓ ସ୍ତ୍ରୀମାନେ ମରି ପଡିଥିଲେ । ଧୂଆଁ ଯେ ପ୍ରବଳ ବିଷ ଏ କଥା, ଅନେକ ଲୋକ ସ୍ମରଣ ରଖନ୍ତି ନାହିଁ । ଏପରି ଶୋକାବହ ଦୁର୍ଘଟନା ଅନେକ କାଳ ଏ ନଗରରେ ଘଟି ନ ଥିଲା । ସମସ୍ତ ପ୍ରଭୁଙ୍କର ଇଚ୍ଛା ।

---

## ରଥଯାତ୍ରା ।

ସ୍ଥାନାନ୍ତରେ ପ୍ରକାଶିତ ଇଂରାଜୀ ତାରସମ୍ବାଦ ଦ୍ୱାରା ପୁରୀ ରାଜା ଓ ମନ୍ଦିରର ସୁପ୍ରିଣ୍ଟେଣ୍ଡେଣ୍ଟ ସର୍ବସାଧାରଣଙ୍କୁ ଜଣାଇ ଦେଇଅଛନ୍ତି ଯେ ଉତ୍କଳପଞ୍ଜିକା ଅନୁସାରେ ଆସନ୍ତା କାଲି ଜୁନମାସ ତା ୨ ରଖରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ସ୍ନାନଯାତ୍ରା ଏବଂ ସେହି ମାସ ତା ୧୮ ରଖରେ ଶ୍ରୀଗୁଣ୍ଡିଚା ଯାତ୍ରା ହେବ । ରାଜା ମହୋଦୟ ଯଥାକାଳରେ ଏହି ସମ୍ବାଦ ପ୍ରଚାର କରି ବଙ୍ଗଳା ପାଞ୍ଜିର ମତାନୁସାରେ ଯେଉଁମାନେ ସନ୍ଦେହରେ ପଡିଥିଲେ ସେମାନଙ୍କର ଉଦ୍‌ବେଗ ଭାଙ୍ଗିଦେଇ ବଡ଼ ସୁବିଧା କରିଅଛନ୍ତି । ଆମ୍ଭେମାନେ ଆଶା କରୁଁ କି କଲିକତାର ସମ୍ବାଦପତ୍ରମାନେ ଏ ବିଷୟ ପ୍ରଚାର କରି ଲୋକଙ୍କର ସନ୍ଦେହ ଦୂର କରିବେ । ଆମ୍ଭେମାନେ ଗତ ସପ୍ତାହରୁ ଏ ବିଷୟ ପାଠକମାନଙ୍କୁ ଜଣାଇ ଦେଇଅଛୁଁ । ବର୍ତ୍ତମାନ୍ ସ୍ୱୟଂ ଠାକୁରରାଜାଙ୍କର ଆଦେଶ ପ୍ରଚାରିତ ହେଲା । ସୁତରାଂ ଚୂଡ଼ାନ୍ତ ସିଦ୍ଧାନ୍ତ ହୋଇଗଲା । କାଶୀ ଏବଂ ଉତ୍କଳର ପଞ୍ଜିକାରେ ଏବଂ ବଙ୍ଗଳାର ବିଶୁଦ୍ଧ ସିଦ୍ଧାନ୍ତ ପଞ୍ଜିକାରେ ମଳମାସ ଶ୍ରାବଣ ମାସରେ ମାତ୍ର ବଙ୍ଗଳାର ଗୁପ୍ତ ପ୍ରେସ ଶ୍ରୀରାମପୁରୀ ଏବଂ ଆଉ କେତେକ ପଞ୍ଜିକାରେ ମଳମାସ ଆଷାଢ଼ମାସରେ ପଡିଅଛି । ଏଥିରୁ ମେଦିନୀପୁର ଅନ୍ତର୍ଗତ ଗଡ଼ବେତା ନିବାସୀ ପଣ୍ଡିତ ଶ୍ରୀହରଗୌରୀଶଙ୍କର ଜ୍ୟୋତିର୍ବିନୋଦ ଗଣନାଦ୍ୱାରା ସ୍ପଷ୍ଟ ଦେଖାଇ ଦେଇଅଛନ୍ତି ଯେ ବଙ୍ଗଳା ପଞ୍ଜିକାର ଗଣନା ଭୁଲ ଏବଂ ବଙ୍ଗଦେଶର ପ୍ରଚଳିତ ବ୍ୟବସ୍ଥାନୁସାରେ ଶ୍ରାବଣମାସ ମଳମାସ ହେବ ଏବଂ ରଥଯାତ୍ରା ଆଷାଢ଼ ମାସରେ ପଡୁଅଛି । ପଣ୍ଡିତ ମହାଶୟଙ୍କର ବ୍ୟବସ୍ଥା ଗତ ସପ୍ତାହର ଏଡୁକେଶନ ଗେଜେଟରେ ପ୍ରକାଶିତ ହୋଇଅଛି । ବଙ୍ଗଳା ପାଞ୍ଜିମାନଙ୍କରେ ପୁନଃ ୨ ଭ୍ରାନ୍ତି ଘଟିବା ଏବଂ ତାହା ନିବାରଣର ବାରମ୍ବାର ଚେଷ୍ଟା ହେଉଥିବା ସ୍ଥଳେ ବଙ୍ଗଦେଶର ପଣ୍ଡିତମାନେ ଅଦ୍ୟାପି ଏକମତ ହୋଇ ଗୋଟିଏ ସ୍ଥିର ମୀମାଂସାରେ ଉପନୀତ ହୋଇ ପାରୁ ନାହାନ୍ତି ଏହା ବଡ଼ ଦୁଃଖର ବିଷୟ ଅଟେ । ଏହା ଦେଖି କିଏ କି କହିବ ଯେ ବଙ୍ଗଦେଶରେ ନ୍ୟାୟ-

Digitized by srujanika@gmail.com

ଶାସ୍ତ୍ରାଲୋଚନାର ଆଧିକ୍ୟ ହେତୁ ପଣ୍ଡିତମାନେ ତର୍କଦ୍ୱାରା ସ୍ୱ ସ୍ୱ ମତର ପ୍ରାଧାନ୍ୟ ଦେଖାଇବାରେ ଅତି ବ୍ୟସ୍ତ ହୋଇ ଅଜ୍ଞାତଭାବରେ ନ୍ୟାୟଶାସ୍ତ୍ର ନାମରେ ଅନ୍ୟାୟ ବ୍ୟବସ୍ଥାର ପ୍ରଶ୍ରୟ ଦେଉଅଛନ୍ତି ? ସ୍ମୃତିରେ ବଙ୍ଗାଳ ବୋଲି ଯାହାକୁ ଢାଲର ତଥାଚ ବଳ ଅବଧି ଭଙ୍ଗ ନାହିଁ ।

---

### ଖୋଭର ଗୁହାରି ।

ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ନେତ୍ରା ଅଙ୍କୁରା ପରଗନାର ଖୋଲ ସମ୍ବନ୍ଧରେ ନାଲେଶ୍ୱର ଜାଗିରୁ ସମିତି ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କ ସମୀପକୁ ଖଣ୍ଡିଏ ଆବେଦନପତ୍ର ପଠାଇଅଛନ୍ତି ଏବଂ ତହିଁର ଏକ ପ୍ରସ୍ତ ପ୍ରତିଲିପି ଆମ୍ଭେମାନେ ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଆବେଦନପତ୍ରରୁ ପ୍ରକାଶ ଯେ ଉକ୍ତ ଦୁଇ ପ୍ରଗଣାର ପ୍ରଜାମାନେ ଗତ ବ ୧୦।୧୫ ବର୍ଷ ମଧ୍ୟରେ ଅନେକ ଥର ବାଲେଶ୍ୱର ଜିଲ୍ଲାର କଲେକ୍ଟର ଏବଂ ଭଦ୍ରକର ସବଡିଭିଜନ ଅଫିସରଙ୍କ ନିକଟରେ ଦରଖାସ୍ତଦ୍ୱାରା ଆପଣାର ଦୁଃଖ ଜଣାଇ କିଛି ଫଳ ନ ପାଇ ନିରାଶ ହେବାରୁ ଶେଷରେ ସମିତିଠାରେ ଗୁହାରି କଲେ ଏବଂ ସମିତିର ସମ୍ପାଦକ ବାବୁ ହରିଶ୍ଚନ୍ଦ୍ର ସରକାର ସ୍ଥାନୀୟ ତଦନ୍ତଦ୍ୱାରା ସେ ଗୁହାରି ଯଥାର୍ଥ ଥିବାର ପ୍ରତ୍ୟକ୍ଷ କରି ରପୋର୍ଟ ଦେବାରୁ ତଦନୁସାରେ ସମିତି ଗବର୍ଣ୍ଣମେଣ୍ଟଙ୍କୁ ଏହି ଆବେଦନପତ୍ର ପଠାଇଅଛନ୍ତି ଏବଂ ତହିଁ ସଙ୍ଗେ ପ୍ରଜାମାନଙ୍କର ଆବେଦନର ଇଂରାଜୀ ଅନୁବାଦ ଏବଂ ସମ୍ପାଦକଙ୍କର ରପୋର୍ଟର ପ୍ରତିଲିପି ଯୋଗ କରିଅଛନ୍ତି । ପ୍ରଜାମାନଙ୍କର ଗୁହାରି ଏହି କି ଏକ ଦଗରେ ଇଷ୍ଟକୋଷ୍ଟ କେନାଲଦ୍ୱାରା ଗୋମସ୍ତି ନଦୀର ମୁହଁ ବନ୍ଦ ହେବାରୁ ବର୍ଷା କାଳରେ ତହିଁର ଜଳ ସମୁଦ୍ରକୁ ବାହାରି ନ ଯାଇ କେନାଲର ପଶ୍ଚିମାଂଶର ଭୂମିଖଣ୍ଡକୁ ବୁଡ଼ାଇ ଦେଇ ଫସଲ ଧୋଇ ନେଇଯାଏ ଏବଂ ଅନ୍ୟ ଦଗରେ ଯେତେବେଳେ ବ୍ରାହ୍ମଣୀ, ବୈତରଣୀ ଏବଂ ମହାଇ ନଦୀମାନ ଏକାବେଳେ ବଢ଼େ ସେତେବେଳେ କୋଷ୍ଟ କେନାଲ ଏବଂ ସମୁଦ୍ରକୂଳ ବନ୍ଧ ମଧ୍ୟସ୍ଥିତ ମହାଇ ନଦୀର ଉତ୍ତର ଭାଗସ୍ଥିତ ସମସ୍ତ ଭୂମିଖଣ୍ଡ ବୁଡ଼ି ଯାଏ ଏବଂ ତଦ୍ୱାରା ସମ୍ପୂର୍ଣ୍ଣରୂପେ ଫସଲ ନଷ୍ଟ ହୁଅଇ । ସେ ଭୂମିଖଣ୍ଡରେ ଧାନ ବିନା ଅନ୍ୟ କୌଣସି ଫସଲ ହୁଅଇ ନାହିଁ ଏବଂ ତାହା ଜଳାଗତ ଖୋଲରେ ଯିବାରୁ ଲୋକଙ୍କର ବିଶେଷ କଷ୍ଟ ହେଉଅଛି । କୋଷ୍ଟ କେନାଲ ନିର୍ମାଣ ସମୟରେ ଇଞ୍ଜିନିୟରମାନେ ବୃଷ୍ଟିଜଳ ବାହାର ଯିବାର ଯଥେଷ୍ଟ ବାଟ ରଖି ନ ହେବାରୁ ଏହି ଅନିଷ୍ଟ ଘଟିଅଛି ସନ୍ଦେହ ନାହିଁ । ସମିତିର ଅନୁରୋଧ ଏହି କି ଗବର୍ଣ୍ଣମେଣ୍ଟ ଯୋଗ୍ୟ କର୍ମଚାରୀଙ୍କଦ୍ୱାରା ବିହିତ ଅନୁସନ୍ଧାନ କରି ଆବଶ୍ୟକୀୟ ପ୍ରତୀକାର ପ୍ରଦାନ କରନ୍ତୁ । ଗୋମସ୍ତି ନଦୀର ଜଳ ଶୀଘ୍ର ବାହାର ଯିବାର ବାଟ ହେଲେ ଏବଂ ସମୁଦ୍ର କୂଳସ୍ଥ ବନ୍ଧରେ କେତେଗୁଡ଼ିଏ ନକାଟି ପୋଲ ନିର୍ମାଣ ହେଲେ ପ୍ରଜାମାନେ ଘୋର ବିପଦରୁ ରକ୍ଷା ପାଇବେ । ଆମ୍ଭେମାନେ ଏକାନ୍ତ ଆଶା କରୁଁ କି ଗବର୍ଣ୍ଣମେଣ୍ଟ ଏହି ଆବେଦନପତ୍ରର ସୁବିଚାର କରି ପ୍ରଜାମାନଙ୍କର ଅଶେଷ ଧନ୍ୟବାଦ ଲାଭ କରିବେ । ସମିତି ଏ ବିଷୟରେ ପ୍ରଜାଙ୍କର କଷ୍ଟ ନିବାରଣ ଉଦ୍ଦେଶ୍ୟରେ ଚେଷ୍ଟା ଓ ପରିଶ୍ରମ କରି କର୍ତ୍ତବ୍ୟ ପରାୟଣତାର ଉତ୍ତମ ପରିଚୟ ଦେଇଅଛନ୍ତି ।

---

### ଭିକ୍ଟୋରିଆ ସ୍ମୃତିଚିହ୍ନ ।

ଗତମାସ ତା ୨୪ ରିଖ ଶୁକ୍ରବାର ସ୍ମୃତିଚିହ୍ନର ଆକାର ଏବଂ ସ୍ଥାନ ନିମନ୍ତେ ଏଠା କଲେକ୍ଟର ସାହେବଙ୍କ କୋଠରେ କଟକ, ପୁରୀ ଓ ବାଲେଶ୍ୱର ତିନିଜିଲାର ପ୍ରତିନିଧିମାନଙ୍କର ସଭା ହୋଇଥିଲା । କଟକର ପ୍ରତିନିଧି କଲେକ୍ଟର ସାହେବ, ମାନ୍ୟବର ମଧୁସୂଦନ ଦାସ ଏବଂ ବାବୁ ଗୌରୀଶଙ୍କର ରାୟ, ପୁରୀର ପ୍ରତିନିଧି ସେଠାର କଲେକ୍ଟର, ଖୋର୍ଦ୍ଧାର ତହସିଲଦାର ବାବୁ ଯୋଗେନ୍ଦ୍ରନାଥ ମିତ୍ର ଏବଂ ଓକିଲ ବାବୁ ହରିଶ୍ଚନ୍ଦ୍ର ଘୋଷ ଏବଂ ବାଲେଶ୍ୱରର ଜଣ ଜଣ ପ୍ରତିନିଧି ମଧ୍ୟରୁ ସେଠା କଲେକ୍ଟର ଛଡ଼ା ଅନ୍ୟ ଦୁଇଜଣ ରାଜା ବୈକୁଣ୍ଠନାଥଦେ ବାହାଦୁର ଓ ବାବୁ ରାଧାଚରଣ ଦାସ ଉପସ୍ଥିତ ଥିଲେ । ପ୍ରଥମେ ଦେଖାଗଲା ଯେ କଟକ ଓ ପୁରୀର ପ୍ରତିନିଧିମାନେ ଯେପରି ସେ ସ୍ଥାନର ପ୍ରକାଶ୍ୟ ସଭାରେ ନିର୍ବାଚିତ ହୋଇଥିଲେ ବାଲେଶ୍ୱରର ପ୍ରତିନିଧିମାନେ ସେପରି ହୋଇ ନ ଥିଲେ । ବାଲେଶ୍ୱରର ଯେଉଁ ସଭାର କାର୍ଯ୍ୟାବଳୀର ପ୍ରତିଲିପି ଏଠାକୁ ଆସିଥିଲା ତହିଁର ମର୍ମ ଏହିକି ବାଲେଶ୍ୱରର ପ୍ରଧାନ ବ୍ୟକ୍ତିମାନେ ସମସ୍ତ ହୋଇ ଧାର୍ଯ୍ୟ କଲେ କି ଭିକ୍ଟୋରିଆ ସ୍ମୃତିଚିହ୍ନ ସ୍ୱରୂପ ସ୍ତ୍ରୀମାନଙ୍କ ଚିକିତ୍ସା କାରଣ ଜଣେ ଧାତ୍ରୀ କଟକ ନଗରରେ ରଖାଯିବ ଓ ସେ ସମ୍ବନ୍ଧୀୟ ବ୍ୟୟ ନିମନ୍ତେ ଟ ୫୦୦୦୧ ଙ୍କା ରକ୍ଷିତ ରହିବ । ତହିଁ ଉପରେ ଆଉ ଯେତେ ଟେଙ୍କା ସଂଗୃହୀତ ହେବ ତାହା ସମସ୍ତ ତିନିପକ୍ଷରୁ କଲିକତାର ସ୍ମୃତିଚିହ୍ନ ସ୍ଥାପନର ଭଣ୍ଡାରକୁ ପଠାଯିବ । ଏହି କାର୍ଯ୍ୟାବଳୀରେ ଓଡ଼ିଶା ସ୍ମୃତିଚିହ୍ନର କୌଣସି ଉଲ୍ଲେଖ ନାହିଁ କିମ୍ବା ତହିଁ ସମ୍ବନ୍ଧୀୟ କାର୍ଯ୍ୟ ନିର୍ବାହାର୍ଥେ କେହି ପ୍ରତିନିଧି ନିଯୁକ୍ତ ହେବାର ପ୍ରସଙ୍ଗ ନାହିଁ । ଯେଉଁ ଦୁଇ ମହାଶୟ ପ୍ରତିନିଧି ହୋଇ ଆସିଥିଲେ ସେମାନେ ଆପଣା ନିଯୁକ୍ତିର ନିଦର୍ଶନ ଦେଖାଇପାରିଲେ ନାହିଁ ଏବଂ ପ୍ରତିନିଧିର ସମସ୍ତ ଦାୟ ଗ୍ରହଣ କରିବାକୁ ମଧ୍ୟ ସମ୍ମତ ହେଲେ ନାହିଁ । ସୁତରାଂ ଅନେକ ତର୍କ ବିତର୍କ ପରେ ସଭାରେ ଧାର୍ଯ୍ୟ ହେଲା ଯେ ମାନ୍ୟବର ଶ୍ରୀଯୁକ୍ତ ମଧୁସୂଦନ ଦାସ ବାଲେଶ୍ୱରକୁ ଯାଇ ଗୋଟିଏ ସଭା ଆହ୍ୱାନ ପୂର୍ବକ ସମସ୍ତ ପ୍ରସଙ୍ଗ ବୁଝାଇଦେଇ ସମସ୍ତ ଓଡ଼ିଶା ସମ୍ବନ୍ଧୀୟ ଗୋଟିଏ ସ୍ମୃତିଚିହ୍ନ ସ୍ଥାପନ ହେବାର ଆବଶ୍ୟକତା ଏବଂ ଓଡ଼ିଶାର ସକଳ ଜିଲାର ଲୋକଙ୍କର ତହିଁ ପ୍ରତି ସହାୟ ଓ ସହାନୁଭୂତି ଲାଭର ଏକାନ୍ତ ପ୍ରୟୋଜନତା ପ୍ରତି ସେଠା ଲୋକଙ୍କର ମନ ଜଗାଇବେ ଏବଂ ଶେଷରେ ପ୍ରତିନିଧି ମନୋନୀତ କରି ଆସିବେ । ରାଜା ବୈକୁଣ୍ଠନାଥଦେ ବାହାଦୁର ଓ ବାବୁ ରାଧାଚରଣ ଦାସ ଏ ବିଷୟ ସାଧ୍ୟମତେ ସାହାଯ୍ୟ କରିବାକୁ ପ୍ରତିଶ୍ରୁତ ହେଲେ ଏବଂ ତହିଁ ପରିରୁ ପ୍ରତିନିଧିମାନଙ୍କର ଅନ୍ୟ ସଭା ହେବାର ସ୍ଥିର ହୋଇ ଏ ଦିନର କାର୍ଯ୍ୟ ଶେଷ ହେଲା ।

ଉପରଲିଖିତ ବିବରଣରୁ ପାଠକମାନେ ଜାଣିବେ ଯେ କେବଳ ବାଲେଶ୍ୱର ବାସିଙ୍କର ଟିକିଏ ଭ୍ରମ ହେତୁ ସ୍ମୃତିଚିହ୍ନର ଆକାର ଏବଂ ସ୍ଥାନ ନିରୂପଣ ବିଷୟରେ ଅଯଥା ବିଳମ୍ବ ଘଟିଅଛି । ଆମ୍ଭେମାନେ ଏକାନ୍ତ ଆଶା କରୁଁ କି କଟକ ଓ ପୁରୀ ବାସୀମାନେ ଯେମନ୍ତ ଏକ ମନରେ କାର୍ଯ୍ୟ କ୍ଷେତ୍ରରେ ପ୍ରବେଶ କରିଅଛନ୍ତି ବାଲେଶ୍ୱର ବାସିମାନେ ସେହିପରି ହେବେ ଏବଂ ଅଚିରେ ଉକ୍ତ ଗୁରୁତର ବିଷୟର ମୀମାଂସା ହୋଇଯିବ । ଏମନ୍ତ ମହତ କାର୍ଯ୍ୟରେ ବିଳମ୍ବ ହେବା ଶୁଭକର ନୁହେ । ଆମ୍ଭେମାନେ ପୂର୍ବେ କହିଅଛୁଁ ଏବଂ ବର୍ତ୍ତମାନ ମଧ୍ୟ କହୁଅଛୁ କି ସମସ୍ତ ଓଡ଼ିଶାର ସମବେତ ଚେଷ୍ଟାରେ ଯାହା ହେବ ଏକ ଏକ ଜିଲାର ପୃଥକ୍ ଚେଷ୍ଟାରେ ତାହା ହୋଇପାରିବ ନାହିଁ । ସ୍ଥାନୀୟ ସର୍ବଶ୍ରେଷ୍ଠ ଭବନମାନ ପଡ଼ିବାର ପୂର୍ବରୁ ଏହିମନରେ ଗୋଟିଏ କୀର୍ତ୍ତି ସ୍ଥାପନ ବିଷୟରେ ଯଥାସାଧ୍ୟ ଚେଷ୍ଟିତ ନ ହେବା ଏକାନ୍ତ ବାଞ୍ଛନୀୟ । ଯଦ୍ୟପି ଓଡ଼ିଶା ଯାହା କରିବ ତାହା ଯେ ସ୍ୱର୍ଗୀୟା ଭିକ୍ଟୋରିଆଙ୍କର ନାମ ଯୋଗ୍ୟ ହେବ ଏମନ୍ତ ଆଶା କରାଯାଇ ନ ପାରେ । ମାତ୍ର ସଂସାର ଜାଣିବ ଯେ ଓଡ଼ିଶାବାସିମାନେ ଐକ୍ୟତା ଏବଂ ପ୍ରଗାଢ଼ ରାଜଭକ୍ତିରେ ଭାରତର ଅନ୍ୟାନ୍ୟ ପ୍ରଦେଶ ବାସିଙ୍କଠାରୁ ନ୍ୟୂନ ନୁହନ୍ତି ଏବଂ ତାହାର ପରମଲାଭ ଅଟେ । ସ୍ମୃତିଚିହ୍ନର ଆକାର

Split by PDF Splitter
Digitized by srujanika@gmail.com

ଓ ସ୍ତ୍ରୀଜନସମ୍ବନ୍ଧରେ ମତ ଭେଦ ବା ମତଭେମାଲି-ନ୍ୟର କୌଣସି ହେତୁ ହୋଇ ନ ପାରେ । ଯେ ସ୍ଥଳେ ପ୍ରତିନିଧିମାନଙ୍କ ମେ ଭାର ବିଶ୍ୱାସରେ ଦିଆଯାଇଅଛି ସେ ସ୍ଥଳେ ସେମାନଙ୍କର ଅଧି-କାଂଶ ନଚରେ ଯାହା ସିଦ୍ଧାନ୍ତ ହେବ ସର୍ବସା-ଧାରଣ ସନ୍ତୋଷ ପୂର୍ବକ ତାହା ଗ୍ରହଣ କରିବେ ଏବଂ ଯଥାସାଧ୍ୟ ତହିଁର ସାଧନ ବିଷୟରେ ଯତ୍ନ-ବାନ୍ ହେବେ । କେତେକ ଲୋକର ଇଚ୍ଛା ଯେ ଯହିଁରେ ଓଡ଼ିଶାର ଅଧିକ ଉପକାର ହେବ ସେପରି ନୂତନ ସ୍ଥିର କରିବା ଉଚିତ । ଅଲ୍ପକ ଷତ୍ର ଥିବା ପ୍ରତ୍ୟକ୍ଷେ ଏପରି ଗୋଟିଏ ବାଞ୍ଛ-ନୀୟ ଅଟେ । କଠିନ ହିଁଗବେ ତାହା ସ୍ୱାର୍ଥ ଗ୍ରବ ଜଣେ । ଯାହା ଦର୍ଶକ ମାନେ ଯାହାଙ୍କ କାମରେ ତାହା ସ୍ଥାପିତ ହୋଇଅଛି ତାହାଙ୍କର ମହିମା ମନରେ ଯାଗ୍ରତ ହେବ ଏବଂ ସର୍ବସାଧାରଣ ଦେଖିବାର ଅଧିକ ସୁଯୋଗ ପାଇବେ । ଏପରି ଗୋଟିଏ ନୂତନ ସ୍ଥାପନ ହେବା ବାଞ୍ଛନୀୟ । ପ୍ରତିନିଧିମାନେ ଆଶା କରାଯାଏ ସେ ବିଷୟରେ ସାଧ୍ୟମତେ ଯତ୍ନବାନ୍ ହେବେ । ଏହା କୋଲି ଜନସାଧାରଣଙ୍କର ମତର ଭଳିବା ଉଚିତ ନୁହେ । ଯେଉଁମାନଙ୍କର ଏ ବିଷୟରେ ଯାହା ବକ୍ତବ୍ୟ କିମ୍ବା ଶ୍ରମ ସ୍ୱୀକାରକର ସମ୍ପାଦପତ୍ର ଯୋଗେ ତହିଁର ଚର୍ଚ୍ଚା କଲେ ଅଥବା ପତ୍ରଦ୍ୱାରା ପ୍ରତିନିଧିମାନଙ୍କୁ ଜଣାଇଲେ ପଛକୁ ଭାବିବାକୁ ହେବ ନାହିଁ ।

---

ଜମାଏତ ବାବାଜୀଙ୍କ ଅତ୍ୟାଚାର । (୧)

ଜମାଏତମାନେ ମୋଫସଲରେ ବଡ଼ ଅତ୍ୟାଚାର କରନ୍ତି କିନ୍ତୁ କୁତ୍ସିତ କଣ୍ଟକ ଲୋକେ ସେ-ମାନଙ୍କ ଅତ୍ୟାଚାର ସହି ଓଲଟି ସେମାନଙ୍କ ପୂଜା କରନ୍ତି ବୋଲି ତାହା ସାଧାରଣ ଅବା ସରକା-ରଙ୍କ ଗୋଚରରେ ଆସେ ନାହିଁ । ବର୍ତ୍ତମାନ୍ ସେମାନଙ୍କ ଅତ୍ୟାଚାର ଯୋଗେ ଗୋଟିଏ ହୃଦୟ ବିଦାରକ ନରହତ୍ୟା ମୋକଦ୍ଦମା ଘଟିଅଛି । ଏ ମକଦ୍ଦମା ବିଚାରାଧୀନ ଥିବାରୁ ତତ୍‌ସଂକ୍ରାନ୍ତରେ ମନ୍ତବ୍ୟ ପ୍ରକାଶ ନ କରି ମୁଦ୍ରିତ ଓ ମୁଦ୍ରାଙ୍କ ଯେ ବୃତ୍ତାନ୍ତ ପୁଲିସରେ ପ୍ରକାଶ କରିଅଛନ୍ତି କେବଳ ତାହାହିଁ ପାଠକମାନଙ୍କୁ ଜଣାଉଅଛୁଁ । ଏ ଜିଲ୍ଲାନ୍ତର୍ଗତ ମାହାଙ୍ଗା ଥାନାରୁ ଏକମାଇଲ ଅନ୍ତର କୌଡ଼ିକଣ୍ଡ ଗ୍ରାମରେ ଜଣେ ଗୃହସ୍ଥ ବୈଷ୍ଣବ ବୃନ୍ଦାବନ ଦାସର ଘର ଅଟେ । ତାହା ଗୃହଦେବତା ନାମରେ ବାଟିଏ ଦେବୋତ୍ତର ଜମି ଥିବାରୁ ସେଥିରୁ ଦେବସେବା ଓ ତାହା ପରିବାରର ଜୀବନ ଉତ୍ତମରୂପେ ଚଳେ । ତାହାର ଦେବୋତ୍ତର ଜମି ଅବା ଅନ୍ୟ ସମ୍ପତ୍ତି ନ ଥିବାରୁ ଜମାଏତମାନେ ତାହାଠାରୁ ପୂର୍ବେ ଯାଚ୍ନ ନ ଥିଲେ । ଦ ୨୦ ଦ ପୂର୍ବେ ଦଳେ ଜମାଏତ ତାହା ଦରଠାରେ ପହଞ୍ଚି ଧୂମ ଲଗା-ଇବାରୁ ବୃନ୍ଦାବନ ସେମାନଙ୍କୁ ବୁଇଟଙ୍କା ଦେଇ ବିଦାୟ କଲା । ବର୍ତ୍ତମାନ୍ ଗ୍ରମଣ ଶଦାର ମନ୍ଦ-ନ୍ତର ଦଳେ ଜମାଏତ ସେ ଅଞ୍ଚଳରେ ପହଞ୍ଚି ବୃନ୍ଦାବନ ପୂର୍ବଦଳକୁ ଟଙ୍କା ଦେଇଥିବାର ଶୁଣି ଗତ ମଇମାସ ତା ୨୭ ଇଣ ପ୍ରାତଃ ଘ ୭ ଘଟି ସମୟରେ ତାହା ଘରଦ୍ୱାରଟ ଦୋଣାରେ ଉତ୍ତ-ରିଲେ । ବୃନ୍ଦାବନର ପୁଅ ଏ ମାମଲାରେ ମୃ-ତେର ଅଟେ ସେ କହେ ପ୍ରଥମେ ଜମାଏତଙ୍କ ମଧ୍ୟରୁ ଜ ୭ ଣ ମୋ ଘରଠାରୁ ଆସି ମୋ ବାପାଙ୍କୁ କହିଲେ କ ଆମ୍ଭମାନଙ୍କ ସେବା ପୂଜା ଚୋଇଡ଼ କରିବାକୁ ହେବ । ସେ କହିଲେ ମୋର ସଦାବ୍ରତ ନାହିଁ ମୁଁ ଦୁଃଖୀ ବୈଷ୍ଣବ ଅଟେ ମୁଁ ସେବା କରିପାରିବ ନାହିଁ ସେମାନେ ଯୋଲ ଓ ଧୂମ ଲଗାଇବାରୁ ମୋ ବାପା କହିଲେ ଜୋଲ ନ କର ବାଣ୍ଡ଼ରେ ବସ ମୁଁ ଗଞ୍ଜେଇ ଖର୍ଚ୍ଚ କିଛି ଦେବ ଅଉ କିଛି ଦେଇ ପାରିବ ନାହିଁ । ସେମାନେ କହିଲେ କି ତୋର ସମ୍ପତ୍ତି ଅଛି ନାହିଁ କି ଦେଇ ନ ପାରିବୁ ଆମ୍ଭେ ଜ ୪୮ ଣଙ୍କୁ ଅବଶ୍ୟ ଭୋଜନ ଦେବୁ । ମୋ ବାପା କହିଲେ ଡ଼ିଛ ସମ୍ପତ୍ତି ନାହିଁ ଯହିଁ ସେମାନେ କହିଲେ କ ତୋ ଘରେ ପଶି ଦେଖିବା ମୋ ବାପା କହିଲେ ମୋ ଘରେ ସ୍ତ୍ରୀମାନେ ଅଛନ୍ତି ଭିତରକୁ ଯାଇ ନ ପାର । ମାତ୍ର ସେମାନେ ନ ମାନି ଘର-ଭିତରେ ପଶିବାକୁ ଉଦ୍ୟତ ହୁଅନ୍ତେ ମୋ ବାପା ଅଟକାଇଲେ ତହୁଁ ସେମାନେ ରାଗି ମୋ ବା-ପାକୁ ଠେଙ୍ଗାରେ ବାଡ଼େଇଲେ ଓ ଘୁଷିଲେ ମୁଁ ଓ ମୋ ଭାଇ ଓ ମୋ ଖୁଡ଼ୀ ମୋ ବାପାଙ୍କ ରକ୍ଷାକୁ ଆସନ୍ତେ ଆମ୍ଭମାନଙ୍କୁ ବାଡ଼େଇଲେ ଆମ୍ଭମାନଙ୍କ ଅଘାତ ସାମାନ୍ୟ ମାତ୍ର ମୋ ବାପାର ମୁଣ୍ଡ ଫାଟିଯାଇ ସେ ଅଚେତନ ହୋଇ ପଡ଼ିବାରୁ ଆମ୍ଭେମାନେ ତାଙ୍କୁ ସାଷ୍ଟାମ କରିବାରେ ରହିବା ସମୟରେ ସେମାନେ ଓ ଜମାଏତଙ୍କ ମଧ୍ୟରୁ ଅନ୍ୟ-ମାନେ ଆସି ମୋ ଘରେ ପଶି ଦୁଧ ଛେନା ଅବ ଯେ ଥିଲା ସବୁ ନେଇ ଖାଇଦେଲେ ହାଣ୍ଡି ଲୁଣ୍ଡି ଭାଙ୍ଗିପକାଇଲେ ଓ ଦଳେ ବଳଦ ଫିଟାଇ ନେଇ କହିଲେ ଏହାକୁ ବିକିବା ଏଥିର ମୂଲ୍ୟରୁ ଆମ୍ଭ-ମାନଙ୍କର ଭୋଜନ ଖର୍ଚ୍ଚ ଚଳିବ ।

ବୃନ୍ଦାବନର ପୁଅ ଜଗନ୍ନାଥ ଦାସ ଥାନାରେ ଉପର ଉକ୍ତ ମତେ ଇଜାହାର ଦେବାରୁ ହେଃ କଃ ବଟକୃଷ୍ଣ ସରକାରକଙ୍କୁ ଯାଇ ବୃନ୍ଦାବନକୁ ଗୁରୁତର ଅଘାତରେ ଅଚେତନ ଦେଖି ତାଙ୍କୁ ପାଲିଙ୍କିରେ ଓ ଜମାଏତମାନଙ୍କୁ ସଙ୍ଗେ ନେଇ ଥାନାକୁ ଆସିଲେ । ହେଃ କଃ ସରଜମିନରେ ପହଞ୍ଚିଲା ବେଳକୁ ଜମାଏତମାନେ ମୃତେରର ବଳଦ ଛାଡ଼ ଦେଇଥିଲେ । ମୃତେରର ତହିଁର ଜ ୭ ଣ ଆସାମୀ ଓ ଜମାଏତର ଅନ୍ୟମାନେ ସମସ୍ତେ ପ୍ରକାଶ କଲେ କି ଆମ୍ଭେମାନେ ବୃନ୍ଦା-ବନକୁ ଭୋଜନ ମାଗିଲୁ ସେ ନାସ୍ତି କରିବାରୁ ଆମ୍ଭେ କହିଲୁଁ କ ତୁ ଗଏସ୍ତ ଖାଉଛୁ କାହିଁକି ଆମ୍ଭମାନଙ୍କୁ ଭୋଜନ ନ ଦେବୁ ଏତିକରେ ସେ ରାଗିଲା ଏବଂ ସେ ଓ ତାହାର ଲୋକ-ମାନେ ଆମ୍ଭମାନଙ୍କୁ ଠେଙ୍ଗା ବାଡ଼ିରେ ମାର ବାହାର କଲେ ଏହି ଗଣ୍ଡଗୋଳରେ କଏଥବା ସଙ୍ଗୀଙ୍କ ହୋଇ ବୃନ୍ଦାବନକୁ ପିଟିଦେଲା କିମ୍ବା ଅନ୍ୟ କୌଣସି ପ୍ରକାରରେ ତାହାର ଜଖମ ହେଲା ତାହା ଆମ୍ଭେମାନେ କହି ନ ପାରୁଁ । ଆମ୍ଭେମାନେ ତାହା ଘରେ ପଶି କିଛି ନଷ୍ଟ କରି ନାହୁଁ ତାହାର ବଳଦ ନେଇ ନାହୁଁ କିମ୍ବା ତାହାରକୁ ମାଡ଼ ମାରି ନାହୁଁ । ଏ ସମୟରେ ଥାନାରେ ଭଦ୍ର ଓ ଇତର ଅନେକ ଲୋକ ରୁଣ୍ଡ ହୋଇ-ଥିଲେ ସମସ୍ତେ ଜମାଏତଙ୍କ ପକ୍ଷ ଧର ବୃନ୍ଦାବନ ଓ ତାହାର ଲୋକମାନଙ୍କୁ ଧିକାରିଲେ କ ଜମା-ଏତଙ୍କ ସେବା ନ କରି କିମ୍ବା ସେମାନଙ୍କୁ କିଛି ଦେଇ ପ୍ରବୋଧ ବିଦାୟ ନ କରି ସାଧୁମାନଙ୍କୁ ଉଲଟି ନେଇ ଦେବାରୁ ବସିଥିଲ ଓ ବୃନ୍ଦାବନ ଅଚେତନର ଛଟା କରୁଅଛୁ । ସେମାନଙ୍କୁ ଏହି ପ୍ରକାରରେ ଥିବାର ସାଧୁମାନଙ୍କୁ ଛାଡ଼ିଦେବା କାରଣ ହେଃ କଃ ଙ୍କୁ ଅନେକରୂପେ ଅନୁରୋଧ କଲେ ମାତ୍ର ହେଃ କଃ ଉଚିତମତେ ତାହା ସେଥା ନ କଲେ କିନ୍ତୁ ଏ କାରଣରୁ ହେଉ ଅବା ଅନ୍ୟ କାରଣରୁ ହେଉ ଜଖମିକୁ ଡାକ୍ତର ମାଇଜା ସକାଶେ ପଠାଇବାରେ ଅନେକ ବିଳମ୍ବ ଘଟିଲା । ହେଃ କଃ ଜଖମି ଓ ଆସାମୀଙ୍କୁ ଯେତ ବେଳା ନଅଘଟିକା ସମୟରେ ଥାନାରେ ପହଞ୍ଚି-ଥିଲେ ହେଁ ବନ୍ଦ ପ୍ରାୟ ଆଠଘଟିକା ବେଳେ ଜଖମିକୁ ସଗଡ଼ରେ କଟକ ପଠାଇଲେ । ଗାଡ଼ି ବଳଦ ଭଲ ନ ଥିବାରୁ ତହିଁ ଅପରଦିନ ସ ୧୨-ଟା ସମୟରେ ୨୦ ମାଇଲସ୍ଥ ଖଏରଠାରେ ଗାଡ଼ି ପହଞ୍ଚିଲା ଓ ସେହିଠାରେ ବୃନ୍ଦାବନର ପ୍ରାଣ ଗଲା । ପରୁ ସ ୯ ଟାରେ ଡାକ୍ତରଖାନାରେ ଗାଡ଼ି ପହଞ୍ଚିଲା ଓ ଡାକ୍ତରଙ୍କ ପରୀକ୍ଷାରେ ଗଳ ଓ ମସ୍ତକରେ ଠେଙ୍ଗାଦ୍ୱାରା ଗୁରୁତର ଅଘାତ ହେବାରୁ ମୃତ୍ୟୁ ଘଟିଥିବାର ଜଣାଗଲା । ସେହି ତହିଜଣ ବାବାଜୀ ମାଡ଼ ମାରିଥିବାର ହେଃ କଃ ପ୍ରମାଣ ପାଇଲେ କେବଳ ସେହି ଜ ୩ ଣଙ୍କୁ ଚାଲାଣ କରି ଅନ୍ୟମାନଙ୍କୁ ଛାଡ଼ିଦେଲେ ଓ ଗତ ମାସ ତା ୨୯ ଇଣରୁ ମକଦ୍ଦମାର ସୁନାଇଣି ଧାର୍ଯ୍ୟ କଲେ ।

Digitized by srujanika@gmail.com

ଲକ୍ଷ୍ମୀ ଫାଣ୍ଡିଠାରେ ହବା ଗ ୯ ଷ୍ଟା ସମୟେ ପହଞ୍ଚିଲେ ଓ ତହୁଁ କ୍ଷଣାତ୍ ଯାଇଲେ ଅବା ଲୋକରେ ଏ କଥାକୁ ପ୍ରେରିତ ହୋଇଥିଲେ ଘଣ୍ଟା ୧୧୧୦ ଘଣ୍ଟା ସମୟେ ଡାକ୍ତରଖାନାରେ ପହୁଞ୍ଚିଥାନ୍ତା ଓ ତାହାର ଚିକିତ୍ସା ହୋଇଥାନ୍ତା । ଘଣ୍ଟାରେ ଚେତନା ହୋଇଥିଲେ ମୃତ୍ୟୁକାଳ ଜନ ଜୋବାନବନ୍ଦି ହୋଇପାରନ୍ତା ଓ ତହିଁରୁ ପ୍ରକୃତକଥା ପ୍ରକାଶ ପାଇଥାନ୍ତା । ପୁଲିସ ତଦ୍-ନ୍ତରେ ତାହାର କଣ୍ଠ ଦୋଷ ପ୍ରକାଶ ପାଇ ନାହିଁ ବିନାଦୋଷରେ ସେ ଏପରି ମାଡ଼ ଖାଇଲା ଓ ବିନା ଚିକିତ୍ସାରେ ତାହାର ପ୍ରାଣ ଗଲା ବଡ଼ ଦୁଃଖର ବିଷୟ । ଏହେତୁ ଓ କେବଳ ଜ ୩ ଣ ଗଲ୍ଭିଣ ହୋଇଥିବା ହେତୁ ଡେଃ ମଃ ତଦ୍-ନ୍ତରେ ଅନଙ୍ଗବାବୁ ଇନସ୍ପେକ୍ଟରଙ୍କ ସନ୍ତୁଷ୍ଟ ନ ହୋଇ ନିଜେ ସରଜମିନକୁ ଯାଇ ଛାମାଏତ-ମାନଙ୍କୁ ଅନ୍ୟସ୍ଥାନରୁ ଅଣାଇ ସାକ୍ଷ ଉଦାଇଣ ହଲେ । ପ୍ରଥମୋକ୍ତ ଜ ୭ ଣଙ୍କ ବୟାନରେ ପ୍ରମାଣ ଘଟିଲେହେଁ ଗଲ୍ଭିଣ ହୋଇଥିବା ଜଣଙ୍କ-ଙ୍କ ବ୍ୟକ୍ତିଗତ ବାଣ୍ଟ ଗୃହଜଣ ପାଗ୍ନ୍ୟା ନ ଗଲେ ଓ ମହନ୍ତ ରାମଶରଣ ଦାସ ଓ ଅନ୍ୟ ଦୁଇ-ଜଣଙ୍କୁ ଗ୍ରେପ୍ତାର କରିବାର ସେ ହୁକୁମ ଦେଲେ ମହନ୍ତ ମୃଦେଇ ଘରକୁ ଯାଇ ନ ଥିଲେହେଁ ତାହାପ୍ରତି କ ଦୋଷାରୋପ ହୋଇଅଛି ଅମ୍ଭ-ମାନଙ୍କୁ ଜଣାଯାଇ ନାହିଁ । ବର୍ତ୍ତମାନ ମକଦମା ଫଉଜଦାରୀରେ ଚଳୁଅଛି ତହିଁର ଫଳ ଯଥା-ସମୟେ ପ୍ରକାଶ ହେବ । ଛମାଏତ ପ୍ରଥା କେଉଁ ସମୟରେ ଓ କିପରି ସୃଷ୍ଟି ହୋଇଅଛି ଓ ସେମାନଙ୍କ ପ୍ରତି ଲୋକଙ୍କର ମାନ୍ୟ ଉଚିତ ଅବା ଭ୍ରମଯୁକ୍ତ ଓ ସେମାନଙ୍କ ପ୍ରତି କ କର୍ତ୍ତବ୍ୟ ଇତ୍ୟାଦି ବିଷୟରେ କ୍ରମଶଃ ଲେଖିବାର ମାନସ ରହିଲା ।—

---

## ସାପ୍ତାହିକ ସମ୍ବାଦ ।

### କଲିକତାଗେଜେଟ ।

କଟକର ରେଭେନ୍ସା କଲେଜର ବାବୁ ଧର୍ଣ୍ଣୀଦାସ ଦତ୍ତ ୧୮୧୬ ସାଲର କଲେଜ ରଲ୍ କ୍ଷମତା ପ୍ରାପ୍ତ ହେଲେ ।

ଡେଃ ମାଜଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ କଳିରାମ ଦାସ ଓଡ଼ିଶା କେନାଲ ରେଭେନ୍ୟୁ ବିଭାଗର ଭାର ଗ୍ରହଣରେ ନିଯୁକ୍ତ ହେଲେ ।

ବାଲେଶ୍ୱର ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ବାବୁ ତ୍ରୈ-ଲୋକ୍ୟନାଥ ଘୋଷ ବି, ଏ ଏଡୁକେସନ ଶିକ୍ଷକବର୍ଗର ୨ୟ ଶ୍ରେଣୀକୁ ଉନ୍ନତି ପ୍ରାପ୍ତ ହେଲେ ।

---

ଏ ସପ୍ତାହରେ ଏ ନଗରରେ ବାୟୁ ସର୍ବଦା ପ୍ରବଳବେଗ ଏବଂ ହେତେ ଧୂମାଳ ଓ ମେଘାଚ୍ଛନ୍ନ ହେତୁ ଗ୍ରୀଷ୍ମବେଗ ଅନୁଭବ ହୋଇ ନ ଥିଲା । କେବଳ ଦଶ ରବିବାର ଅନ୍ନରେ ସାମାନ୍ୟ ବୃଷ୍ଟି ହୋଇଥିଲା । ସାଧାରଣ ସ୍ୱାସ୍ଥ୍ୟ ଭଲ ମାତ୍ର ଜର କାଶ ମସଜିଦ ଗଳରେ ଏକାବେଳକେ ଓଲ-ଉଠା ହେଉଅଛି ଏବଂ ଆହାରୀୟରୁ ବସନ୍ତ ହେଉଅଛି ।

ଗତ ବୁଧ ଶୁକ୍ରବାର ପାଠଯୋଗ ନଦୀ କୂଳରେ ଅର-ପାଶ ଲୋକମାନେ ବୁଥ ଦେଇ ଯାଉଥିବା ବେଳେ ତଡ଼କ ପଡ଼ଇ । ତହିଁର ଅନେକରେ ଏକଜଣ ଲୋକ ବଧ ହୋଇଅଛି ଏବଂ ଅଉ ଏକଜଣ ଜଖମ ହୋଇ ଘୋଡ଼ାରେ ଅସାଧ ପାଉଅଛି ।

କବି ବଙ୍ଗର ବାବୁ ଗୋପୀପ୍ରସାଦ ଉଦୟ ମହା-ନଦୀର ଘାଟି କରଗଡ଼ ଘାଟରେ ସ୍ନାନ କଲାବେଳେ ଗୋ-ଟାଏ କୁମ୍ଭୀର ତାହାଙ୍କ ଜଙ୍ଘରେ କାମୋଡ଼ି ଦାନ୍ତ ଫୁଟାଇ ଦେଇଅଛି । ମାତ୍ର ଅଧିକ କ୍ଷତ କରି ନାହିଁ । ଡାକ୍ତର ଚିକିତ୍ସା କରୁଅଛନ୍ତି । ନଦୀରେ ସ୍ନାନ କରିବାଲୋକେ ସାବଧାନ ହେଉନ୍ତୁ ।

ନେପାଳର ପାହାଡ଼ୀ ବସନ୍ତ, ଓଲାଉଠା ଏବଂ ଜ୍ୱରର ଏକୋପ ହୋଇଅଛି । ବସନ୍ତ ସର୍ବକାଳରୁ ଉତ୍ପାତ କରୁଅଛି ।

ଅରକାଳ ଖାନଜୁଣା ଜାର୍ଜ ଗୃହଅତେ ଲାଗିଅଛି । ଅନେକସ୍ଥାନରେ ଏ ସପ୍ତାହରେ ପ୍ରଚୁର ବୃଷ୍ଟି ହେବାରୁ ଚଷ ଉଠିବାର ସୁବିଧା ହୋଇଅଛି ।

ଡରଡୋଲ ଆନା ଏଲାକାରୁ ଜଣେ ସ୍ତ୍ରୀ ଗେୟ୍ଲ ଅପ-ରାଧରେ ଗଲାନ ହେବାରୁ କନଷ୍ଟବଲ ନେଇ ଅସୁଥିଲା । ବାଟରେ ଉପର ସେ ସ୍ତ୍ରୀ ପଳାଇଗଲା । ପରେ ଧରା ପଡ଼ିବାରୁ ଗ୍ରାଫ୍ଟ୍ରୁ କେନଷ୍ଟବଲ ଡେପୁଟି ମାଜିଷ୍ଟ୍ରେଟଙ୍କ ବିଗ୍ୟ-ରରେ ପଳାଇବା ଅପରାଧରେ ତ୍ରୀ ଏକମାସ ଏବ ଜରିମାନା ହେତୁ କନଷ୍ଟବଲର ମା ୩ ସ ମିଆଦ ହୋଇଅଛି ।

କଲିକତାରେ ପ୍ଲେଗ ବେଗ ଅଦୃଶ୍ୟ ହୋଇ ନାହିଁ ମାତ୍ର ଲକ୍ଷଣ ଅଛି । ଗତସପ୍ତାହରେ ମୋଟ ଅକ୍ରମଣ ୭୮ ରୁ ଅଧିକ ନ ଥିଲା ।

ଦୁର୍ଭିକ୍ଷ ସାହାଯ୍ୟପାଇବା ବ୍ୟକ୍ତିଙ୍କ ସଂଖ୍ୟା ଗତସପ୍ତା ହରେ ୩୫୨୭୨ ବଢ଼ି ହୋଇ ୪୪୭୯୪୦ ହୋଇଥିଲା । ଅଧିକାଂଶ ବୃଦ୍ଧି ବମ୍ବେଇ ପ୍ରଦେଶରେ ଘଟିଅଛି ।

କଲିକତା ହାଇକୋର୍ଟରେ ପଲଲେକ ଶତ ଓଡ଼ିଆ ମୋ-ହୁନ ମୋହନ ରାୟଙ୍କ ଏଣିରି ବନ୍ଧୁଅର ମୋକଦ୍ଦମା ଅବ ପୁନ ଷ୍ଟବଷ୍ଟଙ୍କ ଅଦାଲତରେ ଚଳୁଅଛି । ସେ ସମ୍ପତ୍ତିର ମୂଲ୍ୟ ୪୦ ଲକ୍ଷ ଟଙ୍କା ଘଟେ ।—ଏଥିରୁ ମାମଲାରେ କେତେ କାଦ୍ୟାଦେଶିବ କିଏ କହିପାରେ ।

କଲିକତାର ଜଣେ ମୁସଲମାନ ଘର ଧୂଳର ଗୃଷ୍ଟାବକାଶ ହେତୁ ଅପଣା କୁଡ଼ିତା ଘରକୁ ଲୁଟିବାକୁ ପାଇ ଶୁଡ଼ିତା ନ ଥିବା ସମୟରେ ତାହାର ଟଙ୍କା ଓ ଅଳଙ୍କାରର ବାକ୍ସଟି ନେଇଗଲା ଅଣି ଜଙ୍ଗଲରେ ବାକ୍ସଟିକୁ ଭାଙ୍ଗିବାବେଳେ ଟଙ୍କା ଓ ଅଳଙ୍କାର ନେଇ ପଳାଇଲା । ପୁଲିସ ଧରାଇ ବିଚାର କରୁଣ ଡିଷ୍ଟ୍ରିକ୍ଟ ଜଜ ମାସ ଶ୍ରମଯୁକ୍ତ କାରାଦଣ୍ଡ ପାଇଅଛି ।

କଲିକତାଠାରେ ଜଣେ ମୁସଲମାନ ଅପଣାକୁ ହିନ୍ଦୁ ବ୍ରାହ୍ମଣ ରୂପେ ପରିଚୟ କରାଇ କାଳୀଘାଟର କାଳୀମନ୍ଦିରର ପଣ୍ଡାଙ୍କଠାରେ ଅନେକ ଦ୍ରବ୍ୟ ମୂଲ୍ୟ ନେଇ ନାନାପ୍ର-କାର ସମ୍ବନ୍ଧ କରୁଥିଲା । ତାହାର ସେ ଠକ ବୃତ୍ତାନ୍ତ ଧରାପଡ଼ିବାରୁ ବର୍ଷ ଶ୍ରମଯୁକ୍ତ କାରାଦଣ୍ଡ ପାଇଥିବା-ର ସମ୍ବାଦ ମିଳଇ ।

କେତ ମହିପାଳପୁରର ସମ୍ପୂର୍ଣ୍ଣ ଗ୍ରାମ ସୁମନ୍ତ୍ରା ଦେ ମହନ୍ତ ମଠରେ ବେଶାଦିବାଲି ଥିବାରୁ ଅନେକେ ଦେଖ ଲୋକମାନଙ୍କୁ ଯାଇଥିଲେ । ସୁମାନରେ ମେଘ ଘୋଡ଼ାଇବାରୁ ଅଡ ଅଲ୍ପ କାଳ ମାତ୍ର ଦର୍ଶ ଗ୍ରାସ ଦେଖାଯାଇଥିଲା । ଯୂଦସ୍ୟ ସେଠାକୁ ଯାଇଥିବା ଲୋକେ ନିରାଶ ହୋଇଅଛନ୍ତି । ମହନ୍ତ ଠାରେ ମେଘ ନ ଥିବାରୁ ପୂର୍ଣ୍ଣ ଗ୍ରାସ ସ୍ପଷ୍ଟ ଦେଖାଯାଇ-ଥିଲା ।

ରଙ୍ଗଲାହଟା ପଞ୍ଚରପୁରର ଏକ ଚମଡ଼ା ବ୍ୟବସାୟୀ ସାତମତ ଗୋରୁମାନଙ୍କୁ ବିଷ ଖୁଆଇ ହତ୍ୟା କରୁଥିବାର ଅପ-ରାଧରେ ଧରାପଡ଼ି ଏକବର୍ଷ ସହିତ ଶ୍ରମଯୁକ୍ତ କାରାଦଣ୍ଡ ପାଇ ଥିବାର ସମ୍ବାଦ ମିଳଇ ।

ମୃତ ମହାତ୍ମା ସର୍ ଉମେଶ୍ଚନ୍ଦ୍ର ମିତ୍ରଙ୍କ ଛବି ହାଇକୋର୍ଟର ଓକିଲଖାନାରେ ସ୍ଥାପିତ ହୋଇଅଛି । ସ୍ୟାର୍ ଚାର୍ଲସ ଗତମାସ ତା ୨୯ ରିଖ ଦିନ ଏହା ପ୍ରତିଷ୍ଠା କରିଥିଲେ ।

ରୁଷିଆର ବଣ୍ଟିଗଡେଲର କାଇବାର ଭାରତରେ ପ୍ରତି ବର୍ଷ ୪୦ ଲକ୍ଷ ଟଙ୍କା ଅଧିକ ହେଉଥିବାର କଥିତ ହୁଏ । ଗତବର୍ଷ ଭାରତରେ ଆମଦାନୀ ହୋଇଥିବା ରୁଷିଆର କର-ସିନତେଲର ମୂଲ୍ୟ ୬୮୦ ଲକ୍ଷ ଥିଲା । ଆମେରିକାରୁ ଆମ-ଦାନୀ ହେଉଥିବା କରୋସିନତେଲର ବ୍ୟବସାୟ ଉଣା ପଡ଼ୁଅଛି ଏମନ୍ତ କି ଗତ ଦୁଇବର୍ଷ ମଧ୍ୟରେ ୫୧ ଲକ୍ଷ ଟଙ୍କାରୁ ୨୮ ଲକ୍ଷ ଟଙ୍କାକୁ ଓହ୍ଲାଇ ଅଛି ଅଛି ।

ଗତମାସ ତା ୧୭ ରିଖରେ ପାରଲକେମଣ୍ଡି ନିକଟରେ ଭୂମିକମ୍ପ ଅନୁଭୂତ ହୋଇଥିବାର ସମ୍ବାଦ ମିଳଇ । ଏ ଭୂମିକମ୍ପ ସାମାନ୍ୟ ଏବଂ ଏହାର ଗତି ପଶ୍ଚିମରୁ ପୂର୍ବକୁ ଥିଲା ।

ଚଉ ।ମ ନାମକ ଏକ ରେଲବର୍ମଚାରୀ ଜଣେ ଦେଶୀୟ ଲୋକକୁ ଗୁଳି ମାରିଥିବା ଅପରାଧରେ କୋଡ଼ିଏଟଙ୍କା ଅର୍ଥ-ଦଣ୍ଡରେ ଦଣ୍ଡିତ ହୋଇଥିବାର ସମ୍ବାଦ ମିଳଇ ।—ଖଲାସ ପାଇବାର କୌଣସି ବାଟ ମିଳିଲା ନାହିଁ ପରା ।

ହାଜିପୁର ସବ୍ ଡିଭିଜନର ଏକ ଶାଖା ଡାକଘରର ହିସାବ ଜାଲ ଦସ୍ତଖତ କରି ମନିଅର୍ଡର ଟଙ୍କା ଚୋରାଇ ନେବା ଅପରାଧରେ ପୋଷ୍ଟ ମାଷ୍ଟର ହୋଇଥିବାର ସମ୍ବାଦ ମିଳଇ ।

ଅଲ୍ପଦିନ ତଳେ ନେକସି ଙ୍କଃନଠାରେ ବକ୍ତୃତା କରୁଥିବା ସମୟରେ ଲାଟସାହେବଙ୍କର ସେକ୍ରେଟେରୀ ମହୋଦୟ ପ୍ରକାଶ କଲେ ଯେ ଭାରତବର୍ଷରେ ଯେ ଗତ ଦଶବର୍ଷ କାଳ ଉପଦ୍ରବ ଉତ୍ପାତ ଶାସନ ବାନ୍ଧ ଏବଂ ଶାନ୍ତିତ ହଉଥି ତାହାଙ୍କ ମଧ୍ୟରେ ସମ୍ପୃକ୍ତ ଅଧିକତର ଉନ୍ନତ ହୋଇଅଛି । ସେ ଅଧିକ କ୍ଷାନ୍ତ କଲେ ଯେ ଭାରତବାସୀଙ୍କ ମତାମତ ଉପରେ ଭାରତରେ ଇଂରେଜର ପ୍ରାଧାନ୍ୟ ନିର୍ଭର କରେ । ଏହି ବକ୍ତୃତାରେ ତୀନ ଓ ଦହିଏ ଅଫିସରରେ ଭାରତ ସେନାର ସାହସ ଦକ୍ଷ ମଧ୍ୟ ଏ ମହାରାଜ୍ୟ ଦୃଢ଼େଶ ରୂପେ ବର୍ଣ୍ଣନ କରିଥିଲେ ।

ଗତ ଲୋକ ସଂଖ୍ୟାରେ ଇଂଲଣ୍ଡ ଏବଂ ୱେଲ୍‌ସର ଲୋକ ସଂଖ୍ୟା ୩୨୫୨୫୨୯୭ ଣ ହୋଇଅଛି । ଏଥିପୂର୍ବ ଯେଉଁ ଲୋକ-ସଂଖ୍ୟା ସୁଗ୍ରହିତ ହୋଇଥିଲା ତଦପେକ୍ଷା ଏଥର ଜ ୩୫୨୫୧-୬୨ ଣ ଅଧିକ ହୋଇଅଛି ।

ଚୁଣ୍ଡୁରା ଏବଂ କଇହାଟି ଷ୍ଟେସନ ମଧ୍ୟରେ ରେଲଗାଡ଼ିର ଅଗ୍ରଭାଗରେ ପିଟି ଦେବା ଉଦ୍ଦେଶ୍ୟରେ ଜଣେ କାବୁଲ ହିନ୍ଦୁସ୍ଥାନୀ ରେଲବାଟ ଉପରେ ରଖି ଦେଇଥିଲା । ଷ୍ଟୋକରମାନେ ରେଲଗାଡ଼ି ଆସିବା ସମୟରେ ତାହା ଦେଖିବାରୁ ଗାଡ଼ି ରେଲ ଅଟକାଇବାରୁ କୌଣସି ଦୁର୍ଘଟଣା ଘଟି ନାହିଁ । କାବୁଲ ଧରା ହୋଇ ବିଚାରାଧୀନ ଅଛି ।

ଇଲାହାବାଦ ବଜେଟରେ ନୂଆ କୋର୍ଟ ମୁଦ୍ରା ଚଳିବା କର୍ତ୍ତୃ-ତର ଇଷ୍ଟମିଟ ହୋଇଅଛି ।

ଭାରତ ଗବର୍ଣ୍ଣମେଣ୍ଟର ବନ୍ଦୋବସ୍ତମାନରେ କୌଣସି ଦେଶୀୟ ଲୋକ ବସିଛ ଥାଇ ନ ପାରିବା ମର୍ମରେ ଯେଉଁ ସରକ୍ୟୁ-ଲର ଭାରତ ଗବର୍ଣ୍ଣମେଣ୍ଟ ପ୍ରଚାର କରିଅଛନ୍ତି ତାହା ପାର୍ଲିଆ ମେଣ୍ଟ ସଭାରେ ଅବଗତ ହୋଇଥିଲା । ଅମ୍ଭମାନଙ୍କର ଷ୍ଟେଟ

ସେକ୍ରେଟେରି ମହୋଦୟ ବ୍ୟକ୍ତ କଲେ ଯେ ଉକ୍ତ ସର୍ବ୍ବୋଚ୍ଚସ୍ଥର ଦ୍ୱାର ଭାରତର ପ୍ରଜାମାନେ ସ୍ୱତନ୍ତ୍ର ଅଧିକାର ପାଇବେ ନାହିଁ ଏବଂ ବଙ୍ଗର ଶିକ୍ଷା ବୃତ୍ତିଗୁଡ଼ିକ ୧୯୦୨ ଫେବ୍ରୁଆରୀରେ ଅନୁମୋଦିତ ହେବା ନାହିଁ ।

ଅସମ୍ପନ୍ନଙ୍କର ନବ ସମ୍ରାଟଙ୍କ ନାମରେ ମିଥ୍ୟା ଅପବାଦ ଘୋଷଣା କରିବା ହେତୁ ଅପର୍ଣ୍ଣର ୧୦ ବର୍ଷ ପର୍ଯ୍ୟନ୍ତ ଅଧିକାର ଧୃତ ହୋଇଅଛି । ୫ ଜେଲ୍ ଭିତରୁ ଜଣେ ଓ ଅପୂର୍ଣ୍ଣଙ୍କୁ ଜରିମାନା କରାଯାଇଅଛି ।

ବଙ୍ଗଳା ହରା ରେଳପଥର ଜମିଦାରଙ୍କ ସମସ୍ତ ନିମନ୍ତେ ଭରଣ ତାର କର୍ତ୍ତୃପକ୍ଷ ଟାଣନ୍ତି କରିବା କାରଣ ଟ ୫୦୦ ଟା ଜେଲ ପାଇବାକୁ କହିଥିବା ଅପରାଧରେ ଶ୍ରୀ ୭ ବ କଠିନ ପରିଶ୍ରମସହିତ କାରାଦଣ୍ଡ ପାଇଥିବାର ସମ୍ବାଦ ମିଳିଲା ।

ଗତ ମାସ ତା ୧୮ ଦିନରେ ସୁରିଜଠାରେ ପ୍ରକାଣ୍ଡ ଅଗ୍ନି ଲାଗିଥିବାର ସମ୍ବାଦ ମିଳିଲା । ଏଥିରେ ଅନେକଗୁଡ଼ିଏ ଘର ଭସ୍ମୀଭୂତ ହେବା ସଙ୍ଗେ ଅନେକ ଲୋକେ ହତ ହୋଇଥିବାର କଥିତ ଅଛି । ସବିଶେଷ ବୃତ୍ତାନ୍ତ ଅଦ୍ୟ ପ୍ରକାଶିତ ହୋଇ ନାହିଁ ।

ବୁର୍ଦ୍ଧିଷ୍ଟ ନ୍ୟାସ ଛତ୍ରସ୍ଥାପନ କୁଞ୍ଜଙ୍କ ଶ୍ରଦ୍ଧାର୍ଥ କଲିକତାରେ ୭୫୦୦୦ ଟଙ୍କା ଚାନ୍ଦା ଉଠିଅଛି । ଦକ୍ଷିଣ ଆଫ୍ରିକାର ଯୁଦ୍ଧପୀଡ଼ିତ ଲୋକଙ୍କ ସାହାଯ୍ୟାର୍ଥ ସେଠାରେ ଯେଉଁ ଚାନ୍ଦା ଉଠିଥିଲା ତହିଁର ପରିମାଣ ୧୧୩୦୦୦ ଟଙ୍କା ହୋଇଅଛି ।

## ସ୍ଥାନୀୟ ସମ୍ବାଦ ।

ଗତ ତା ୨୨ ରଖ ରାତ୍ରି ୧ ଟା ସମୟରେ କଣ୍ଡାରବେଣ୍ଟସାହୀରେ କେତେକ ଗୃହରେ ଅଗ୍ନି ଲାଗି ହୋଇଥିଲା ମାତ୍ର ଅନେକଲୋକଙ୍କ ସମବେତ ଯତ୍ନ ଏବଂ ପରିଶ୍ରମଦ୍ୱାରା ଅଧିକ ମାତ୍ର ଅନିଷ୍ଟ ହୋଇ ନାହିଁ । ଏଠାର ପଣ୍ଡିତ ଏବଂ ସାହାଯ୍ୟ କରିବା ନିମନ୍ତେ ହରିଚଣ୍ଡୀସାହୀରୁ ଲୋକମାନେ ଆସିଥିଲେ, କିନ୍ତୁ ନିକଟବର୍ତ୍ତୀ ପୁଲିସ ଥାନାରୁ କୌଣସି ପୁଲିସ କର୍ମ୍ମଚାରୀ ଉପସ୍ଥିତ ଥିବାର ଉପଲବ୍ଧ ହେଲେ ନାହିଁ । ଏପରି ସମୟରେ ପ୍ରତୀକାର କରିବା ପୁଲିସର କର୍ତ୍ତବ୍ୟ କାର୍ଯ୍ୟର ଅନ୍ତର୍ଗତ ନୁହେଁ କି ?

ଗତ ତା ୨୩ ରଖରେ ଶିବଙ୍କର ଜଳାଭିଷେକ ଉତ୍ସବରେ ଯେଉଁ ପର୍ବ ହୁଏ ତାହା ଶୀତଳଷଷ୍ଠୀ ନାମରେ ନାମିତ । ଗ୍ରାମ୍ୟ ପ୍ରତ୍ୟେକ ଶାସନର ଅଧିଷ୍ଠାତା ଶିବମୂର୍ତ୍ତି ବୃଷଭଯାନରେ ଆରୂଢ଼ ହୋଇ ଗ୍ରାମମଧ୍ୟରେ ପରିଭ୍ରମଣ କରନ୍ତି; ସେଠାର ମଧ୍ୟ ଗ୍ରାମବାସିମାନେ ବହୁଦୂର ବାଣ ଏବଂ ନୈବେଦ୍ୟ ଦେଇ ଅନୁଭାବ ଦର୍ଶନ୍ତି । ଏ ବର୍ଷ ଅନ୍ୟାନ୍ୟ ବର୍ଷଠାରୁ ଏହି ଉତ୍ସବରେ ବାଣର ପରିମାଣ କମ ଥିବା ଯୋଗୁଁ ବାଳକମାନଙ୍କର ମନ ପରି ତୋଷ ହେଲା ନାହିଁ ।

ଗତ ସପ୍ତାହରେ ଅତ୍ୟନ୍ତ ଗ୍ରୀଷ୍ମର ମଧ୍ୟ ଉତ୍ତାପ ବଢ଼ିଥିବା ଅନେକବାର ପବନ ସହିତ ମେଘାଡ଼ମ୍ବର ହୋଇ ସାମାନ୍ୟ ବୃଷ୍ଟି ହୋଇଅଛି, ମାତ୍ର ଉତ୍ତାପ କିଛି କମ ହୋଇଅଛି ।

ଗତ ସପ୍ତାହରେ ସହରର କେତେ ମହଲାରେ ବସନ୍ତରୋଗ କ୍ରମଶଃ ବୃଦ୍ଧି ହୋଇଅଛି ।

ଏହି ସହର ସ୍ଥିତ ମଧ୍ୟଇଂରେଜୀ ବିଦ୍ୟାଳୟ ଗତ ତା ୧୯ ରଖଠାରୁ ଜୁନ ତା ୩୦ ରଖ ପର୍ଯ୍ୟନ୍ତ ଗ୍ରୀଷ୍ମାବକାଶ ନିମନ୍ତେ ବନ୍ଦ ହୋଇଅଛି ।

କାର୍ତ୍ତିକ ଓ ଜୟପୁର କଳେକ୍ଟରୀ ଉଚ୍ଚ ଶ୍ରେଣୀ ବିଦ୍ୟାଳୟ ବନ୍ଦ ରହିଅଛି ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀଯୁକ୍ତ ଦେଗ୍ନଦତ୍ତଙ୍କ ରହିଥିବା ନନ୍ଦନ ଭଟ୍ଟଙ୍କ | | ଟ ୨ ।୵ |
| „ ଦାମୋଦର ଘୋଷ ଲମ୍ବୋଦର | ପୁରୀ | ଟ ୩ ୧ |
| „ କୃଷ୍ଣରାମ ମହାପାତ୍ର | କଟକ | ଟ ୧ ୧ |
| „ ଗଙ୍ଗାଧର ରାଉ ଶ୍ରୀମତୀ | | ଟ ୩ ୧ |
| „ ରଘୁନାଥ ନାରାୟଣ ସିଂହ ଧାମନଗର | | ଟ ୩ ୧ |
| ମହନ୍ତ ଶ୍ରୀ ଅଠନଗିରି | | ଟ ୩ ୧ |
| ଶ୍ରୀବାବୁ ବୈଦ୍ୟନାଥ ବଳ ମାଳତିପାଟପୁର | | ଟ ୩ ୧ |


## ବିଜ୍ଞାପନ ।

ସର୍ବ୍ବସାଧାରଣଙ୍କ ଜ୍ଞାତାର୍ଥେ ପ୍ରକାଶ କରୁଅଛୁଁ କି ଅମ୍ଭେ ବହୁ ଦିନରୁ ପକ୍ଷାଘାତ (Paralysis) ନାମକ ଉତ୍କଟ ରୋଗରେ ପୀଡ଼ିତ ଥାଇ ଡାକ୍ତରୀ କବିରାଜୀ ଓ ଅନ୍ୟାନ୍ୟ ଅନେକ ପ୍ରକାର ଚିକିତ୍ସା କରାଇ ଆଶାନୁରୂପ ଫଳ ନ ପାଇ ଅବଶେଷରେ କଟକ ବକ୍ସିବଜାର ନିବାସୀ କାବାଡ଼ୀ ଦିନ୍ନମାତ ଦାସଙ୍କ ପୁତ୍ର କବିରାଜ ଶ୍ରୀ ଲୋକନାଥ ଦାସଙ୍କ ଯତ୍ନ ଓ ସୁଚିକିତ୍ସାଗୁଣରେ ଅତି ଅଳ୍ପ ସମୟରେ ଆଶାନୁରୂପ ଫଳ ଲାଭ କରୁଅଛୁଁ । ଏଦ୍ୱାରା ଯଦି ସର୍ବ୍ବସାଧାରଣର ସାମାନ୍ୟ ମାତ୍ର ଲାଭ ହୁଏ ତେବେ ଅମ୍ଭର ଏହି ସାମାନ୍ୟ ଅର୍ଥ ବ୍ୟୟକୁ ସାର୍ଥକ ମନେ କରିବୁ । ଇତି ।

ତା ୭ | ଚୌଧୁରୀ ବଜାର | ୩୦।୫।୧୯୦୧ — ବଶମ୍ବଦ | ଦତ୍ତମଣ୍ଟ ମହାପାତ୍ର | ରେକର୍ଡ କିପର, କଲେକ୍ଟୋରୀ

## FOR SALE.

One pucca two-storied building belonging to late Babu Kali Pado Banerjee at Mahidas Bazar Cuttack, built on 11 Gunths 5 Biswas 4 Gandas khas mahal lands and containing 20 rooms, several thatched houses, pucca privies with a tank adjoining.

Further particular to be had from

Mahammadia Bazar Cuttack 31-5-01. — Dhananjoy Banerjee *Pleader.*

ସହର କଟକ ମାହୁଡ଼ାବଜାରସ୍ଥ ୬ କାଳୀପଦ ବନ୍ଦୋପାଧ୍ୟାୟଙ୍କର ଦୁଇ ମହଲା ପକ୍କା କୋଠା ବିକ୍ରୟ ହେବ । ଉକ୍ତ କୋଠା ତଳ ଜମିର ପରିମାଣ ମା ୬।୧୧।/୪ ଗଣ୍ଡା ଅଟେ ଏବଂ ତହିଁରେ କୋଡ଼ିଏ କଣ୍ଡରା ଘର ଓ ଅନ୍ୟାନ୍ୟ ଚାଳି ଛପର ଘର ଓ ପକ୍କା ପାଇଖାନା ଅଛି ଏବଂ ଗୋଟିଏ ପୁଷ୍କରିଣୀ ଉକ୍ତ କୋଠାରୁ ଲାଗିଅଛି । ସବିଶେଷ ବିବରଣୀ ଶ୍ରୀଧନଞ୍ଜୟ ବନ୍ଦୋପାଧ୍ୟାୟ ଉକୀଲ ମହମ୍ମଦୀୟା ବଜାର ସହର କଟକଙ୍କ ନିକଟ ମିଳି ପାରିବ । ୩ ୫ ୧୯୦୧

## ADVERTISEMENT.

WANTED 2 Head Masters for the Dhamnagar and Basudebpur Middle English Schools. Both the schools have Post Offices attached to them. The intending candidates are invited to submit their applications with the copies of their testimonials to the undersigned within the 15th June 1901.

RAMANATH DAS
*Dy. Inspector of Schools,*
28—5—01. *Balasore.*

## NOTICE.

WANTED a 2nd Pandit for the Mahasingpur Board's School on a salary of Rs 8 per month. None need apply who has not passed the Vernacular Mastership Examination of the Cuttack Training School.

Preference will be given to an experienced teacher having the above qualification.

Applications will be received by the undersigned up to the 15th June 1901.

Cuttack District Board Office, 30—5—01 — J. C. Chunder, Vice-Chairman.

## NOTICE.

It is with great pleasure that the undersigned begs to announce to his friends patrons, customers and the learned members of the medical profession that the name and style "Ghose's Cheap Dispensary" by which his dispensary was so long known to all has been in sweet and sacred memory of the late most gracious Majesty Queen Victoria—Empress of India changed into "Victoria Medical Hall" and that the said Victoria Medical Hall has been formally recognised and approved by the Inspector General of Civil Hospitals Bengal as a fit place for the training of compounders.

Akshoy Kumar Ghose H. A.
Proprietor Victoria Medical Hall
(Formerly Ghose's Cheap Dispensary
Chowdhury Bazar, Cuttack

## WANTED.

A Head master for Bahugram M. E. School on a salary of Rs. 18 per mensem. Apply to Babu Hari Prasad Basu, Secy., P. O. Bahukud.

## ବିଜ୍ଞାପନ ।

## ମଧୁପର ଉପହାର ।

"ଉତ୍କଳ ମଧୁପ" ମାସିକ ପତ୍ରିକାର ବାର୍ଷିକ ମୂଲ୍ୟ ଏଗାର ଅଣା ପଠାଇ ଗ୍ରାହକ ହେଲେ ୪୭ ପୃଷ୍ଠାରେ ସମାପ୍ତ

## କ୍ଲିଓପାଟ୍ରା ଚରିତ

ଉପହାର ଦିଆଯିବ । ଭିଃ ପିଃ ରେ ଉପହାର ପଠା ଯାଇ ମୂଲ୍ୟ ଆଦାୟ କରି ଯାଇପାରେ ଏ ସୁବିଧା ଅତ୍ୟଳ୍ପ ଦିବସ ସକାଶେ ।

ଦେବଗଡ଼ ପୋଃ, ସମ୍ବଲପୁର — ମେନେଜର "ଉତ୍କଳ ମଧୁପ"


Split by PDF Splitter
Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

ବୃହତ୍ ଏକାଦଶସ୍କନ୍ଧ ।
( ମୂଳପଦ୍ୟ ଓ ଟୀକାମାଳୀ ସହିତ )
ଉତ୍କୃଷ୍ଟ କାଗଜରେ ଛପା ।
ମୂଲ୍ୟ ପ୍ରତିଖଣ୍ଡ ଟ ୦ ୵ ଚାରି ଅଣା ।
କଟକ ପ୍ରିଣ୍ଟିଙ୍ଗକମ୍ପାନୀଙ୍କ ପୁସ୍ତକାଳୟରେ
ବିକ୍ରୟ ହେଉଅଛି ।

## NOTICE.

Candidates for admission into the English Training Classes of the Cuttack Training School should apply to the undersigned on or before the 15th June next. Ten stipends for the 2nd grade teachership class and an equal number of stipends for the 3rd grade teachership class will be awarded on receipt of applications.

Candidates for 3rd grade certificates should have passed the Entrance Examination, and those for 2nd grade certificates should have passed the First Arts Examination. In default of candidates who have passed the Entrance or First Arts Examination candidates will be admitted who have failed in not more than one subject at either examination, provided they have passed in English.

The Department has ruled that in the case of all appointments whether in schools under public management or in aided or unaided schools, and in the appointment of Sub-Inspectors of Schools, preference shall in future be given to the holders of Teachership Certificates.

Cuttack
The 13th
May 1901.

MADHUSUDAN RÁO
*Headmaster*
TRAINING SCHOOL
CUTTACK.

# ବିଜ୍ଞାପନ ।

କଟକ ଟ୍ରେନିଂ ବା ନର୍ମାଲ ସ୍କୁଲର ପଣ୍ଡିତ କ୍ଲାସରେ କେତେ ଗୋଟି ବୃତ୍ତି ଖାଲି ଅଛି । ପ୍ରାର୍ଥୀମାନେ ଆଗାମୀ ଜୁନମାସ ତା ୧୫ ଭିତରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଉପସ୍ଥିତ ହୋଇ ଆବେଦନ କରିବେ ।

କଟକ ଟ୍ରେନିଂ ସ୍କୁଲ
ତା ୧୩ ମଇ ୧୯୦୧

Madhu Sudan Rao
ହେଡମାଷ୍ଟର ଟ୍ରେନିଂସ୍କୁଲ
କଟକ

# ବିଶେଷ ସମ୍ବାଦ ।

କୌଣସି ବ୍ୟକ୍ତିର ମୂଳ ଉପଲକ୍ଷେ ଅନ୍ୟ କୌଣସି ବ୍ୟକ୍ତି ଅତି ସହଜରେ ନଗଦରେ ଓ ସାମାନ୍ୟ ବ୍ୟୟରେ ଅପେକ୍ଷାକୃତ ଅଧିକ ଟଙ୍କା ଲାଭ କରି ପାରନ୍ତି । ଏହି କାର୍ଯ୍ୟ ଓ ନୀୟମ-ପ୍ରଣାଳୀ ବିଷୟରେ ଜନଲ୍ଲେ ଇଂରାଜୀ ଜାଣିବା ଲୋକ ଆବଶ୍ୟକ । ଯେଉଁମାନେ ଏହି କାର୍ଯ୍ୟ ପ୍ରାର୍ଥୀ ହେବାକୁ ଇଚ୍ଛାକ୍ତ ସେମାନେ "କଲିକତା ୧୧-୩ ନମ୍ବର ହାରିସନ ରୋଡ଼ ମ୍ୟାନେଜର ସି, ପି ଆଇ" ଠିକଣାରେ ଏହି ପତ୍ରିକାର ନାମ ଉଲ୍ଲେଖ କରି ଇଂରାଜୀରେ ପତ୍ର ଲେଖିଲେ ସବିଶେଷ ଜାଣି ପାରିବେ ।

11-3 Harrison Road Calcutta.

## NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
*Agent*
*Cuttack.*

# ମହାରାଣୀ ।



ପରଲୋକଗତା ମହାରାଣୀ ଭିକ୍ଟୋରିଆଙ୍କର ଜୀବନ ଚରିତ ଓଡ଼ିଆଭାଷାରେ ମୁଦ୍ରିତ ହୋଇ ଅଛି । ଏଥିରେ ତାଙ୍କର ଜନ୍ମ, ବାଲ୍ୟାବସ୍ଥା, ଶିକ୍ଷା, ଅଭିଷେକ, ବିବାହ, ପୁତ୍ର କନ୍ୟା ଓ ସେମାନଙ୍କର ବିଦ୍ୟା ଶିକ୍ଷା, ରାଜ୍ୟ, ଶାସନର ଫଳ ଓ ମୃତ୍ୟୁ ବର୍ଣ୍ଣିତ ହୋଇଅଛି । ଉତ୍କୃଷ୍ଟ ନୀଳ କାଳିରେ ଛାପା ଓ ଅନେକଗୁଡ଼ିଏ ଛବି ଦିଆଯାଇଥିବାରୁ ପୁସ୍ତକଖଣ୍ଡି ଅତିସୁନ୍ଦର ହୋଇ ଅଛି । ଓଡ଼ିଆଭାଷାରେ ଅଦ୍ୟାପର୍ଯ୍ୟନ୍ତ ଏପରି ପୁସ୍ତକ ଛପା ହୋଇ ନ ଥିଲା । ମୂଲ୍ୟ ପାଞ୍ଚଅଣା ମାତ୍ର । କଟକ ଦରଘାବଜାର ପ୍ରିଣ୍ଟିଂକୋମ୍ପାନୀଙ୍କ ସେକ୍ରେଟେରୀଙ୍କ ନିକଟକୁ ପତ୍ର ଲେଖିଲେ ପୁସ୍ତକ ପାଇ-ପାରିବ । ଯେଉଁମାନେ ଦଶଖଣ୍ଡ ପୁସ୍ତକ ଏକସଙ୍ଗ-ରେ ନେଲେ ଖଣ୍ଡିଏ ପୁସ୍ତକ ବିନା ମୂଲ୍ୟରେ ପାଇବେ ।

# ବନାରସ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନା-ରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ମୟୂରଭଞ୍ଜ, ପଟେଲଗଡ଼ା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ ନେଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି, ଜୋଡ଼ି, ଚେଲା, କିଂଖାପ, କାମ୍ଦାନୀ, ଦୋପଟ୍ଟା ମଖଲ, ଶିରରେ ବାନ୍ଧିବାର ଫେଟ୍ଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ଇତ୍ୟାଦି ରେଶମ ଅଙ୍ଗରଖା ପ୍ରଭୃତି ଛଡ଼ା ସୁନା ରୁପାର ବାସନ, ହାତୀର ହାଉଦା ପ୍ରଭୃତି ବରାଦ ଅନୁସାରେ ତିଆର କରାଇ ଦେଉଁ । ବରାଦ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇ-ଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇ-ବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେ-ଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ

ଭେଲୁପେଏବଲ ପାରସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରନ୍ତ ନିଆଯାଏ ।

ଶ୍ରୀ ପାଲୁମାଲ ଗୋକୁଳନାଥ
ବୁଲ୍ଭନାଳ ଫାଟକ ବନାରସ ସିଟି

# DANZIN

ବିକସ୍ଥା ଜଗତର ସେହି
ଉଜ୍ଜଳ ରତ୍ନ ! !
ଡାକ୍ତର ଜେ, ଟୀ, ମାର୍ଟିନଙ୍କର
ଡ୍ୟାନ୍‌ଜିନ ! ! !

ଅନେକଙ୍କର ବିଶ୍ୱାସ ଅଳ୍ପ ପାନ୍ଥ ଓ ଗଭୀର ବିଷ ଶରୀରରେ ପ୍ରବେଶ ହେଲେ ତାହିଁରେ

Digitized by srujanika@gmail.com

Split by PDF Splitter



ତାହା ଦୁଃସହ୍ୟ ହୁଏ ନାହିଁ ବଲ୍ଡ ଉଦ୍ୟାନ୍ ଚନ୍ ଶ୍ରାସ୍ଥ ଅର୍ଦ୍ଧ ଶତାବ୍ଦି ଅଗ୍ରତ ଦେଶୀ ଲୋକଙ୍କର ସେହି ବିଶ୍ୱାସ ଦୂର କରୁଅଛୁ ଅଜି ଜଗତର ଲୋକେ ଏକବାକ୍ୟରେ ସ୍ୱୀକାର କରୁଅଛନ୍ତି ଯେ, ଉଦ୍ୟାନ୍ ଚନ୍ ସେହି ସମସ୍ତ ରୋଗର ଏକମାତ୍ର ମହୌଷଧ ।

ପାକ୍ସର ଘା, ଗରମିର ଘା, ଦାଉଁର, ଭଗନ୍ଦର, ବାଘୀ, ନାଲିଘା, ନାକ ଓ ମୁଖଭିତରର ଘା, ଦେହର ଚକାଚକା ଦାଗ, ହାଡ ଓ ଗୋଡ଼ କଲର ଚମଖଡ଼ିବା, ହସ୍ତପଦ ଜ୍ୱାଳା, ଚକ୍ଷୁରୁ ଜଳ ପଡ଼ିବା, ମୂତ୍ରଧରା, ମୂତ୍ରରୁନ୍ଧିଲବା, ମସ୍ତିଷ୍କ ଜ୍ୱାଳା କରିବା, ଲୁତିଘା, କାନ୍ଥ, ଇତ୍ୟାଦି ରୋଗର ମହୌଷଧ । ମେହ, ପ୍ରମେହ, ପୂଜସହିତ ଧାତୁ ନିର୍ଗତ ହେବା, ପ୍ରସ୍ରାବ କରିବା ସମୟରେ ଜ୍ୱାଳା, ପ୍ରସ୍ରାବର ଅଗ୍ରେ ବା ପଶ୍ଚାତ୍ ସୂତାପରି ପଦାର୍ଥ ବାହାରିବା, ଲୁଗାରେ ଦାଗ ଲାଗିବା, ମୂତ୍ରକୃଚ୍ଛ୍ର, ପ୍ରସ୍ରାବର ଅଳ୍ପତା ବା ଅଧିକ୍ୟ, ଇନ୍ଦ୍ରିୟଶକ୍ତି ହ୍ରାସତା, ଅଶାନ୍ତିବନ୍ଧ ସ୍ୱାର୍ଯ୍ୟସ୍ଖଳନ, ଏମନ୍ତ କି ଧ୍ୱଜଭଙ୍ଗ ପର୍ଯ୍ୟନ୍ତ ଆରୋଗ୍ୟ କରି ଲୋକଙ୍କର ଦୃଢ଼ବିଶ୍ୱାସ ଜନ୍ମାଇଅଛୁ ।

**ସ୍ତ୍ରୀବ୍ୟାଧି** ଯଥା;—କଷ୍ଟରଜ, ଋତୁକାଳୀନ ପେଟର ବେଦନା, ଅଳ୍ପ ବା ଅଧିକ ପରିମାଣେ ରକ୍ତସ୍ରାବ, ଅନିୟମିତ କାଳେ ଋତୁ ହେବା ପ୍ରଭୃତି ରୋଗରେ ଉଦ୍ୟାନ୍ ଚନ୍ ବ୍ରହ୍ମାସ୍ତ୍ର ସ୍ୱରୂପ

ଉଦ୍ୟାନ୍ ଚନ୍ ବାତରୋଗର ଅମୋଘ ଔଷଧ । ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ଶରୀରରେ ନୂତନ ରକ୍ତ ଜନ୍ମିବା ସୃଷ୍ଟିକରି ସବଳ ଓ ପୁଷ୍ଟି କରେ ।

ଉଦ୍ୟାନ୍ଚନ୍ ଶାଳଧାପର ରୋଗକୁ ଗୁପ୍ତ ରଖେ ନାହିଁ । ଉଦ୍ୟାନ୍ଚନ୍ଦ୍ୱାରା ରୋଗ ଆରୋଗ୍ୟ ହେଲେ ପୁନର୍ବାର ଆକ୍ରମଣର ଭୟ ନ ଥାଏ । ଉଦ୍ୟାନ୍ ଚନ୍ ସେବନର କୌଣସି ବନ୍ଧା ନିୟମ ନାହିଁ । ସକଳ ଋତୁ ଓ ସକଳ ଅବସ୍ଥାରେ ସେବନ କରଯାଏ । ୧ ବୋତଲ ଔଷଧ ୭ ୧୫ ଦିନ ବ୍ୟବହାର କରଯାଏ ।

ମୂଲ୍ୟ ।

ପ୍ରତିବୋତଲ ଟ ୧୮ ୬ ବୋତଲ ଟ ୭୮
୩ „ ଟ ୪୧ ୧୨ „ ଟ ୧୪୧
ପ୍ୟାକିଂ ୧ଠାରୁ ୩ବୋତଲ ୫ଟଂ। ଅଣା, ୪ ଠାରୁ ୬ବୋତଲ ଟଂ।୵ ଅଣା; ଡାକମାସୁଲ ସ୍ୱତନ୍ତ୍ର

ଏକମାତ୍ର ଅଧିକାରକ ।

ଡାକ୍ତର ଜେ, ସୀ, ମାର୍ଟିନ । ସୋଲ ଏଜେଣ୍ଟ ।—
ଇଣ୍ଡିଆ, ବର୍ମା ଏବଂ ସିଲୋନ
ଅର, ବ, ଭ, ଏଣ୍ଡ କୋଂ
୨୩୯ନମ୍ବର ବାରଣସୀ ଘୋଷ ଷ୍ଟ୍ରିଟ କଲିକତା।





# ସୁଗନ୍ଧ ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଇଚ, ବସୁଙ୍କ କାରଖାନାରେ ପ୍ରସ୍ତୁତ ।

## କୁନ୍ତଳୀନ

ଏହି ତୈଳ କେଶ ପରିବର୍ଦ୍ଧନ କରେ । ଏହାଦ୍ୱାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଉପୁଡିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ସୁଲଭ:— ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା, ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା, ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା, ଚମ୍ପକଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

## ପୁଷ୍ପସାର ଅଥବା ଏସେନ୍ସ ।

ସର୍ବ ପ୍ରକୃଷ୍ଟ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରିସାରି ଏହି ଉତ୍କୃଷ୍ଟ ପ୍ରକାର ଏସେନ୍ସ ପ୍ରସ୍ତୁତ କରଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ଗ୍ଲୁମେଲା; ମଲ୍ଲିକା; ଚାମେଲୀ; ରଜନୀଗନ୍ଧା; ଯୂଥିକା; ବେଲଗୋଲାପ; ହ୍ୱାଇଟ୍ ରୋଜ୍; ବକୁଳ ରୋଜ୍; ବେଣାଫେଲ; କୁମୁଦନୀ; ନିଗିଲକୁସୁମ; ହେନାକୁସୁମ; ପାରିଜାତକୁସୁମ; ଇଲେକ୍ଟ୍ରୋଗନ୍ଧ୍ ବୋଟେ । ମୂଲ୍ୟ ଏକଶିଶି ଏକଟଙ୍କା ମାତ୍ର ।

## ଲ୍ୟାଭେଣ୍ଡର ।

ଉତ୍କୃଷ୍ଟ ଲ୍ୟାଭେଣ୍ଡର ଦେଖିବାକୁ । ଲ୍ୟାଭେଣ୍ଡର ଓ୍ୱାଟର ବଡ଼ଶିଶି ଛଅଣା, ସାନଶିଶି ଚାରିଅଣା ।

## ପମେଟମ

ଗୋଲାପି ପମେଟମ ଆଠଅଣା; ସ୍ୱତନ୍ତ୍ର ପମେଟମ ପାଞ୍ଚଅଣା ।

## ତାମ୍ବୁଲୀନ

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅଦ୍ଭୁତ ସାମଗ୍ରୀ । ଗୁଣ୍ଡି ପାନରେ ଲଗାଇ ଦେଖାଇ ଦେଲେ ଗୁଣ୍ଡ ମହନ୍ତପରିବ । ମୂଲ୍ୟ ପ୍ରତି ଡିବି ଅଠଅଣା

## ସରବତ ଅଥବା ସିରପ!

ଗ୍ରୀଷ୍ମକାଳ ସକାଶେ ଏହାଠାରୁ ଉତ୍କୃଷ୍ଟ ଆଉ ନାହିଁ ।

କମଳ ସିରପ୍ ବାରଅଣା । ଲେମନ ସିରପ୍ ବାରଅଣା । ଅନେନ୍ସ ସିରପ୍ ବାରଅଣା । ରୋଜ ସିରପ୍ ଏକଟଙ୍କା । ଗୋଲ୍ଡେନ ସିରପ୍ ଏକଟଙ୍କା ।

## ଗୋଲାପଜଳ ।

ପ୍ରତି ଶିଶି ଦେଢଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯାଏ ଭାରତବର୍ଷର ପ୍ରଧାନ ପ୍ରଧାନ ମହାରାଜା ଓ ରାଜା ଓ ବଡ଼ ବଡ଼ ରାଜକର୍ମଚାରୀମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପତ୍ରିକା ଓ ତାଏରି ବିନା ମୂଲ୍ୟରେ ପଠାଯାଏ ।

ଠିକଣା:—

ଏଇଚ ବସୁ
୬୨ନମ୍ବର ବହୁବଜାର ଷ୍ଟ୍ରିଟ
କଲିକତା

H. BOSE,
62 Bow Bazar
Street
Calcutta.

କଟକରେ "ଉଦ୍ୟୋଗ ସମିତିର ଭଣ୍ଡାର"ରେ ଓ କଟକ ଟ୍ରେଡିଂ କମ୍ପାନୀର ପ୍ରସ୍ତୁତ ଦୋକାନରେ ଏହି ଜିନିଷ ମିଳିବ ।


ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି; ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ୫ ୦ ୴ |
| ଅଧସ୍ତମ୍ଭ | ୫ ୨ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ଖର୍ଚ୍ଚା ୫୦ ୧ ଠାରୁ ଊଣା ହେବ ନାହିଁ ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମଥରର ଅର୍ଦ୍ଧେକ ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା କଟକ ଅର୍ଦ୍ଧ ଉତ୍କଳପ୍ରେସ ପ୍ରିଣ୍ଟିଂ କମ୍ପାନି ଲିମିଟେଡ ଯନ୍ତ୍ରରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

ଶ୍ରୀ ବଳଦେବ ସରଣ ।

ମୁକାମ କେନ୍ଦ୍ରାପଡ଼ା ।

ଶ୍ରୀ ସିଦ୍ଧବଳଦେବଙ୍କ ସର୍ବସାଧାରଣ ହିନ୍ଦୁସଭା ।

ତା ୨୩ ରଖ ମାହେ ମଇ ସନ ୧୯୦୧ ମସିହା ଗୁରୁବାର ଅପରାହ୍ଣ ୫ ଘଣ୍ଟା ।

ଉପସ୍ଥିତ ।

୧ ଶ୍ରୀଯୁକ୍ତ ବାବୁ ଶ୍ରୀରାମଚନ୍ଦ୍ର ବୋଷ
୨ ଶ୍ରୀ ସାମନ୍ତ ଲକ୍ଷ୍ମୀନାରାୟଣ ଜଗଦେବ ଜମିଦାର
୩ ଶ୍ରୀ ବାବୁ ବୈକୁଣ୍ଠନାଥ ଜଗଦେବ ମେନେଜର ବଲେ ଅଲ
୪ ଶ୍ରୀ ବାବୁ ଶ୍ରୀକୃଷ୍ଣ ଷଡ଼ଙ୍ଗୀ ଉକିଲ ଓ ମନ୍ଦିର କର୍ମାଚାରୀ କମିଟି ମେମ୍ବର
୫ ଶ୍ରୀ ଚୌଧୁରୀ ଶ୍ୟାମଚରଣ ଦାସ ଜମିଦାର
୬ ଶ୍ରୀ ଚୌଧୁରୀ ମଦନମୋହନ ଦାସ ଜମିଦାର
୭ ଶ୍ରୀ ବାବୁ କୁଞ୍ଜବିହାରୀ ଦାସ ଗୁପ୍ତ
୮ ଶ୍ରୀ ବାବୁ ଜଗନ୍ନାଥ ଚକ୍ରବର୍ତ୍ତୀ
୯ „ „ ପଦ୍ମଚରଣ ଜାନୁଜଗୋ
୧୦ „ „ ଅମ୍ବିକାଚରଣ ବୋଷ
୧୧ „ „ ଗୌରଚନ୍ଦ୍ର ଦାସ
୧୨ „ „ ଚକ୍ରଧର ଦାସ
୧୩ „ „ କାଶୀନାଥ ଦାସ
୧୪ „ „ ଗିରିବାସୀ ଦାସ
୧୫ „ „ ଗଙ୍ଗାଧର ମହାନ୍ତି ରେଭିନ୍ୟୁ ଏଜେଣ୍ଟ
୧୬ „ „ ଦୁର୍ଗାଚରଣ ଦାସ
୧୭ „ „ ଜନ୍ମେଜୟ ମହାନ୍ତି
୧୮ „ „ ରାଧାଶ୍ୟାମ ଦାସ
୧୯ „ „ ଅଭୟପ୍ରସାଦ ଦାସ
୨୦ „ „ ଜନାର୍ଦ୍ଦନ ଦାସ
୨୧ „ „ ଗୋପୀନାଥ ମହାନ୍ତି ମୁକ୍ତାର
୨୨ „ „ ନୀଳମଣି ମହାନ୍ତି
୨୩ „ „ କମଳାଚରଣ ରାୟ
୨୪ „ „ ଗଣେଶ୍ୱର ମହାନ୍ତି ମୁକ୍ତାର
୨୫ „ „ ଶ୍ୟାମସୁନ୍ଦର ଦାସ ମୁକ୍ତାର
୨୬ „ „ କୃପାସିନ୍ଧୁ ମହାପାତ୍ର
୨୭ „ „ ଗୁରୁଚରଣ ଦାସ
୨୮ „ „ ସତ୍ୟନାରାୟଣ ଦାସ
୨୯ „ „ ବ୍ରଜକିଶୋର ଦାସ
୩୦ „ „ ରଘୁନାଥ ସିଂହ
୩୧ ସେବକ ଓ ଅପରାପର ବ୍ରାହ୍ମଣାଦି ହିନ୍ଦୁ ।

( ୧ ) ଅଦ୍ୟକାର ସଭାର ସଭାପତି ପଦରେ ଶ୍ରୀ ସାମନ୍ତ ଲକ୍ଷ୍ମୀନାରାୟଣ ଜଗଦେବଙ୍କୁ ସର୍ବ ସମ୍ମତିରେ ବରଣ କରାଗଲା ।

( ୨ ) କେନ୍ଦ୍ରାପଡ଼ା ଥାନାନ୍ତର୍ଗତ ଇଛାପୁର ମୁକାମରେ ବିରାଜମାନ ଥିବା ଶ୍ରୀ ବଳଦେବ ଜିଉଙ୍କ ସେବା ପୂଜା ଓ ଶ୍ରୀ ଜିଉଙ୍କ ଷ୍ଟେଟ ସମ୍ବନ୍ଧୀୟ କାର୍ଯ୍ୟ ଭଲ ପ୍ରବନ୍ଧ ରୂପେ ନିର୍ବାହ ହେଉଥିବା ଓ ଷ୍ଟେଟର ଜମା ଖର୍ଚ୍ଚ କାଗଜାତ ସୁଶୃଙ୍ଖଳ ରୂପେ ରଖା ଓ ତଦନ୍ତ କ ପରୀକ୍ଷା କରା ହେଉ ନ ଥିବା ଏବଂ କମିଟି ମେମ୍ବରମାନଙ୍କ ମଧ୍ୟରେ ଦଳାଦଳି ଓ ମେନେଜରଙ୍କ ସହିତ କେତେକ ମେମ୍ବରଙ୍କର ମନାନ୍ତର ଘଟିଥିବା ଯୋଗୁ ଶ୍ରୀ ଜିଉଙ୍କ ସେବା ପୂଜା ଇତ୍ୟାଦି କାର୍ଯ୍ୟରେ ବ୍ୟାଘାତ ଜନ୍ମୁଥିବା ଜନରବ ଶୁଣାଯିବାରୁ ଷ୍ଟେଟ ଓ ମନ୍ଦିର ସମ୍ବନ୍ଧୀୟ କବାଜ ହିସାବ ସ୍ଥଳରେ ପରୀକ୍ଷାକର ତହିଁର ରପୋର୍ଟ କରିବା କାରଣ ଶ୍ରୀ ବାବୁ ଦୁର୍ଗାଚରଣ ଦାସ ଓ ଶ୍ରୀ ବାବୁ ଜନ୍ମେଜୟ ମହାନ୍ତି ସ୍ଥାନୀୟ ଭଦ୍ରଲୋକ ଦ୍ୱୟଙ୍କୁ ମନୋନୀତ କରାଯାଇଥିଲା । ସେମାନେ କାଗଜାତ ସ୍ଥଳରେ ପରୀକ୍ଷା କରି ଯେଉଁ ନକସା ଇତ୍ୟାଦି କାଗଜାତ ଏହି ସଭାରେ ଅର୍ପଣ କରିଅଛନ୍ତି ସେହି ସମସ୍ତ କାଗଜାତ ପାଠ ଓ ଶ୍ରବଣ କରାଗଲା ପରି ଜଣାଗଲା ଯେ —

( କ ) ଶ୍ରୀ ବଳଦେବ ଜିଉଙ୍କ ସେବା ପୂଜା ସୁଶୃଙ୍ଖଳରୂପେ ଚଳୁ ନାହିଁ ।

( ଖ ) ଷ୍ଟେଟ ସମ୍ବନ୍ଧୀୟ ସମସ୍ତ ହିସାବ ଆଦି କାଗଜାତ ଏପରି ବିଶୃଙ୍ଖଳ ଓ ଜଟିଳ ଭାବରେ ରଖାଯାଇଅଛି ଯେ ତନ୍ମଧ୍ୟରେ କେହି ସହଜରେ ପ୍ରବେଶ କରି ପାରିବେ ନାହିଁ ।

( ଗ ) କୌଣସି ବର୍ଷର ହିସାବ ଯଥାମତ କମିଟିଙ୍କଦ୍ୱାରା ଅଡିଟ ପରୀକ୍ଷିତ ହୋଇ ନାହିଁ । କେବଳ ମାତ୍ର ସନ ୧୩୦୧ ସାଲ । ଲ । ସନ ୧୩୦୫ ସାଲ ପ୍ରଭୃତି ସାଲମାନଙ୍କ କାଗଜାତ ଏକଜଣ ମାତ୍ର ମେମ୍ବର କଦାଚିତ୍ ପୂର୍ବେ ଦେଖିବାକୁ ନେଇଥିଲେହେଁ ସେଥିରେ କିଛି ମନ୍ତବ୍ୟ ପ୍ରକାଶ ନ କରି ଫେରସ୍ତ ଦେଇଅଛନ୍ତି । ମେନେଜର ଓ ଉପସ୍ଥିତ ଥିବା କମିଟି ମେମ୍ବରଙ୍କ ମୁଖରୁ ତାଙ୍କରଙ୍କ ହିସାବ ଏ ପର୍ଯ୍ୟନ୍ତ ଯଥାମତେ କମିଟିଙ୍କଦ୍ୱାରା ପରୀକ୍ଷିତ ହୋଇ ନ ଥିବାର ପ୍ରକାଶ ହେଲା ଓ ମେମ୍ବର ମହାଶୟ ସମସ୍ତ ହିସାବ ଆଦି ସଂଶୋଧରୂପେ ପରୀକ୍ଷା କରିବା ନିମନ୍ତେ କମିଟିଙ୍କର ଯଥେଷ୍ଟ ସମୟ ନ ଥିବାର ପ୍ରକାଶ କଲେ ।

( ଘ ) ମହାଲରେ ଅନେକ ପରିମାଣରେ ଧାନ ଓ ଖଜଣାଦି ଟଙ୍କା ବାକି ପଡ଼ିରହିଅଛି । ଏକବର୍ଷର ମୋଟ ଖଜଣାର ଦ୍ୱିଗୁଣରୁ ଅଧିକ ଟଙ୍କା ସନ ୧୩୦୬ ସାଲ ଶେଷରେ ବାକି ଥିଲା । ସନ ୧୩୦୭ ସାଲର ହିସାବ ଅଦ୍ୟାପି ପ୍ରସ୍ତୁତ ହୋଇ ନାହିଁ । ସନ ୧୩୦୫ ଓ ୧୩୦୬ ସାଲ ହିସାବ ଅଳ୍ପଦିନ ହେଲା ପ୍ରସ୍ତୁତ ହୋଇଅଛି ।

( ଙ ) କେତେଟଙ୍କା ତମାଦି ହୋଇଅଛି ତାହା ନିଶ୍ଚୟ କରିବା କଠିନ ଅଟେ । ତହିଁର କୌଣସି ଯଥାମତ ହିସାବ ନାହିଁ । ମେନେଜରଙ୍କ ପ୍ରଦତ୍ତ ମୋଟାମୋଟି ଅଂଶିକ ତାଲିକାରୁ ପ୍ରାୟ ଟ ୫୦୦୧ ଙ୍କାରୁ ଊର୍ଦ୍ଧ୍ୱ ତମାଦି ହୋଇଥିବାର ଜଣାଯାଏ ।

( ଚ ) ଷ୍ଟେଟ ତହବିଲରେ କେତେ ଧାନ ମଉଜୁଦ ଅଛି ତହିଁର ହିସାବ କିଛି ନ ଥିବାରୁ ନିଶ୍ଚୟ କରିବା କଠିନ ଅଟେ । ସନ ୧୩୦୬ ସାଲର ଧାନ ଜମା ଖର୍ଚ୍ଚ ତସଲ ଏ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇ ନାହିଁ । ସନ ୧୩୦୭ ସାଲରେ କେତେ ଧାନ ଆମଦାନୀ ହୋଇଅଛି ତହିଁର ହିସାବ ମେନେଜରଙ୍କ ସିରସ୍ତାରେ ପାଯାଯାଇ ନାହିଁ ।

( ଛ ) ଗୋ ମହିଷାଦି ଜୀବ ଜନ୍ତୁ ଓ ଅନ୍ୟାନ୍ୟ କେତେକ ପ୍ରକାର ଦ୍ରବ୍ୟାଦିର ହିସାବ କିଛି ନାହିଁ ।

( ଜ ) ବହୁମୂଲ୍ୟ ଦ୍ରବ୍ୟାଦିର ଯଥାମତ ହିସାବ ନାହିଁ । କେବଳ କେତେଖଣ୍ଡ ଜେରା ତାଲିକା ମାତ୍ର ଥିବାର ପ୍ରକାଶ କରନ୍ତି ।

( ଝ ) ଭେଟି, ନଜରାନା, ଦାନ, ଓ ଅନ୍ୟାନ୍ୟ ପ୍ରକାର ବାଜେ ଆୟର ଦସ୍ତୁରମତେ ହିସାବ ନାହିଁ । କିମ୍ବା ଏହିସବୁ ଆୟ ସମ୍ବନ୍ଧେ କୌଣସି ବନ୍ଦୋବସ୍ତ ନିୟମ ବନ୍ଧବନ୍ଧ କରା ହୋଇ ନାହିଁ ।

( ଞ ) ଓୟାସିଲବାକି କାଗଜାତରେ କୌଣସି ସାଲ ଆଖିରରେ ଯେଉଁ ଟଙ୍କା ବାକି ରହିଅଛି ସେହି ଟଙ୍କା ତହିଁର ପରବର୍ତ୍ତୀ ସନ ହିସାବରେ ସାବକ ବାକି ବୋଲି ପ୍ରଦର୍ଶିତ ହେବାର ଉଚିତ ହେଉଥିବାସ୍ଥଳେ ତଦପେକ୍ଷା କମି ବା ବେଶି ଟଙ୍କା ପ୍ରତ୍ୟେକ ସନରେ ଦେଖା ଯାଉଅଛି । ଏହି ସମସ୍ତ କାରଣମାନଙ୍କରୁ ଶ୍ରୀଯୁକ୍ତ ବାବୁ ଶ୍ରୀରାମଚନ୍ଦ୍ର ବୋଷ ମହାଶୟଙ୍କ ପ୍ରସ୍ତାବମତେ ସମସ୍ତ ସଭ୍ୟବୃନ୍ଦ ନିମ୍ନଲିଖିତ ପ୍ରସ୍ତାବମାନ ଏକମତରେ ଅନୁମୋଦନ କଲେ । ଯଥା—

( ୧ ) ଶ୍ରୀ ବଳଦେବ ଜିଉଙ୍କ ସେବା ପୂଜା ସମ୍ପର୍କୀୟ—ସ୍ୱତ୍ୱବାନ୍ ବ୍ୟକ୍ତିମାନଙ୍କର ତାଲିକା ( List of persons interested ) କମିଟିଙ୍କଦ୍ୱାରା ରଖାଯାଇ ନ ଥିବାରୁ ବର୍ତ୍ତମାନ ଶ୍ରୀ ବାବୁ ଦୁର୍ଗାଚରଣ ଦାସ ଓ ଶ୍ରୀ ବାବୁ ଜନ୍ମେଜୟ

Split by PDF Splitter

Digitized by srujanika@gmail.com

ମହାନ୍ତି ଦ୍ୱୟଙ୍କ ପ୍ରସ୍ତୁତ କରା ଲିଷ୍ଟ ସଭାର ଅନୁମୋଦନ କଲେ ମନ୍ଦିର କାର୍ଯ୍ୟକାରି କମିଟିଙ୍କଦ୍ୱାରା ସଂଶୋଧିତ ହେଉ ଓ ଆବଶ୍ୟକ ମନେ କଲେ କମିଟି ଏହି ଲିଷ୍ଟରେ ଅନ୍ୟାନ୍ୟ ନାମ ଯୋଗ କରି ପାରିବେ ।

(୨) ଉପରୋକ୍ତ ଲିଷ୍ଟ ଲିଖିତ ଭଦ୍ରଲୋକମାନେ ଓ ସର୍ବ ସାଧାରଣ ହିନ୍ଦୁମାନେ ଏଣିକି ପ୍ରତିବର୍ଷ ମାଘମାସ ବସନ୍ତପଞ୍ଚମୀ ଦିନ ( ଅଥବା ଅନ୍ୟ ଯେ ଦିନ ସୁବିଧା ହୁଏ ) ଶ୍ରୀ ବଳଦେବଜିଉଙ୍କର ମନ୍ଦିରଠାରେ ସମବେତ ହୋଇ ଶ୍ରୀଜିଉଙ୍କର ବାର୍ଷିକ ଆୟ ଓ ବ୍ୟୟର ଓ କାର୍ଯ୍ୟ କଳାପ ଯେ ପ୍ରକାର ନିର୍ବାହ ହୋଇଅଛି ତହିଁର ବିବରଣୀ ଶ୍ରବଣ କରି ସମସ୍ତ ବିଷୟ ଆଲୋଚନା ପୂର୍ବକ ସଭାର କାର୍ଯ୍ୟ ନିଷ୍ପନ୍ନ କରିବେ । ମନ୍ଦିର ନିର୍ବାହକ କମିଟି ଉକ୍ତ ସଭାରେ ପରବର୍ତ୍ତୀ ବର୍ଷର ଖାଇଖମାଣି କାଗଜାତ ପୂର୍ବରୁ ପ୍ରସ୍ତୁତ କରାଇ ମେନେଜରଙ୍କଦ୍ୱାରା ଅବଗତ କରାଇବେ ।

(୩) ଉପସ୍ଥିତ ସଭା ଏହି ସମିତିର ପ୍ରଥମ ଅଧିବେଶନ ବୋଲି ଗଣ୍ୟ କରାଯାଉ ।

(୪) ଏହି ସଭାର କାର୍ଯ୍ୟ ନିର୍ବାହ ନିମନ୍ତେ ଶ୍ରୀ ସାମନ୍ତ ଲକ୍ଷ୍ମୀନାରାୟଣ ଜଗଦେବ, ଶ୍ରୀ ସାମନ୍ତ ବ୍ରଜସୁନ୍ଦର ମର୍ଦ୍ଦରାଜ ଓ ଶ୍ରୀ ଚଉଧୁରୀ ମଦନମୋହନ ଦାସ ଜମିଦାରମାନଙ୍କୁ ଏହି ସଭାର ଜଏଣ୍ଟ ସେକ୍ରେଟାରୀ ପଦରେ ନିଯୁକ୍ତ କରାଯାଉ ।

(୫) ଶ୍ରୀଜିଉଙ୍କ ଶୁଭାକାଂକ୍ଷୀ ବ୍ୟକ୍ତିଙ୍କ ମଧ୍ୟରୁ ନିମ୍ନ ଲିଖିତ ଭଦ୍ରଲୋକମାନଙ୍କଦ୍ୱାରା ଏକ ସବ୍ କମିଟି ଗଠିତ କରାଯାଉ । ଏହି ସବ୍ କମିଟିଙ୍କର ଆବଶ୍ୟକମତେ ନୂତନ ମେମ୍ବର ଆପଣା ସହିତ ଯୋଗ କରିପାରିବାର କ୍ଷମତା ସେମାନଙ୍କୁ ଦିଆଯାଉ । ଏମାନେ ଶ୍ରୀ ବଳଦେବଜିଉଙ୍କ ସେବା ପୂଜା ଓ ଷ୍ଟେଟ ସମ୍ବନ୍ଧୀୟ ସମସ୍ତ କାଗଜାତ୍ ସନ ୧୩୦୧ ସାଲଠାରୁ ଆଜ ପର୍ଯ୍ୟନ୍ତ ଯାଞ୍ଚ କରି ତଦନ୍ତ ପୂର୍ବକ ସେମାନଙ୍କର ରିପୋର୍ଟ ଛଅମାସ ମଧ୍ୟରେ ଅବଗତ କରିବା କାରଣ ସେମାନଙ୍କୁ ଅନୁରୋଧ କରାଯାଉ । ସବ୍ କମିଟିଙ୍କ ତଦନ୍ତ ଓ ପରିଚାଳନ କାର୍ଯ୍ୟରେ ଯଥା ସମ୍ଭବ ସାହାଯ୍ୟ ଓ ପ୍ରୟୋଜନ ମୋହରର ବସ୍ତାବର ମୁତସୁଦ୍ଦି ଦେବା ସକାଶ ମନ୍ଦିର ନିର୍ବାହକ କମିଟିଙ୍କୁ ଅନୁରୋଧ କରାଯାଉ । ପ୍ରକାଶ ଥାଉ କି ସବ୍ କମିଟି ଶ୍ରୀଜିଉଙ୍କର ସେବା ପୂଜା ଓ ସମ୍ପତ୍ତି ସଂକ୍ରାନ୍ତ ଯାବତୀୟ ବିଷୟ ସମ୍ପୂର୍ଣ୍ଣରୂପେ ତଦନ୍ତ ଓ ପରିଚାଳନ କରି ଆବଶ୍ୟକମତେ ଭବିଷ୍ୟତ ଉନ୍ନତି ସାଧନର ପ୍ରସ୍ତାବମାନ ମନ୍ଦିର ନିର୍ବାହକ କମିଟିଙ୍କ ସମୀପକୁ ପ୍ରେରଣ କରିବେ ଏବଂ ରଘୁନାଥ ଓ ସେରଙ୍କର ହିସାବ ସନହାଲ ପର୍ଯ୍ୟନ୍ତ ମୀମାଂସା ଓ ସ୍ଥିର କରିଦେବେ ।

ସବ୍ କମିଟିଙ୍କ ନାମ ।

୧ ଶ୍ରୀ ବାବୁ ଗୋପାଳଚରଣ ମହାନ୍ତି ଜମିଦାର କାଶୀପୁର
୨ „ „ ପଦ୍ମଚରଣ ଜାଳୁନଗୋ „ ବାଲିଆ
୩ „ ଚଉଧୁରୀ ଶ୍ୟାମଚରଣ ଦାସ „ କାକଟ
୪ „ „ ମଦନମୋହନ ଦାସ „ „
୫ „ ବାବୁ ଲକ୍ଷ୍ମୀଧର ଦାସ „
୬ „ „ ବୈକୁଣ୍ଠ ଭୂୟାଁ ତହସିଲଦାର ବଳଭଦ୍ରପୁର
୭ „ „ ଜଗନ୍ନାଥ ମହାନ୍ତି

(୬) ଉକ୍ତ ହିସାବ ଯେ ନିୟମରେ ରହିଅଛି ତାହା ଅସମ୍ପୂର୍ଣ୍ଣ ଓ ଜଟିଳ ଥିବାରୁ ଭବିଷ୍ୟତରେ ଯଥା ସମ୍ଭବ କୋର୍ଟଅଫ ଓ୍ୱାର୍ଡସର ନିୟମାନୁଯାୟୀ ହିସାବ ରଖିବା କାରଣ ମନ୍ଦିର ନିର୍ବାହକ କମିଟିଙ୍କୁ ଅନୁରୋଧ କରାଯାଉ ।

(୭) ଉକ୍ତ ପ୍ରଥା ଓ ଦସ୍ତୁର ଅନେକ ଅସମ୍ପୂର୍ଣ୍ଣ ଓ ଅନିୟମିତ ଥିବାରୁ ଭବିଷ୍ୟତକୁ ଉତ୍ତମରୂପେ କାର୍ଯ୍ୟ ଓ ଶ୍ରୀଜିଉଙ୍କର ସେବା ପୂଜା ନୀତି ଓ ଷ୍ଟେଟ କାର୍ଯ୍ୟ ସୁଶୃଙ୍ଖଳରୂପେ ଚଳିବା କାରଣ ଏହି ସ୍ଥାନର ଭଦ୍ରଲୋକ ଶ୍ରୀଯୁକ୍ତ ବାବୁ ରାମଚନ୍ଦ୍ର ଘୋଷ ଓ ଶ୍ରୀଯୁକ୍ତ ବାବୁ ଅର୍ଦ୍ଧେନ୍ଦୁପ୍ରସାଦ ଦେ ମହୋଦୟ ଦ୍ୱୟଙ୍କ ସହିତ ପରାମର୍ଶ କରି ନୂତନ ନିୟମାବଳୀ ବନ୍ଦୋବସ୍ତ କରିବା ନିମନ୍ତେ ମନ୍ଦିର ନିର୍ବାହକ କମିଟିଙ୍କୁ ଅନୁରୋଧ କରାଯାଉ ।

(୮) ଶ୍ରୀ ବଳଦେବଜିଉଙ୍କର ଭାଣ୍ଡାରସ୍ଥ ସ୍ଥାବରାସ୍ଥାବର ସମ୍ପତ୍ତିର ଏକ ଚିରସ୍ଥାୟୀ ରେଜିଷ୍ଟରୀ ବହି ରଖା ଯିବା ନିମନ୍ତେ ମନ୍ଦିର ନିର୍ବାହକ କମିଟିଙ୍କୁ ଅନୁରୋଧ କରାଯାଉ ।

(୯) ସେବକ ଓ ପାଳିଆ ଓ ସେରଙ୍କ ସେବା ଓ ରୋଷମ ଦସ୍ତୁରର ବିବରଣୀ ଓ ନାମ ଦାଖଲ ଖାରିଜ ବ୍ୟବସ୍ଥା ସହିତ ଏକ୍ସପର ଏକ ରେଜିଷ୍ଟର ରଖାଯାଉ । ଶ୍ରୀଜିଉଙ୍କର ଦୈନିକ ସେବା ପୂଜା ଓ ପର୍ବ ନିର୍ବାହ ଉପଲକ୍ଷେ ଓ ସଦାବର୍ତ୍ତ ନିମନ୍ତେ ଯେ ସମସ୍ତ ଖର୍ଚ୍ଚ ପୂର୍ବ ପ୍ରଥାନୁଯାୟୀ ଅଥବା ପୂର୍ବ ଖର୍ଚ୍ଚା ମୁତାବକ ହେଉଅଛି ଆବଶ୍ୟକ ତାହା ତଦନ୍ତ କରାଯାଇ ଏକ ବହିରେ ଲିପିବଦ୍ଧ କରିବା କାରଣ ମନ୍ଦିର ନିର୍ବାହକ କମିଟିଙ୍କୁ ଅନୁରୋଧ କରାଯାଉ ।

(୧୦) ସବ୍ କମିଟିମାନେ କାର୍ଯ୍ୟ ଶେଷ କରି ନିଜଠି ରିପୋର୍ଟ ଛଅମାସ ମଧ୍ୟରେ ଅବଗତ କରିବା କାରଣ ସମୟ ଦିଆ ଯାଇଥିବାରୁ ଜଏଣ୍ଟ ସେକ୍ରେଟେରୀଙ୍କୁ ଅନୁରୋଧ ଯେ ସେମାନେ ପ୍ରତିମାସରେ କାର୍ଯ୍ୟର ଗତି ଦେଖୁଥିବେ ଓ ତାଙ୍କର ରିପୋର୍ଟ ପ୍ରାପ୍ତ ହେଲାରୁ ସର୍ବସାଧାରଣଙ୍କର ସଭା ଆହ୍ୱାନ କରିବେ ।

(୧୧) ଅଦ୍ୟର ଧାର୍ଯ୍ୟ ହେଲା କି ଏହି ସଭାର କାର୍ଯ୍ୟର ବିବରଣ ସର୍ବସାଧାରଣଙ୍କ ଜ୍ଞାତାର୍ଥେ ଉତ୍କଳ ଦୀପିକାରେ ପ୍ରକାଶ ହେବା କାରଣ ଦୀପିକାର ସମ୍ପାଦକଙ୍କ ନିକଟ ପତ୍ର ସହିତ ପଠାଯାଉ ଓ ଏଥିର ପ୍ରତିଲିପି ମନ୍ଦିର ନିର୍ବାହକ କମିଟିଙ୍କ ସମୀପକୁ ମଧ୍ୟ ପଠାଯାଉ । ଇତି ।

| | |
|---|---|
| କେନ୍ଦ୍ରାପଡ଼ା, ଶ୍ରୀ ହିନ୍ଦୁବଳଦେବ<br>ସାଧାରଣ ହିନ୍ଦୁ ସଭା<br>ତା [illegible] ରିଖ ମାହେ ମାର୍ଚ୍ଚ ୧୯୦୧ ମସିହା | ଶ୍ରୀ ଲକ୍ଷ୍ମୀନାରାୟଣ ଜଗଦେବ<br>ଶ୍ରୀ ଚଉଧୁରୀ ମଦନମୋହନ ଦାସ<br>ଜଏଣ୍ଟ ସେକ୍ରେଟେରୀମାନେ |

[illegible] ନକଲ ଦେଲୁ ।

Split by PDF Splitter
Digitized by srujanika@gmail.com

Split by PDF Splitter

[REGIST]ERED No. C. 81.



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୨୬ ସଂ ୪୯ ସଂଖ୍ୟା } ତା ୮ ଉଣ ମଙ୍ଗେ କୁଳ ସନ ୧୮୯୧ ... } ଅଗ୍ରୀମ ୫ ଟଙ୍କା ପଶ୍ଚାତ୍‌ଦେୟ ୬ ଟଙ୍କା

(COMMUNICATED.)

## *AN APPEAL TO GOVERNMENT.*

### THE BALASORE CENTRAL HOSPITAL.

The institution forming the subject of this appeal is not a new one though the name proposed to be given to it is new. It has been in existence for a very long time under the name of the Balasore Pilgrim Hospital and has been maintained by Government from the Jagannath Road Fund and the Municipal Funds. Some 20 years ago the old hospital house near the Jagannath Road having become rickety, a new house was erected near it at the expense of the then Raja of Mourbhanj. This house being cracked in several parts has now been declared unsafe. Hence the necessity for erecting a new house. The site of the old Hospital was chosen at a rather inconvenient distance from the town on its suburbs, surrounded by cornfields and a few scattered villages, with a view to prevent sick pilgrims from entering the town and spreading epidemic diseases. It lies on the Jagannath Road in the middle of an open Maidan where it enjoys the advantages of pure and free air and of a cremation ground hard by on the other side of the Jagannath Road where dead pilgrims are burnt.

The site proposed for the new hospital is not in the centre of the town, as the proposed name would signify, where it might be equidistant from all parts of the town; but at Manikham on its north eastern suburbs which is the most populous part of the town, close to Raja Syamanand De's charitable dispensary and Rani's Dufferin Hospital. The chosen site is not only inconvenient to the towns people but is a source of danger to them as sick pilgrims on their way to the hospital must pass through the whole town. Besides, as every one would admit, there is no necessity for a hospital where there are two already existing. Moreover in a sanitary point of view the new site is not a happy one and quite unsuitable for a hospital, in as much as it lies in a densely peopled part of the town well known as the nursery of cholera.

These disadvantages have not, we believe, been duly brought to the notice of the authorities or duly considered by them while choosing the site. The most convenient and advantageous site for the Hospital would be the neighbourhood of the Bagbrindaban tank which besides being an open place has the advantage of being equally distant from all parts of the town. Pilgrims too would not find it inconvenient to get at, as it lies about a mile from the Jagannath Road, while the proposed site is about double the distance from it. Further more, this situation would not in the least endanger the sanitation of the town in consequence of the ingress of pilgrims as the part of the town through which they must pass on their way to the hospital consists chiefly of cornfields and a few scattered houses.

That the amount of 15,000 proposed for the erection of the new central hospital may be usefully and advantageously spent and that we may not incur the censure of "carrying coal to new castle," we beg to propose that Government be pleased to depute an experienced officer, quite unbiassed by the party faction existing in the town, to see whether the site chosen by the authorities or that proposed by us be the more suitable or to choose one in the centre of the town if that proposed by us do not meet with his approval.

---

କଲିକତା ହାଇକୋର୍ଟର ଜଣେ ବାରିଷ୍ଟର ମିଃ ସୟଦ ଅବଦୁଲ ରହମାନ ଏବଂ ଜଣେ ଉକିଲ ମୌଲବି ହବିବୁଲ୍ଲା ସୁଲ୍ତାନପୁରି ଜଣେ ସମ୍ଭ୍ରାନ୍ତ ମୁସଲମାନ ସ୍ତ୍ରୀ ସଙ୍ଗେ ଚୁକ୍ତି କରିଥିଲେ କି ସେ ସ୍ତ୍ରୀ ତାହାର ସ୍ୱାମିର ମୃତ୍ୟୁ ସମ୍ପତ୍ତିରେ ଦଖଲକାର କରାଇ ଦେଲେ ପାରିଶ୍ରମିକ ସ୍ୱରୂପ ଉକ୍ତ ସମ୍ପତ୍ତିର ଶ° ।୶ ଅଂଶ ଦେବେ । ତାହ-

Digitized by srujanika@gmail.com

ସ୍କୁଲ ଓ ଉକୀଲମାନଙ୍କର ଏପରି ଚୁକ୍ତି ବା ମାମଲାର ବନ୍ଦୋବସ୍ତ କରିବା ବେଆଇନ ଅଟେ । ହାଇକୋର୍ଟରେ ଏ ବିଷୟ ପ୍ରକାଶ ପାଇବାରୁ ବିଶ୍ୱମତେ ବସ୍ତୁର ହୋଇ ବାରିଷ୍ଟର ପ୍ରଭୃ ଭିନମାଷ ଏବଂ ଉକ୍ତିଲପ୍ରଭୃତି ମା ୬ ଙ୍କ ସସପେଣ୍ଡ ହେବାର ଆଦେଶ ହୋଇଅଛି ଅର୍ଥାତ୍ ଉକ୍ତ ସମୟମଧ୍ୟରେ ସେମାନେ କୌଣସି ଅଦାଲତରେ ବାରିଷ୍ଟରୀ ବା ଓକାଲତି କରି ପାରିବେ ନାହିଁ ଆଶା କରୁଁ ଉକ୍ତ ମୁକ୍ତାରମାନେ ଏଣିକି ସାବଧାନ ହେବେ ।

---

ଆମ୍ଭେମାନେ ଅତି ଦୁଃଖର ସହିତ ଅବଗତ ହେଲୁଁ ଯେ ଏଠା ସେନସସ କଲେକ୍ଟରର ଗୋଲମାଲ ଲାଗିଯାଇଅଛି ଏବଂ ଅମଲାମାନେ ବଳୁଷ୍ଟ ହୋଇ ଆପଣା ୨ କାର୍ଯ୍ୟ କରୁଅଛନ୍ତି । ସେମାନଙ୍କର କାର୍ଯ୍ୟର ରେଟ ମାସକୁ ୨୫୦୦୦ ପଦବର୍ଦ୍ଧରେ ୨୦୦୦୦ ଏବଂ ବେତନ ଟ ୮ ଟଙ୍କା ସ୍ଥଳେ ଟ ୧୧ ଟଙ୍କା ଧାର୍ଯ୍ୟ ହୋଇଅଛି । କିନ୍ତୁ ମହକୁମାର ଅଧ୍ୟକ୍ଷ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ମହାଶୟ ନିଜ ଇଚ୍ଛାରେ କାର୍ଯ୍ୟ ଉଠାଇବାର ଚେଷ୍ଟା ନ କରି ପ୍ରଥମରୁ ସ୍ୱବିବେଚନା ପୂର୍ବକ କାର୍ଯ୍ୟର ରେଟ ଏବଂ ବେତନ ନିରୂପଣ କରିଦେଇଥିଲେ ଏତେ ଗଣ୍ଡଗୋଳ ହୋଇ ନ ଥାନ୍ତା । ଗରୀବ ଅମଲାମାନଙ୍କୁ ଦୁଃଖ ଦେଇ କାର୍ଯ୍ୟ ନେବା ସରକାରଙ୍କର ଅଭିପ୍ରାୟ ନୁହେ ଏବଂ ସେଥିରେ କାର୍ଯ୍ୟର ଭଲ ହୁଏ ନାହିଁ । ଅଧ୍ୟକ୍ଷମାନଙ୍କର ଅଧୀନସ୍ଥ ଲୋକଙ୍କ ପ୍ରତି ସର୍ବଦା ଦୟାବାନ୍ ହେବା ଉଚିତ୍ ।

---

ସମ୍ବଲପୁର ହିତୈଷିଣୀରେ ପାଠ କଲୁଁ କି ଗତ ମାସ ତା ୨୦ ରିଖରେ ଛତିଶଗଡ଼ ଡିଭିଜନର କମିଶନର ସାହେବ ବାହାଦୁର ସମ୍ବଲପୁରଠାରେ ଏକ ଦରବାର କରିଥିଲେ । ସେ ଜିଲ୍ଲାର ଜମିଦାର ଓ ମାଫିଦାରମାନେ ଏବଂ ସଦରର ବହୁତ ସରକାରୀ ଓ ବେସରକାରୀ ଭଦ୍ରଲୋକମାନେ ଉପସ୍ଥିତ ଥିଲେ । ଏହି ଦରବାରରେ ବରପାଲି ଜମିଦାର ଲାଲ ନୃପରାଜ ସିଂହ ଦେବ ହିତାର୍ଥୀର ସୁଖ୍ୟାତି ହେତୁ ଗବର୍ଣ୍ଣମେଣ୍ଟରୁ ପାଇଥିବା ରାୟବାହାଦୁର ଉପାଧିର ସନନ୍ଦ ଓ ଖିଲତ୍ ପାଇଲେ ଏବଂ ଏକଷ୍ଟ୍ରା ଅସିଷ୍ଟାଣ୍ଟ କମିଶନର ଟୈଅଁଙ୍ଗଲ ଦୁର୍ଭିକ୍ଷ ସାହାଯ୍ୟ ସମ୍ବନ୍ଧରେ ଉତ୍ତମ କାର୍ଯ୍ୟ କରିଥିବାର ସନଦ ପାଇଲେ । କମିଶନର ମହୋଦୟ ଦରବାରରେ ପ୍ରକାଶ କଲେ ଯେ ଭିକ୍ଟୋରିଆ ହାଇସ୍କୁଲ ସ୍ଥାପନ ପାଣ୍ଠିରେ ଯେଉଁମାନେ ଏକଶତ ଟଙ୍କା ବା ତଦୂର୍ଦ୍ଧ୍ୱ ଦେବେ, ସେମାନଙ୍କର ନାମ ସରକାରୀ ଗେଜେଟରେ ଛପା ହେବ ।

---

ଭାରତବର୍ଷକୁ ବର୍ତ୍ତମାନ ଚାରି ରାଜ୍ୟରୁ ଦିଆସିଲି ଆସୁଅଛି, ଯଥା—ଜାପାନ, ସୁଇଡେନ, ବେଲଜିୟମ ଓ ଷ୍ଟ୍ରେଟ ସେଟଲମେଣ୍ଟ । ଜାପାନଠାରୁ ସର୍ବାପେକ୍ଷା ଅଧିକ ମୂଲ୍ୟର ଦିଆସିଲି ଆମଦାନୀ ହୁଏ ଅର୍ଥାତ୍ ବାର୍ଷିକ ୧୦୨ ଲକ୍ଷ ଟଙ୍କା । ଷ୍ଟ୍ରେଟ ସେଟେଲମେଣ୍ଟରୁ ଆମଦାନୀ ହୋଇଥିବା ଦିଆସିଲିର ମୂଲ୍ୟ ବାର୍ଷିକ ୧୦ ଲକ୍ଷ ଟଙ୍କା ହୋଇଅଛି । ବେଲଜିୟମଠାରୁ ଗତବର୍ଷ ୭ଲକ୍ଷ ଏବଂ ସୁଇଡେନରୁ ୪୨ ଲକ୍ଷ ଟଙ୍କାର ଦିଆସିଲି ଆମଦାନୀ ହୋଇଥିଲା । ବିଲାତରୁ ଆମଦାନୀ ହେଉଥିବା ଦିଆସିଲିର ମୂଲ୍ୟ ଅତି ଅଳ୍ପ ଅଟେ ଏବଂ ତାହା ବଜାରରେ ସ୍ଥାନ ନ ପାଇଲା ପରି ।— ଏଥିରୁ ପାଠକମାନେ ଦେଖିବେ ଯେ ଭାରତରେ ବର୍ଷକୁ ୬୨ ଲକ୍ଷ ଟଙ୍କାରୁ ଅଧିକ ଦିଆସିଲି ଖର୍ଚ୍ଚ ହେଉଅଛି ଅର୍ଥାତ୍ ଅନ୍ୟ ଦେଶକୁ କେବଳ ନିଆଁ କିଣିବା ସକାଶେ ଆମ୍ଭେମାନେ ବର୍ଷକୁ ୬୨ଲକ୍ଷ ଟଙ୍କା ଦେଉଅଛୁଁ । କେତେକ ଚେଷ୍ଟା କଲେ ମଧ୍ୟ ଭାରତବାସୀ ଅଦ୍ୟାପି ସାମାନ୍ୟ ଦିଆସିଲି କରି ପାରିଲେ ନାହିଁ ବଡ଼ ପରିତାପର ବିଷୟ ଅଟେ ।

—※—

ଏ ନଗରର ଗୋପାଳଜିଉ ମଠରେ ଅନେକ ବର୍ଷରୁ ଗୋଟିଏ ବଡ଼ ଷଣ୍ଢ ଅଛି । ନଗରବାସୀ ଅନେକଲୋକ ବଛି ପିଷ ଦେଇ କହନ୍ତି ଖାଇ ସଙ୍ଗାଇଥିଲେ ଭଲ ବାଛୁରି ପ୍ରାପ୍ତ ହୁଅନ୍ତି ଷଣ୍ଢର ସେବା କାର୍ଯ୍ୟରେ ବାଉରୀଜାତୀୟ ଜଣେ ବାଳୁଷ ନିଯୁକ୍ତ ଥିଲା । କେତେକ ଷଣ୍ଢଟି କପର ଭାବରେ ହାଠଗଡ଼ା ଗୁହାଳରୁ ବାହାରଯାଇ ଦାଣ୍ଡରେ ବୁଲିବାରୁ ଲୋକେ ସ୍ଥିତ ହେବାର ଶୁଣାଅଛୁ ମାତ୍ର ତାହାର ବିଶେଷ ଅନିଷ୍ଟ କରିବାର ଶୁଣା ନ ଥିଲା । ଗତ ପୂର୍ବ ଗୁରୁବାର ସଂଧ୍ୟାରେ ସେହି ଷଣ୍ଢ ମଦଗିଷ୍ଟି ଅନ୍ତରୁ ବୁଲିବାକୁ ଯାଇଥିଲା । ଶୁକ୍ରବାର ସକାଳବେଳେ ଉକ୍ତ ବାଉରୀ ଷଣ୍ଢକୁ ହାଠଗଡ଼ା ମଧ୍ୟରେ ଭରଣପୋଷଣ ବାନ୍ଧିବାବେଳେ ଷଣ୍ଢ ଉତ୍ତେଜିତ ହୋଇ ସିଙ୍ଗଦ୍ୱାରା ଏମନ୍ତ ବଳରେ ଦବାଦେଲା ଯେ ତାହାର ପଞ୍ଜରହାଡ଼ ଭାଙ୍ଗିଗଲା ଓ ଦଣ୍ଡାସିଧର ଫାଟି ରକ୍ତଧାର ବହିଗଲା । ସେ ଲୋକକୁ ସଙ୍ଗଡରେ ପକାଇ ଡାକ୍ତରଖାନାକୁ ନେଉ ୨ ବାଟରେ ପ୍ରାଣ ବାହାରିଗଲା । ପୁଲିସ ତଦନ୍ତ ଯଥାସମ୍ଭବ ହୋଇଯାଇଅଛି । ଷଣ୍ଢ ପାଳିବା ବଡ଼ ବିପଜ୍ଜନକ ଅଟେ ।

---

ବଙ୍ଗଳାର ଏକସମ୍ପାଦକଙ୍କର ଲେଖାରୁ ଯେ ଏବରଲଣ୍ଡ ଅନ୍ତର୍ଗତ କର୍କନଗରର ଏକ ଜଳ ପଥରକୋଇଲ ବ୍ୟବସାୟୀ ଆପଣା କାରଖାନା ସମ୍ମୁଖରେ ଗୋଟିଏ ଜଳ ଦେଖାଇବା କାରଣ ସେଠା ମିଉନିସିପାଲିଟିର ଅନୁମତି ପ୍ରାର୍ଥନା କରିଥିଲେ । ଜଳର ଉଦ୍ଦେଶ୍ୟ ହୋଇଲା ବୋଝ ଓଜନ କରିବା । ସେ ନଗରରେ ୮୦ ହଜାର ଲୋକ ବର୍ଷରେ ପ୍ରାୟ ଏକଲକ୍ଷ ୮୦ ହଜାର ଟଙ୍କା ହୋଇଲା ଖରଚ କରନ୍ତି ଏବଂ ସେ ବୋଝ ଓଜନ କରିବା କାରଣ ନ ୧୧୦ ଣ କୁଲି ନିଯୁକ୍ତ ଅଛନ୍ତି । ସେମାନଙ୍କର ବାର୍ଷିକ ମୂଲ ପ୍ରାୟ ୫୦୦୦ ପାଉଣ୍ଡ ମାତ୍ର କଳଦ୍ୱାରା କାର୍ଯ୍ୟ ହେଲେ ବାର୍ଷିକ ୯୦୦୦ ପାଉଣ୍ଡ ଖରଚ ଲାଗିବ ଏବଂ କୁଲିମାନଙ୍କୁ କାର୍ଯ୍ୟରେ ନ ଲଗାଇ ପୋଷିଲେ ସୁଦ୍ଧା ୪୦୦୦ ପାଉଣ୍ଡ ଲାଭ ହେବ । ମାତ୍ର ମିଉନିସିପାଲିଟି ଏହା ନ ବୁଝି କେବଳ ନ ୧୧୦ ଣ କୁଲିର କାର୍ଯ୍ୟ ଯିବ ବୋଲି କଳ ବସାଇବାର ଅନୁମତି ଦେଲେ ନାହିଁ । ସଭ୍ୟ ଜଗତର ଯେଉଁ ସ୍ଥାନରେ ଏମନ୍ତ ବିଷୟର ସେ ସ୍ଥାନର ଲୋକଙ୍କର ଦୁଃଖ ନ ଘୁଞ୍ଚିବା ଆଶ୍ଚର୍ଯ୍ୟ ନୁହେଁ ।

---

ଏ ଦେଶରେ ଘର କରି ରହିବା ଇଉରୋପୀୟ ଏବଂ ଫିରିଙ୍ଗିମାନଙ୍କର ସରକାରୀ କାର୍ଯ୍ୟାଳୟରେ ପ୍ରବେଶ ହୋଇବାର ପ୍ରଚୁର ସୁବିଧା ଅଛି କି ନା ଇଣ୍ଡିଆ ଗବର୍ଣ୍ଣମେଣ୍ଟ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କୁ ପ୍ରଶ୍ନ କରିବାରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଉତ୍ତର ଦେଇଅଛନ୍ତି କି ପ୍ରଚଳିତ ନିୟମାନୁସାରେ ପ୍ରଚୁର ସୁବିଧା ନାହିଁ କାରଣ କେହି ଇଉରୋପୀୟ ବା ଫିରିଙ୍ଗି ଟ ୨୦୯ ଙ୍କାର ଚାକିରି କରିବାକୁ ସ୍ୱୀକାର କରନ୍ତି । ନିୟମ ସଂଶୋଧନ ବିଷୟରେ ବଙ୍ଗେଶ୍ୱର କଲିକତାର ଭିନ୍ନ ମହକୁମାର ଅଧ୍ୟକ୍ଷମାନଙ୍କ ସହିତ ପରାମର୍ଶ କରୁଅଛନ୍ତି । ନିୟମ କିପରି ସଂଶୋଧିତ ହେବାର ପ୍ରସ୍ତାବ ହୋଇଅଛି ଜଣା ନାହିଁ । ମାତ୍ର ଭିନ୍ନ ଜାତି ବା ସମ୍ପ୍ରଦାୟ ନିମନ୍ତେ ପୃଥକ୍ ନିୟମ ହେଲେ ବଡ଼ ଦୁଃଖର ବିଷୟ ହେବ । ବିଚକ୍ଷଣ ଦୂରଦର୍ଶୀ ଲର୍ଡ଼ ମିଣ୍ଟୋ ବାହାଦୁରଙ୍କ ଅମଳରେ ସେପରି ହେଲେ ବୁଝିବାକୁ ହେବ ଯେ ଅମ୍ଭମାନଙ୍କ ଅଦୃଷ୍ଟ କୌଣସି କାଳରେ ଫେରିବ ନାହିଁ ଏବଂ ଇଂରାଜ ରାଜ ଯେଉଁ ଅମୂଲ୍ୟ ରାଜଘୋଷଣା ପ୍ରଚାର ଦ୍ୱାରା ଅମ୍ଭମାନଙ୍କର ଉନ୍ନତିର ବିଧାନ କରିଅଛନ୍ତି ତାହା କେବେହେଁ କାର୍ଯ୍ୟତଃ ପ୍ରତିପାଳିତ ହେବ ନାହିଁ । ଇଂରାଜ ଶାସନ ରୂପ ମଧୁର ସାଗରରେ ବାସ କରି ତୃଷା ହରିବ ନାହିଁ ଏହାଠାରୁ ଦୁର୍ଭାଗ୍ୟ ଆଉ କି ହେବ ।

---

ଗତମାସ ତା ୩୧ ଦିନରେ କଲିକତା ନିକଟ ଶିବପୁରଠାରେ ଗୋଟାଏ ଗୃହରେ ବକ୍ରପଣ ଚହୁଁରେ ଥିବା ଲୋକଙ୍କ ମଧ୍ୟରୁ ଏକ

Split by PDF Splitter
Digitized by srujanika@gmail.com

Split by PDF Splitter



ଜଣ ମରିଗଲେ ଏବଂ ଅନ୍ୟମାନେ କେତେକ୍ଷଣ ମୂର୍ଚ୍ଛିତ ହୋଇ ପ୍ରାଣ ପାଇଲେ । ସେ ଘର ପାଖରେ ଗୋଟିଏ ନଡ଼ିଆଗଛ ଥିଲା ଏବଂ କେତେ ଛଡ଼ାରେ ତାଳ ଇତ୍ୟାଦି କେତେକ ଛୋଟ ଗଛ ଥିଲେ ହେଁ ଅଚ୍ଛେ ଦୀର୍ଘ ପ୍ରାୟ ୨।୩ ହଜାର ହାତ ଜମି ମଧ୍ୟରେ ସେହି ନଡ଼ିଆଗଛଟି ବଡ଼ ଥିଲା । ବଜ୍ରମୂର୍ତ୍ତି ପ୍ରଥମେ ସେହି ନଡ଼ିଆଗଛରେ ପଡ଼ିଲା ଏବଂ ଗଛଟି ଭଲ ବଜ୍ରଗ୍ରାହକ ନ ଥିବାରୁ ତହିଁରୁ ଗୋଟିଏ ଶାଖା ବାହାରି ଘରର ଚାଳ-ଦଣ୍ଡା ନଇଁ ଘରେ ଝୁଲୁଥିବା ଗୋଟାଏ ଛତାକୁ ସ୍ପର୍ଶ କରି ତାହା ତଳେ ବସିଥିବା ମନୁଷ୍ୟ ଭିତରେ ପଶି ଚାଲିଗଲା । ସେ ଲୋକର ଲୁଗା ପୋଡ଼ିଗଲା ଏବଂ ଅଳ୍ପକ୍ଷଣରେ ତାହାର ପ୍ରାଣ ବାହାରି ଗଲା । ଅଳ୍ପକ୍ଷଣପୂର୍ବେ ଘଡ଼ଘଡ଼ି ଶୁଣି ସେ ଲୋକ ଘରଭିତରେ ପଶି ଛତାକୁ ଚାଳରେ ଝୁଲାଇ ଦେଇ ତହିଁତଳେ ବସିଥିଲା । ଛତାକାଠ ଉପରେ ବଜ୍ରପାତ ହୁଏନା । ଅତଏବ ଘରର ଅତି ନିକଟରେ ନଡ଼ିଆଗଛ ଲଗାଇବା ସମ୍ବନ୍ଧେ ଲୋକଙ୍କର ସାବଧାନ ହେବା ଉଚିତ ।

———

ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ବାଲେଶ୍ୱରର ରାଜା ବୈକୁଣ୍ଠନାଥଦେ ବାହାଦୁରଙ୍କର କନିଷ୍ଠଭ୍ରାତା ବାବୁ ସତ୍ୟେନ୍ଦ୍ରନାଥଦେ ଗତ ବୁଧବାର ସକାଳବେଳେ ପରିବେଷ୍ଟିତ ପରିବାରବର୍ଗଙ୍କୁ ମହାଶୋକ ସିନ୍ଧୁରେ ଭସାଇ ଇହଧାମରୁ ପ୍ରସ୍ଥାନ କଲେ । କେତେକାଳରୁ ତାହାଙ୍କର ଅନ୍ତ୍ରବୃଦ୍ଧିରୋଗ ଥିଲା ଏବଂ ଦ ୪।୫ ଦିନ ପୂର୍ବରୁ ଶ୍ୱାସ ଜ୍ୱର ହୋଇଥିଲା । ନାନାଉପାୟରେ ରୋଗ ନିବୃତ୍ତି ନ ହୋଇ ପ୍ରାଣ ଚାଲିଗଲା । ସତ୍ୟେନ୍ଦ୍ରବାବୁ ନିତାନ୍ତ ମହତ୍ ଶାନ୍ତ ଏବଂ ସରଳ ସ୍ୱଭାବର ଲୋକ ଥିଲେ ଏବଂ ସଦାଳାପ ଓ ସଦ୍‌ବ୍ୟବହାରଦ୍ୱାରା ଏପରି ଲୋକପ୍ରିୟ ହୋଇଥିଲେ ଯେ ମୃତ୍ୟୁ ସମ୍ବାଦ ଶୁଣି ସହସ୍ର ଆବାଳବୃଦ୍ଧ ବନିତା ସଜନବାର୍ତ୍ତାରେ କ୍ଷୁଣ୍ଣ ହୋଇଥିଲେ । ସାଧାରଣ କାର୍ଯ୍ୟରେ ତାହାଙ୍କର ଅତ୍ୟନ୍ତ ଅନୁରାଗ ଏବଂ ସହାନୁଭୂତି ଥିଲା ଏବଂ ଅନେକେର ମାଜିଷ୍ଟ୍ରେଟ କାର୍ଯ୍ୟ ସୁଶୃଙ୍ଖଳ ସହିତ ନିର୍ବାହ କରି ୨ୟ ଶ୍ରେଣୀର କ୍ଷମତା ପାଇଥିଲେ । ତାହାଙ୍କର ବୟସ ୩୫ ବର୍ଷ ହୋଇଥିଲା । ଏମନ୍ତ ଯୁବାକାଳରେ ତାହାଙ୍କର ଲୋକାନ୍ତର ଅଧିକ ଶୋକାବହ ହୋଇଅଛି । ରାଜା ବୈକୁଣ୍ଠନାଥଦେ ବାହାଦୁର ବୃଦ୍ଧ କାଳରେ ଦକ୍ଷିଣହସ୍ତ ସ୍ୱରୂପ ଏକମାତ୍ର ଏମନ୍ତ ସୁଯୋଗ୍ୟ ଭାଇ ହରାଇ କିପରି ବ୍ୟାକୁଳ ଅଛନ୍ତି ତାହା ସମସ୍ତେ ଅନୁଭବ କରିବେ । ସତ୍ୟେନ୍ଦ୍ରବାବୁ ଏକଗୋଟି ବ ୧୭।୧୮ ର ବୟସର ପୁତ୍ର ଓ ତିନି କନ୍ୟା ରଖିଯାଇଅଛନ୍ତି । ପରମେଶ୍ୱର ତାହାଙ୍କର ଆତ୍ମାର ମଙ୍ଗଳ ଏବଂ ପରିବାରବର୍ଗଙ୍କର ସାନ୍ତ୍ୱନା ବିଧାନ କରନ୍ତୁ ।

———

ବୋମ୍ବେର ହାଇକୋର୍ଟରେ ଏକ ଅଭିନବ ଅପିଲ ଉପସ୍ଥିତ ହୋଇଥିଲା । ଅପିଲାଣ୍ଟମାନେ ଖୁନ ମୋକଦ୍ଦମାରେ ଅଭିଯୁକ୍ତ ହୋଇ ମାଜିଷ୍ଟ୍ରେଟଙ୍କଦ୍ୱାରା କମିଟ ହେଉଥିଲେ । ମାଜିଷ୍ଟ୍ରେଟ ପ୍ରମାଣ ପାଇବା ଅର୍ଥରେ ଏକଜଣ ଆସାମୀକୁ କ୍ଷମା ପ୍ରଦାନ କଲେ । ଆସାମୀ ସାକ୍ଷ୍ୟ ପ୍ରଦାନ ଉତ୍ତାରେ ମାଜିଷ୍ଟ୍ରେଟ ତାଙ୍କର କ୍ଷମା ଆଦେଶକୁ ପ୍ରତ୍ୟାହାର କଲେ ମାତ୍ର ମାଜିଷ୍ଟ୍ରେଟଙ୍କ କ୍ଷମା ପ୍ରତ୍ୟାହାର କରିବାର କ୍ଷମତା ନ ଥିଲା । ମୋକଦ୍ଦମା ସୋଲାପୁରର ଜଜ ସାହେବ ମିଃ ଗ୍ରାଣ୍ଟଙ୍କ କଚେରୀରେ ଆସିବାରୁ, ସେ କ୍ଷମା ପ୍ରତ୍ୟାହାର ଆଦେଶ ବେଆଇନ ବୋଲି ସିଦ୍ଧ କରି ହାଇକୋର୍ଟର ମତ ଅପେକ୍ଷା କଲେ । ହାଇକୋର୍ଟର ବିଚାରକର୍ତ୍ତା କାଣ୍ଡେ ଓ ହୁଇଟଓ୍ୱର୍ଥ ମାଜିଷ୍ଟ୍ରେଟଙ୍କ ଆଦେଶ ଠିକ ବୋଲି କହି ବିଚାର ନିମନ୍ତେ ଜଜ ସାହେବଙ୍କୁ ଆଦେଶ ଦେଲେ କାରଣ ଆସାମୀକୁ ଯେଉଁ ସର୍ତ୍ତରେ କ୍ଷମା ଦିଆ ହୋଇଥିଲା ଉକ୍ତ ସର୍ତ୍ତମାନ ପାଳନ କରା ହୋଇ ନାହିଁ । ଜଜ ସାହେବ ବିଚାର ଶେଷ କରି କ୍ଷମାପ୍ରାପ୍ତ ଆସାମୀକୁ ଯାବଜ୍ଜୀବନ ଦ୍ୱୀପବାସ ଦଣ୍ଡର ଆଦେଶ ଦେଲେ କିନ୍ତୁ ରାୟରେ ଉଲ୍ଲେଖ କରିଥିଲେ ଯେ ଆସାମୀ ପକ୍ଷରେ ଶେଷ ଉପାୟ ଏହି ଯେ ସେ ଗଭର୍ଣ୍ଣମେଣ୍ଟଙ୍କୁ କ୍ଷମା ଆଦେଶର ସଫେଦର ଫଳ ପ୍ରାର୍ଥନା କରିବେ ଓ ହାଇକୋର୍ଟ ମଧ୍ୟ ବିଚାର କରିବେ ଯେ ଆସାମୀ ଯାହା ସାକ୍ଷ୍ୟ ଦେଇଥିଲା ସତ୍ୟ ଅଟେ, ଓ ଯେଉଁ କାରଣରୁ ତାକୁ କ୍ଷମା ଦିଆ ହୋଇଥିଲା ଉକ୍ତ ସର୍ତ୍ତ ସେ ପାଳନ କରିଅଛି ସୁତରାଂ ନିମ୍ନଅଦାଲତର ହୁକୁମ ରହିତ ହେବ । ଏହି ପ୍ରାର୍ଥନାନୁଯାୟୀ ହାଇକୋର୍ଟ ଜଜ ସାହେବଙ୍କର ଆଦେଶ ରହିତ କରି ଆସାମୀକୁ ମୁକ୍ତି ପ୍ରଦାନ କରିଅଛନ୍ତି ଓ ଏଥି ସଙ୍ଗେ ଲେଖିଅଛନ୍ତି ଯେ ପୂର୍ବ ଆଦେଶ ପ୍ରଦାନ ସମୟରେ କ୍ଷମା ପ୍ରତ୍ୟାହାର ସମ୍ବନ୍ଧୀୟ ଆବଶ୍ୟକୀୟ ରୁଲିଂ ତଥା ସେମାନଙ୍କ ଗୋଚରରେ ଆଣିତ ହୋଇ ନ ଥିଲା ।

———

ଲଣ୍ଡନନଗରର ହାମଷ୍ଟେଡ୍ ସ୍ଥାନରେ ଗୋଟିଏ ଶାନ୍ତି ସଭା ସମ୍ମୁଖରେ ଗତ ଅପ୍ରେଲମାସ ତା ୧୬-ରିଖରେ ଶ୍ରୀଯୁକ୍ତ ସୁରେନ୍ଦ୍ରସାହେବ ଭାରତର ଆର୍ଥିକ ଅବସ୍ଥା ପ୍ରସଙ୍ଗରେ ଗୋଟିଏ ସୁନ୍ଦର ରଚନା ପାଠ କରିଥିଲେ । ସେ ତହିଁରେ ଦେଖାଇଥିଲେ ଯେ ଅନାବୃଷ୍ଟି ହେତୁ କେବଳ ଫସଲ ନଷ୍ଟ ହେତୁ ଭାରତରେ ଦୁର୍ଭିକ୍ଷ ପଡ଼ିବାରୁ ଲୋକେ ଦରିଦ୍ର ହେବା କଥା ଯୁକ୍ତି ସଙ୍ଗତ ନୁହେ । ଇଉରୋପର ଅନେକ ରାଜ୍ୟରେ ଏକସମୟରେ ଦୁର୍ଭିକ୍ଷ ପଡ଼ିବାରୁ ଲୋକଙ୍କର କଷ୍ଟ ହେଉଥିଲା । ମାତ୍ର ବର୍ତ୍ତମାନ୍ ସେପରି ନାହିଁ । ତହିଁର କାରଣ ଏମନ୍ତ ନୁହେ ଯେ ଏଣିକି ସେ ସବୁ ରାଜ୍ୟରୁ ଅନାବୃଷ୍ଟି ଉଠିଯାଇଅଛି ମାତ୍ର ଲୋକଙ୍କର ଆର୍ଥିକ ଅବସ୍ଥା ଭଲହେବାରୁ ଦୁର୍ଭିକ୍ଷ ବାଧୁ ନାହିଁ । ଗୋଟିଏ ବ୍ୟବସାୟ ଉପରେ ନିର୍ଭରତା, ଶାସନ କାର୍ଯ୍ୟ ନିର୍ବାହର ବ୍ୟୟ ଅଧିକ ହେତୁ ଟିକସ ବୃଦ୍ଧି ଏବଂ ଦେଶର ଅନେକ ଟଙ୍କା ବିଦେଶକୁ ବାହାରିଯିବା ଏହି ତିନି କାରଣରୁ ଭାରତର ଦରିଦ୍ରତା ବଢ଼ୁଅଛି । ଏକମାତ୍ର କୃଷିକାର୍ଯ୍ୟ ଅଧିକାଂଶ ଭାରତବାସିଙ୍କର ଜୀବନ ଧାରଣର ଉପାୟ, ବାର୍ଷିକ ଅନ୍ତତଃ ୩୦ କୋଟି ଟଙ୍କା ଭାରତରୁ ବିଲାତକୁ ବାହାରିଯାଉଅଛି ଯେ ତହିଁ ବଦଳରେ କିଛି ଏ ଦେଶକୁ ଫେରି ଆସୁ ନାହିଁ ଏବଂ ଗବର୍ଣ୍ଣମେଣ୍ଟଙ୍କର ଶାସନ କାର୍ଯ୍ୟ ଅତ୍ୟନ୍ତ ବ୍ୟୟଶୀଳ ହେବାରୁ ଅନେକପ୍ରକାର ଟିକସ ଲୋକେ ଦେଇ ବ୍ୟସ୍ତ ହୋଇଅଛନ୍ତି । ଦେଶର ଲୋକଙ୍କଦ୍ୱାରା ଅନାୟାସରେ ଯେ ସମସ୍ତ ଉଚ୍ଚ ରାଜକାର୍ଯ୍ୟମାନ ନିର୍ବାହ ହୋଇପାରେ ସେମାନଙ୍କୁ ନ ଦେଇ ଅଧିକ ବେତନରେ ବିଲାତରୁ ଲୋକ ନିଯୁକ୍ତ ହେଉଅଛନ୍ତି । ଏହିପରି ଅନେକ ସାର କଥା କହି ପରିଶେଷରେ କହିଲେ କି ଇଂରାଜ ରାଜତ୍ୱରେ ଭାରତର ନିମ୍ନଲିଖିତ ଉପକାର ହୋଇଅଛି ଯଥା—(୧) ଗୋଟିଏ ସାଧାରଣ ଭାଷା ଓ ସମ୍ବନ୍ଧ ଦ୍ୱାରା ସମସ୍ତ ଭାରତ ଏକଜାତିତ୍ୱଦିଗକୁ କ୍ରମେ ଅଗ୍ରସର ହେଉଅଛି । (୨) ଧର୍ମ ବିଷୟରେ ସମତା ଅର୍ଥାତ୍ ସମସ୍ତ ଧର୍ମାବଲମ୍ବୀଙ୍କର ସମାନ ଅଧିକାର । (୩) ଶାନ୍ତି—ଏହାକୁ ପ୍ରଧାନ ଉପକାର ବୋଲି ସାଧାରଣତଃ ଉଦ୍ଧାଯାଏ, ମାତ୍ର ପ୍ରକୃତରେ ମୋଗଲ ରାଜତ୍ୱ ଭ୍ରଷ୍ଟ ହେବା କାଳର ଗଣ୍ଡଗୋଳ ସଙ୍ଗେ ବର୍ତ୍ତମାନ୍ କାଳର ତୁଳନାଦ୍ୱାରା ଜଣାଯାଏ । (୪) ସରକାରୀ ଉଚ୍ଚ କର୍ମଚାରୀଙ୍କ ମଧ୍ୟରେ ଉତ୍କୋଚ ଶୂନ୍ୟତା । ପକ୍ଷାନ୍ତରେ ନିମ୍ନଲିଖିତ ଅନିଷ୍ଟ ହୋଇଅଛି ଯଥା—(୧) ଭାରତବାସୀମାନେ ସ୍ୱଦେଶରେ ବିଦେଶୀ ପରି ରହି ସମସ୍ତ ଉଚ୍ଚ ସରକାରୀ ପଦରୁ ବହିଷ୍କୃତ ହୋଇଅଛନ୍ତି ଏବଂ ରାଜାମାନଙ୍କ ଶକ୍ତି ହରାଉଅଛନ୍ତି । ଅକବର ପାଦଶା ହିନ୍ଦୁ ମନ୍ତ୍ରୀ ଓ ଅର୍ଥସଚିବ ନିଯୁକ୍ତ କରିଥିଲେ । (୨) ଗବର୍ଣ୍ଣମେଣ୍ଟ ଅତ୍ୟନ୍ତ ବ୍ୟୟଶୀଳ

Digitized by srujanika@gmail.com

ଏବଂ ଲୋକମାନେ ତାହା ନିର୍ବାହ କରିବାକୁ ଅତ୍ୟନ୍ତ ଇଚ୍ଛୁକ । ଏଥି ଉପରେ ଆମ୍ଭମାନଙ୍କର କିଛି ବୋଲିବା ବାହୁଲ୍ୟ । ଇଂରାଜମାନଙ୍କ ମଧ୍ୟରେ କେତେକ ଲୋକ ଯେ ଆମ୍ଭମାନଙ୍କର ଶୋଚନୀୟ ଅବସ୍ଥା ବୁଝିଅଛନ୍ତି ଏବଂ ତହିଁର ଦର୍ଶା ଦ୍ୱାରା ଅପରମାନଙ୍କର ଅଜ୍ଞତା ନାଶ କରୁଅଛନ୍ତି ଏହା ଆନନ୍ଦର ବିଷୟ ଏବଂ ଏଥିରୁ ମଙ୍ଗଳ ଆଶା କରାଯାଏ ସନ୍ଦେହ ନାହିଁ ।

---

### ସଦସ୍ୟ ନିଯୋଗ ।

ବଙ୍ଗୀୟ ବ୍ୟବସ୍ଥାପକ ସଭାର ଚାରି ଜଣ ସଦସ୍ୟ ଅର୍ଥାତ୍ ଶ୍ରୀଯୁକ୍ତ ଯେ, କ, ଅପକାର, ଡାକ୍ତର ଅଶୁତୋଷ ମୁଖର୍ଜ୍ୟା ଏମ, ଏ, ଡି, ଏଲ୍ ଇତ୍ୟାଦି, ବାବୁ ବୈକୁଣ୍ଠନାଥ ସେନ ଏବଂ ବାବୁ ସୁରେନ୍ଦ୍ର ନାଥ ବାନର୍ଜ୍ୟାଙ୍କର କାର୍ଯ୍ୟ କାଳ ଆସନ୍ତା ଜୁଲାଇ ମାସରେ ଶେଷ ହେବ । ସେମାନଙ୍କ ସ୍ଥାନରେ ନୂତନ ସଦସ୍ୟ ନିର୍ବାଚନ ପ୍ରଣାଳୀ ଅନୁସାରେ ନିଯୋଗ ହେବାର ଆବଶ୍ୟକ । ପ୍ରଥମଲିଖିତ ଦୁଇ ଜଣ ସଭ୍ୟ ଯଥାକ୍ରମେ କଲିକତା ମିଉନିସିପାଲିଟି ଏବଂ କଲିକତା ବିଶ୍ୱ ବିଦ୍ୟାଳୟଦ୍ୱାରା ନିର୍ବାଚିତ ହୋଇଥିବାରୁ ସେମାନଙ୍କ ସ୍ଥାନରେ ନୂତନ ସଭ୍ୟ ନିର୍ବାଚନ କରିବା କାରଣ ଉକ୍ତ ଦୁଇ ସମ୍ପ୍ରଦାୟ ଗବର୍ଣ୍ଣମେଣ୍ଟ ଆଦେଶ ପ୍ରଦାନ କରିଅଛନ୍ତି । ବାବୁ ବୈକୁଣ୍ଠ ନାଥ ସେନ ବର୍ଦ୍ଧମାନ ବିଭାଗର ଜିଲ୍ଲା ବୋର୍ଡ ସମୂହଦ୍ୱାରା ନିର୍ବାଚିତ ହୋଇଥିଲେ । ଏଥର ପାଟନା ବିଭାଗର ଜିଲ୍ଲା ବୋର୍ଡସମୂହର ପାଳି ପଡ଼ିଅଛି । ସେମାନେ ଯେଉଁ ନିୟମରେ ନିର୍ବାଚନ କରିବେ ତାହା ଅବଧାରଣା କରି ମାନ୍ୟବର ବଙ୍ଗେଶ୍ୱର ପାଟନା ବିଭାଗର କମିଶନର ସାହେବଙ୍କ ପ୍ରତି ଆଦେଶ ପ୍ରେରଣ କରିଅଛନ୍ତି ଶେଷଲିଖିତ ମହାଶୟ ବାବୁ ସୁରେନ୍ଦ୍ର ନାଥ ବାନର୍ଜ୍ୟା ପ୍ରେସିଡେନ୍‌ସି ବିଭାଗର ମିଉନିସିପାଲିଟି ସମୂହଦ୍ୱାରା ମନୋନୀତ ହୋଇଥିଲେ । ମାନ୍ୟ ଲେଫ୍ଟେନେଣ୍ଟ ଗବର୍ଣ୍ଣରଙ୍କ ଆଦେଶାନୁସାରେ ଏଥର ସେ ଅଧିକାର ମିଉନିସିପାଲିଟି ସମୂହଠାରେ ନ ରହି କୌଣସି ଜମିଦାର ସଭାକୁ ଦିଆଯିବ କେଉଁ ସଭା ସେ ଅଧିକାର ପାଇବ ବଙ୍ଗେଶ୍ୱର ମହୋଦୟ ସେ ବିଷୟରେ ଏ ପରେ ଆଦେଶ ପ୍ରଚାର କରିବେ । ଦଳବଦ୍ଧଶେଷର ନିର୍ବାଚନଦ୍ୱାରା ନିଯୁକ୍ତ ହେବା ଉପରଲିଖିତ ଚାରି ଜଣ ସଦସ୍ୟ ଛଡ଼ା ଅଉ ତ ୩ ଣ ଅଛନ୍ତି ମାତ୍ର ସେମାନଙ୍କର କାର୍ଯ୍ୟକାଳ ଏ ବର୍ଷ ଶେଷ ନ ହେଉଁ ନିଯୁକ୍ତ ଆର କଣ୍ଟ ସାହେବ ସନ ୧୯୦୨ ସାଲ ଅପ୍ରେଲ ତା ୨୦ ରିଖ ଶ୍ରୀଯୁକ୍ତ ଏମ, ଏସ୍, ଦାସ ଓଡ଼ିଶା ଜିଲ୍ଲା ବୋର୍ଡସମୂହର ସଦସ୍ୟ ଜୁଲାଇ ମାସ ତା ୮ ରିଖ ଏବଂ ଶ୍ରୀଯୁକ୍ତ ଏ, ଏମ୍, ବୋଷ ସେପ୍ଟେମ୍ବର ମାସ ତା ୨୧ ରିଖ ପର୍ଯ୍ୟନ୍ତ ରହିବେ । ସୁତରାଂ ସେମାନଙ୍କ ସ୍ଥାନରେ ଅନ୍ୟ ଲୋକ ନିଯୁକ୍ତ କରିବାର ସମୟ ଉପସ୍ଥିତ ହୋଇ ନାହିଁ ।

---

### କେନ୍ଦ୍ରାପଡ଼ାର ହିନ୍ଦୁସଭା ।

କେନ୍ଦ୍ରାପଡ଼ାର ଶ୍ରୀ ବିଳଦେବଙ୍କ ସେବା ସମ୍ବନ୍ଧରେ ସାଧାରଣ ହିନ୍ଦୁମାନଙ୍କର ଗତମାସ ତା ୨୩ ରିଖରେ ଯେଉଁ ସଭା ହୋଇଥିଲା ତହିଁର ବିବରଣ ଗତ ସପ୍ତାହରେ ପ୍ରକାଶ କରିଥିଲୁଁ । ଏହି ବଳଦେବଜିଉଙ୍କ ସେବା ନିମନ୍ତେ ଯେ ସମ୍ପତ୍ତି ଖଞ୍ଜା ହୋଇଅଛି ତାହା ବୃହତ ଏବଂ ତହିଁର ବାର୍ଷିକ ଆୟ ୨୫୦୦ ହଜାର ଟଙ୍କାରୁ ଊଣା ନୁହେ । ଏହି ସେବା ଓ ସମ୍ପତ୍ତିର ତତ୍ତ୍ୱାବଧାନ ନିମନ୍ତେ ସଦାବ୍ରତ ଆଇନାନୁସାରେ ଗୋଟିଏ କମିଟି ଅଛି । ବର୍ତ୍ତମାନ ଯେଉଁମାନେ କମିଟିର ମେମ୍ବର ନିଯୁକ୍ତ ହୋଇଅଛନ୍ତି ସେମାନେ ସମସ୍ତେ ସୁଯୋଗ୍ୟ ଓ ମାନ୍ୟଲୋକ ଅଟନ୍ତି ଏବଂ ସେମାନେ କାର୍ଯ୍ୟ ନିର୍ବାହ ନିମନ୍ତେ ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ ମାନେଜର ନିଯୁକ୍ତ କରିଅଛନ୍ତି । ଏମନ୍ତ ସ୍ଥଳେ ଯେବେ ସଭାର କାର୍ଯ୍ୟାବଳୀ ଅନୁସାରେ ଠାକୁରଙ୍କ ସେବା ସୁଶୃଙ୍ଖଳରୂପେ ନିର୍ବାହ ହେଉ ନାହିଁ ଏବଂ ସମ୍ପତ୍ତି ଅପବ୍ୟୟର ହେଉଥିବାର ସୁଶୃଙ୍ଖଳାରେ ରଖାଯାଉ ନାହିଁ ଓ ତତ୍ତ୍ୱାବଧାନ ଅଭାବରେ ନ୍ୟାଯ୍ୟ ପାଉଣା ପ୍ରାୟ ୫୦୦୦୦ ଟଙ୍କା ତମାଦି ହୋଇଯାଇଅଛି ତେବେ ଏହାକୁ ବୋଲିବାକୁ ହେବ ଯେ କମିଟିର ମେମ୍ବରମାନେ ଏବଂ ମାନେଜର ଆପଣା ୨ କାର୍ଯ୍ୟ ଯେପରି ନିର୍ବାହ କରିବାର ଆବଶ୍ୟକ ତାହା କରାଯାଏ ସେପରି କରିବାର ବନ୍ଦୋବସ୍ତ କରି ନାହାନ୍ତି ଏବଂ ସେମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ କର୍ମ ସ୍ମରଣ କରାଇଦେବା କାରଣ ଗୋଟିଏ ସଭାର ଆବଶ୍ୟକ ହୋଇଅଛି । କାର୍ଯ୍ୟର ବିଶୃଙ୍ଖଳା ଦେଖି କେନ୍ଦ୍ରାପଡ଼ାର ହିନ୍ଦୁ ସମାଜ ଯଥା ସମୟରେ ତହିଁର ପ୍ରତିକାର ଆଶାରେ ଏକମେଳ ହୋଇ କାର୍ଯ୍ୟ କରିବାଦ୍ୱାରା ଯେମନ୍ତ ଜାଗ୍ରତ ଥିବାର ପରିଚୟ ଦେଇଅଛନ୍ତି ତେମନ୍ତ କମିଟିର ମେମ୍ବରମାନେ ସେମାନଙ୍କୁ ଦୋଷାବ ପକ୍ଷ ଦେଖିବାର ସୁବିଧା ପ୍ରଦାନ କରି ସୁବୁଦ୍ଧି ଏବଂ ସହିଷ୍ଣୁତାର ପରିଚୟ ଦେଇଅଛନ୍ତି । ସେମାନେ ଇଚ୍ଛାକଲେ କେତେ ବାଧା ଦେଇପାରନ୍ତେ ଏବଂ ଜନସାଧାରଣଙ୍କ ସହିତ ମନୋମାଳିନ୍ୟ ଜାତ ହୁଅନ୍ତା । ସୁଖର ବିଷୟ ଯେ କମିଟିର ମେମ୍ବରମାନେ ଜନସାଧାରଣଙ୍କ ସମସ୍ତ ଦୋଷାବ ପକ୍ଷ ଦେଖାଇଅଛନ୍ତି ଏବଂ କାର୍ଯ୍ୟତଃ ସେମାନଙ୍କର ସାହାଯ୍ୟ ଗ୍ରହଣ କରିଅଛନ୍ତି । ପ୍ରକୃତରେ ସଦାବ୍ରତର ମଙ୍ଗଳ ସାଧନ ଉଭୟଙ୍କର ଉଦ୍ଦେଶ୍ୟ ଅଟେ ଏବଂ ଯେବେ ମେମ୍ବରମାନେ ନିଜ ୨ର ଗୁରୁତର କାର୍ଯ୍ୟରେ ସର୍ବଦା ବ୍ୟସ୍ତଥିବାରୁ କମିଟିର କାର୍ଯ୍ୟରେ ନିୟମିତ ସମୟ ପ୍ରଦାନ କରି ନ ପାରିବା ହେତୁ କିଛି ବିଶୃଙ୍ଖଳା ଘଟିଲା ଏବଂ ତାହା ଦେଖାଇବା କାରଣ ଜନସାଧାରଣର ସାହାଯ୍ୟ ପାଇଲେ ତେବେ ଅତ୍ୟନ୍ତ ସୁଖର ବିଷୟ ଅଟେ । ଆମ୍ଭେମାନେ ଏ ସଭାର କାର୍ଯ୍ୟ ବିବରଣ ପାଠ କରି ଏବଂ କେନ୍ଦ୍ରାପଡ଼ାର ସାଧାରଣ ହିନ୍ଦୁମାନଙ୍କ ଏବଂ କମିଟିର ମେମ୍ବରମାନଙ୍କର ଐକ୍ୟତା ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ଭରସା କରୁଁ ଅନ୍ୟାନ୍ୟ ଦେବ ସେବା ସମ୍ପତ୍ତିର କାର୍ଯ୍ୟ ନିର୍ବାହ ସମ୍ବନ୍ଧରେ କୌଣସି ବିଶୃଙ୍ଖଳା ଦେଖିଲେ ସ୍ଥାନୀୟ ହିନ୍ଦୁ ସମାଜ ଏହିପରି ଉଦ୍‌ଯୋଗୀ ହେବେ ଓ କମିଟିର ମେମ୍ବରମାନେ ନିଜର ଅଧିକାର ଦେଖାଇବା ଅଥବା ବୃଥା ଗୋଳାଇବା ଦିଗକୁ ନ ଯାଇ ସାଧାରଣ ହିତ ରକ୍ଷା ନିମନ୍ତେ ସେମାନଙ୍କ ପ୍ରତି ଭାର ଅର୍ପିତ ହୋଇଅଛି ଏହି କଥା ପ୍ରତି ଦୃଷ୍ଟି ରଖି ଏହିପରି କର୍ତ୍ତବ୍ୟ ପାଳନ ନିମନ୍ତେ ଏହିପରି ଯୋଗ ଦେବେ । ତାହାହେଲେ ଦେବ ସେବା ଓ ସଦାବ୍ରତ ସମ୍ପତ୍ତିର ଯେପରି ଅପ ବ୍ୟୟ ହେଉଅଛି ତାହା ଅନେକ ପରିମାଣରେ ନିବାରଣ ହେବ । ମେମ୍ବର ଓ ମାନେଜରମାନେ ଆପଣା ୨କୁ ସ୍ୱତ୍ୱ ମାଲିକ ମନେ ନ କରି ଜନସାଧାରଣଙ୍କର ପ୍ରତିନିଧି ଜ୍ଞାନ କରିବା ଉଚିତ । ଅନେକ ସ୍ଥଳେ ଇହ ସ୍ଥଳ ଦେଖୁ ସେବା ସମ୍ପତ୍ତିର ଅପବ୍ୟୟ ହେବାର ଦେଖାଯାଏ । କେନ୍ଦ୍ରାପଡ଼ା କମିଟିର ବ୍ୟବହାରରେ ଆମ୍ଭେମାନେ ଆନନ୍ଦିତ ହୋଇଅଛୁ ଏବଂ ଭରସା କରୁଁ ଅଚିରେ ଏଥିର ସୁଫଳ ପ୍ରତ୍ୟକ୍ଷ ହେବ ।

---

## ସାପ୍ତାହିକ ସମ୍ବାଦ ।

### କଲିକତା-ଗେଜେଟ ।

ଏସ୍ ଏନ୍ ଲେଷ୍ଟର ମାଜିଷ୍ଟ୍ରେଟ ବାବୁ [illegible] ଦାସ ଫୌଜଦାରୀ କାର୍ଯ୍ୟବିଧି ଆଇନର ଧାରା ୫୪୭ [illegible] ଅଂଶର ଧାରାରେ ଫୌଜଦାରୀ ମୋକଦ୍ଦମାର ବିଚାର କରିବାର କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

ଏବ୍ ଡେ ମହେନ୍ଦ୍ରାର ବାବୁ ଶରତ୍ [illegible] ସବ ଡିଭିଜନରେ ଚାର୍ଜ ଦେଲେ ଓ [illegible] ମାଜିଷ୍ଟ୍ରେଟ ଷମତା ପ୍ରାପ୍ତ ହେଲେ ।

କେନ୍ଦୁଝର ଓ ଗଡ଼ଜାତ ସ୍କୁଲ ସମୂହର ସବ [illegible]

Split by PDF Splitter



[illegible]

## ଖଣ୍ଡପଡ଼ା ସମ୍ବାଦ ।

[illegible]

## ପୁରୀସମ୍ବାଦ ।

[illegible]

Digitized by srujanika@gmail.com

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅସ୍ମେମାନେ ଦାୟୀ ନୋହୁଁ ।

ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ଜଣେ ବ୍ୟାଘ୍ର ମୃତ ।

ବ୍ୟାଘ୍ର ପରାକ୍ରମ ।

ମହାଶୟ !

ବିଗତ ସପ୍ତାହରେ ଏହି ଦର୍ପଣ ଏଲାକାନ୍ତର୍ଗତ ନୂଆପାଟନ ଗ୍ରାମରେ ଗୋଟିଏ ମହାବଳ ବ୍ୟାଘ୍ର (ବଲଷ୍ଟପଙ୍କିଆ) ବାହାର ଅଶାନ୍ତରେ ମୟ ପଡ଼ିଅଛି । ବିପଦ୍ଦୂଷ୍ଟି ବିଷୟ ଗୁରୁତର ତାହା ନିମ୍ନଲିଖିତ ଘଟଣାରୁ ପାଠକମାନେ ଜାଣି ପାରିବେ । ଉକ୍ତ ବ୍ୟାଘ୍ରଟି ଗଡ଼ରେ ଜଙ୍ଗଲବର୍ତ୍ତୀ କବୁଣେଇ (ପ୍ରସିଦ୍ଧ ନାମ ନଦ ଝଡ଼ନ୍ଧୁକ) ଅନ୍ଧାରରୁ ବାହାର ଜଗନ୍ନାଥ ସଡ଼କ ଅତିକ୍ରମ କରି ପୂର୍ବାଭିମୁଖରେ ଧମ୍ପୁତଃ କଳ୍ପଦୁର ଯାଉଥିଲା ସନ୍ଧ୍ୟାଗମନ ବେଳେ ସର୍ବ ପ୍ରସ୍ତୁତ ହୋଇଯିବାରୁ ବ୍ୟାଘ୍ର ଅନନ୍ୟୋପାୟ ହୋଇ ନାଥଙ୍କ ମଠରେ ପାହାଡ଼ ଅଭିମୁଖରେ ଅସୁଥିଲା । ପଥ ମଧ୍ୟରେ ଯଦବ ନେଳେକ ଜଣ ଦଣ୍ଡଆଙ୍କ ସହିତ ତାହାର ସାକ୍ଷାତ ହୋଇଥିଲା ସେ ତାହାର ପ୍ରତି ଦୃକ୍‌ପାତ କରି ନ ଥିଲା । ଯେତେବେଳେ ସେ ନୂଆପାଟନ ଗ୍ରାମର ପୂର୍ବ ସୀମାରେ ଉପସ୍ଥିତ ହେଲା ସେତେବେଳେ ଉକ୍ତ ଗ୍ରାମବାସୀ କେତେକ ଜଣ ଦେଖି ହୁରି କରିବାରୁ ଭଗବତ ଓଝା, ଜୟରାମ ମିଶ୍ର, କୃଷ୍ଣ ଓଝା ଏହି ନ ୩ ଣ ସାହସୀ ଯୁବକ ଲୁଣ୍ଠା ବାଡ଼ ମନେ କରି ହାତରେ ୧୨ଶେଷ ମୂଲା ବାଉଁଶ ନେଇ ବ୍ୟାଘ୍ର ନିକଟରେ ଉପସ୍ଥିତ ହେଲେ । ଯେତେବେଳେ ବ୍ୟାଘ୍ରର ଭୟଙ୍କର ମୂର୍ତ୍ତି ଓ ତାହାର ଭୟ ପ୍ରଦର୍ଶକ ଅଙ୍ଗଭଙ୍ଗୀମାନ ଦେଖିଲେ ସେତେବେଳେ ସେମାନେ ଧୈର୍ଯ୍ୟଚ୍ୟୁତ ହୋଇ ନ ୩ ଣ ଭିନ୍ନ ଅଣ୍ଡେ ଉଫାଟ ହୋଇଗଲେ ମୃତ୍ୟୁ ପଳାୟନ କରି ନ ଥିଲେ । ଜୟରାମ ସମ୍ମୁଖରେ ପଡ଼ିବାରୁ ବ୍ୟାଘ୍ର ତାହାକୁ ଯେପରି ଆକ୍ରମଣ କରିବାକୁ ଉଦ୍ୟତ ହେଲା ନ୍ୟାୟୀ ସେହିପରି ଦସ୍ତ୍ୟସ୍ଥିତ ବାଂଶଶସ୍ତ୍ରଦ୍ୱାରା ବ୍ୟାଘ୍ରକୁ ଅଘାତ କଲା । ବନ୍ଧୁ ମ୍ରହର ପରନ ପୂର୍ବରୁ ଶିକାରୀ ବ୍ୟାଘ୍ର ବିଛୁଡ଼ିକ ଛେକୁ କଟିଯାଇ ଏକ ଲମ୍ଫରେ ଜୟରାମକୁ ଆକ୍ରମଣ କଲା । ନ୍ୟାୟୀ ବ୍ୟାଘ୍ରର ଅଙ୍ଗଗତ ହୋଇ "ଖାଇଲା ଲାଗୁ" ଏହି ଶବ୍ଦଟି କରି ସ୍ୱୀୟଣ ବଳରେ ତାହାର ଲଲଯାଟିକୁ ଛପି ଧରି ଧଥିଅଛି ଉଲଙ୍ଗ ହେବାରୁ ଭଗବତ ମୁହଁଧି, ଯାଇ ବ୍ୟାଘ୍ରର ପଶ୍ଚାତ୍‌ଭାଗକୁ ତାହାର ଅସ୍ତ୍ରରେ ଏକ ପ୍ରହାର କଲା । ବ୍ୟାଘ୍ର ସେ ପ୍ରହାରର ପ୍ରତିହିଂସା ନେବା ଉଦ୍ଦେଶ୍ୟରେ ଜୟରାମକୁ ଫୋପାଡ଼ି ଦେଇ ପଶ୍ଚାତ୍‌ରେ ଭଗବତକୁ ଦେଖି ତାହାର ଅନୁଗାମୀ ହେଲା । ଭଗବତ ଯେତେବେଳେ ପ୍ରାଣର ମମତା ତ୍ୟାଗ କରି ଆଉ ଏକ ପ୍ରହାର ଦେଲା । ବ୍ୟାଘ୍ର ସେ ପ୍ରହାରରେ ଦ୍ୱିଗୁଣ କ୍ରୋଧାନ୍ୱିତ ହୋଇ କିଛି ଦୂର ଘୁଞ୍ଚି ଯାଇ (ଲୁଚାଯାଇ ଥିଲା) ଯେତେବେଳେ ଭୀଷଣ ବାତ୍ୟା ତୁଲ୍ୟ ବେଗରେ ମୁଖ ବ୍ୟାଦାନ କରି ଅସିଲା ସେତେବେଳେ ସେହିପରି ବେଗରେ ଅସି ଜନ୍ତୁ ତୁଲ୍ୟ ଏକ ପ୍ରହାର ଦେଲା ଯେ ବ୍ୟାଘ୍ରର ଗୋଟିଏ ଚକ୍ଷୁ ଓ ମସ୍ତକର ହେତେକ ଅଂଶ ଏକାବେଳକେ ଖସି ପଡ଼ିଲା ଏବଂ ବ୍ୟାଘ୍ର ବସିଗଲା । ଏହି ଅବସରରେ କୃଷ୍ଣ ପ୍ରଭୃତି ଦର୍ଶକବୃନ୍ଦ ଏକ ଏକ ପ୍ରହାର ଦେବାରୁ ବ୍ୟାଘ୍ର ପଞ୍ଚତ୍ୱ ହୋଇ ଇହଲୀଳା ସମ୍ବରଣ କଲା । ସେ ଦୀର୍ଘରେ ୭½ ଫୁଟ ଥିଲା । ଜୟରାମ ସମ୍ପୂର୍ଣ୍ଣ ଅଯ୍ୟାଗତ ତାହାର ଦକ୍ଷିଣ ହସ୍ତରେ ଖାବଲ ବସିଥିବାରୁ ଗୁରୁତର ଅଘାତ ପାଇଅଛି । ଦେଶୀୟ ଚିକିତ୍ସାଧୀନରେ ଅଛି ।

ମହାବଳବ୍ୟାଘ୍ରର କରାଳ ମୂର୍ତ୍ତିକୁ ସମ୍ମୁଖରେ ଦେଖି ନିଜର ପ୍ରାଣ ଘେନି ଅସିବା ସହଜ କଥା ନୁହେଁ ! ଭଗବତ ତାହା ସହିତ ଯୁଦ୍ଧ କରି ନିଜର ଓ ତାହାର ଆତ୍ମୀୟ ଜୟରାମର ପ୍ରାଣ ରକ୍ଷିଲା ଏକି କମ ସାହସିକତାର କାର୍ଯ୍ୟ ! ଧନ୍ୟ ଭଗବତ ଧନ୍ୟ ତୁମ୍ଭର ସାହସ ! ଇତି ।

ଜଣେ ଦର୍ଶକ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ଜଗନ୍ନାଥ ନନ୍ଦନ କୋହ୍ରାପରା | | ୧ ୩( |
| " ଶ୍ୟାମସୁନ୍ଦରକରେଣ୍ଡୁ | " | ୧ ୩( |
| " ଦେବନାଥ ଗୋସ୍ୱାମୀ ଅସୁରେଶ୍ୱର | | ୧ ୧( |
| " ଭଗବାନ ଦାସ | ଭଦ୍ରକ | ୧ ୩( |
| ମ " ନରହରିସାମନ୍ତରାୟ | ମୟୂରଭଞ୍ଜ | ୧ ୩( |
| କବି ଭକ୍ତିଭୂଷଣ ମହାନ୍ତ | କଟକ | ୧ ୩( |
| ଶ୍ରୀ ବାବୁ ଶମ୍ଭୁନାଥକର | ଯାଜପୁର | ୧ ୨( |
| " ମାଗୁଣିବେହେରା | କଟକ | ୧ ୨( |
| " ଉଦୟନାଥ ତ୍ରିପାଠୀ | " | ୧ ୩( |
| " ପରମାନନ୍ଦ ଦାସ | " | ୧ ୩( |
| ମିସି ଏଡ଼୍ମଣ୍ଡସ | " | ୧ ୩( |

# ବିଜ୍ଞାପନ ।

## କର୍ମଖାଲି ।

ମାସିକ ୧ ୪୦ ଙ୍କା ବେତନର ଏକ ଜଣ ବନ୍ଦୋବସ୍ତ କାନୁନ୍‌ଗୋ ଓ ପ୍ରତ୍ୟେକ ଟ ୧୫ ଙ୍କା ବେତନର ନ ୪ ଣ ବନ୍ଦୋବସ୍ତ ମୋହରର ମଧୁପୁର କଲା ସରକାରେ ଆବଶ୍ୟକ । ମୋହରର-ମାନଙ୍କୁ ଖସଡ଼ା ଓ ନକସା କେଇ ସରଜମିନ ତଦାରଖ କରି ବନ୍ଦୋବସ୍ତ ଭଣ୍ଡାରୁ ଯେଉଁ ସମସ୍ତ ଖାରଜ ଦାଖଲ ହୋଇଥିବ ତାହା ରେଜେଷ୍ଟରରେ ଦରଜ କରିବାକୁ ହେବ । କାନୁନ୍‌ଗୋ ଉକ୍ତ ମୋହରରମାନଙ୍କର କାର୍ଯ୍ୟ ତଦାରଖ କରିବ ଓ ଅବଶ୍ୟକ ସ୍ଥଳରେ ନିଜେ କରିବ ଓ ମୋହରରମାନଙ୍କ ସମୁଦାୟ କାର୍ଯ୍ୟ ସରକାରେ ବାଇ ହେବ । ଯେଉଁମାନେ ଏତ ଓଡ଼ିଶା ବନ୍ଦୋବସ୍ତରେ ଖସଡ଼ା ଅମିନ କାର୍ଯ୍ୟ କରିଥିବେ, ମୋହରର ସକାଶେ ସେମାନଙ୍କର ଅବେଦନ ସର୍ବାଗ୍ରେ ଗ୍ରହଣ କରାଯିବ । କାନୁନ୍‌ଗୋ କାର୍ଯ୍ୟ ସକାଶେ ଉତ୍ତମ ସର୍ଭେ ଓ ନକସା କାର୍ଯ୍ୟ ଜାଣିଥିବା ବ୍ୟକ୍ତିର ଅବଶ୍ୟକ । ଯେଉଁ କାନୁନ୍‌ଗୋମାନେ ମହାମାନ୍ୟ ଗବର୍ଣ୍ଣମେଣ୍ଟଙ୍କ ଅଧୀନରେ ଓଡ଼ିଶାରେ ଉକ୍ତ କାନୁନ୍‌ଗୋ କାର୍ଯ୍ୟ କରୁଅଛନ୍ତି ସେମାନଙ୍କ ମଧ୍ୟରୁ ଯଦି କେହି ଏଥି-ନିମିତ୍ତ କାନୁନ୍‌ଗୋ କାର୍ଯ୍ୟ ସକାଶେ ଅବେଦନ କରନ୍ତି ତାହା ହେଲେ ଯେଉଁମାନେ ପୂର୍ବ ଦଶ ବର୍ଷ ସରକାରୀ କାର୍ଯ୍ୟ କରିଥିବେ ସେମାନଙ୍କ ସର୍ଭିସ୍ ଶ୍ରୀଯୁକ୍ତ କଲେକ୍ଟର ସାହେବଙ୍କ ନିକଟକୁ ରିପୋର୍ଟ କରି ଟ୍ରାନ୍ସଫର କରାଯିବ । ପ୍ରାର୍ଥୀମାନେ ସ୍ୱ ପ୍ରଶଂସାପତ୍ର ସହିତ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟ ଚଳିତ ମାସ ତା ୨୦ ରିଖ ମଧ୍ୟରେ ଅବେଦନ କରିବେ ।

ପୋଃ ଅଃ ଧର୍ମଶାଳା
ଜିଃ କଟକ

ଗୋପୀମୋହନ ରାୟ
ମାନେଜର
। ଚ । ମଧୁପୁର

## NOTICE.

Wanted for the Madhupur Ward's Estate a Work Sirkar on a salary of Rs. 20 with a fixed travelling allowance of Rs. 7-8-0 per mensem. Applications with copies of testimonials to be submitted to the undersigned before the 15th June 1901. The selected candidate will have to join at once.

Cuttack, 5—6—1901

Nagendranath Mitra,
District Engineer.
Cuttack

## A LECTURE
### IN ENGLISH

on "The Tendencies of our Age" will be delivered by Professor Mohit Chander Sen M. A. of Ripon College, Calcutta, in the Cuttack Printing Co's Hall at 7 P. M. on Saturday the 8th instant.

Gentlemen are respectfully invited to attend.

5—6—1901 Madhusudan Rao,

Split by PDF Splitter

Digitized by srujanika@gmail.com

Split by PDF Splitter



## NOTICE.

WANTED a 2nd Pandit for the Makasingpur Board's School on a salary of Rs. 8 per month. None need apply who has not passed the Vernacular Mastership Examination of the Cuttack Training School.

Preference will be given to an experienced teacher having the above qualification.

Applications will be received by the undersigned up to the 15th June 1901.

Cuttack District Board Office, 30—5—01 } J. C. Chunder Vice Chairman.

## NOTICE.

It is with great pleasure that the undersigned begs to announce to his friends patrons, customers and the learned members of the medical profession that the name and style "Ghose's Cheap Dispensary" by which his dispensary was so long known to all has been in sweet and sacred memory of the late most gracious Majesty Queen Victoria—Empress of India changed into "Victoria Medical Hall" and that the said Victoria Medical Hall has been formally recognised and approved by the Inspector General of Civil Hospitals Bengal as a fit place for the training of compounders.

Akshoy Kumar Ghose H. A.
Proprietor Victoria Medical Hal)
(Formerly Ghose's Cheap Dispensary
Chowdhury Bazar, Cuttack.

## ବିଜ୍ଞାପନ ।

## ମଧୁପୂର ଉପହାର ।

" ଉତ୍କଳ ମଧୁପ " ମାସିକ ପତ୍ରିକାର ବାର୍ଷିକ ମୂଲ୍ୟ ଏଗାର ଅଣା ପଠାଇ ଗ୍ରାହକ ହେଲେ ୪୭ ପୃଷ୍ଠାରେ ସମାପ୍ତ

## ଭିକ୍ଟୋରିଆ ଚରିତ

।ଉପହାର ଦଆଯିବ । ଭା: ପି: ରେ ଉପହାର ପଠା ଯାଇ ମୂଲ୍ୟ ଅଦାୟ ହବ ନାହିଁପାରେ । ଏ'ସୁବିଧା ଅତ୍ୟଳ୍ପ ଦିବସ ସକାଶେ ।

ଦେବଗଡ଼ ରୋଡ଼, } ମେନେଜର
ସମ୍ବଲପୁର } " ଉତ୍କଳ ମଧୁପ "

## ବିଶେଷ ସମ୍ବାଦ ।

ଜୌଣସି ବ୍ୟକ୍ତିର ମୃତ୍ୟୁ ଉପଲକ୍ଷେ ଅନ୍ୟ ଜୌଣସି ବ୍ୟକ୍ତି ଅତି ସହଜରେ ନଗଦରେ ଓ ସାମାନ୍ୟ ବ୍ୟୟରେ ଅପେକ୍ଷାକୃତ ଅଧିକ ଟଙ୍କା ଲାଭ କରି ପାରନ୍ତି । ଏହି କାର୍ଯ୍ୟ ଓ ନାୟମ-ପ୍ରଣାଳୀ ବିସ୍ତୃତ ଜାଣିବାକୁ ଇଂରାଜୀ ଜାଣିବା ଲୋକ ଆବଶ୍ୟକ । ଯେଉଁମାନେ ଏହି କାର୍ଯ୍ୟ ପ୍ରାର୍ଥୀ ହେବାକୁ ଇଚ୍ଛାନ୍ତି ସେମାନେ "କଲିକତା ୧୧-୩ ନମ୍ବର ହାରିସନ ରୋଡ଼ ମ୍ୟାନେଜର ସି, ପି ଆଇ" ଠିକଣାରେ ଏହି ପତ୍ରିକାର ନାମ ଉଲ୍ଲେଖ କରି ଇଂରାଜୀରେ ପତ୍ର ଲେଖିଲେ ସବିଶେଷ ଜାଣି ପାରିବେ ।

11-3 Harrison Road Calcutta.

## NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL
Agent
Cuttack.

## ମହାରାଣୀ ।



ପରଲୋକଗତା ମହାରାଣୀ ଭିକ୍ଟୋରିଆଙ୍କର ଜୀବନ ଚରିତ ଓଡ଼ିଆଭାଷାରେ ମୁଦ୍ରିତ ହୋଇ ଅଛି । ଏଥିରେ ତାଙ୍କର ଜନ୍ମ, ବାଲ୍ୟାବସ୍ଥା, ଶିକ୍ଷା, ଅଭିଷେକ, ବିବାହ, ପୁତ୍ର କନ୍ୟା ଓ ସେମାନଙ୍କର ବିଦ୍ୟା ଶିକ୍ଷା, ରାଜ୍ୟ, ଶାସନର ଫଳ ଓ ମୃତ୍ୟୁ ବର୍ଣ୍ଣିତ ହୋଇଅଛି । ଉତ୍କଳ କାଳି ବର୍ଣ୍ଣ ସାହାଯ୍ୟରେ ଛପା ଓ ଅନେକଗୁଡ଼ିଏ ଛବି ଦିଆଯାଇଥିବାରୁ ପୁସ୍ତକଖଣ୍ଡି ଅତି ସୁନ୍ଦର ହୋଇ ଅଛି । ଓଡ଼ିଆଭାଷାରେ ଅଦ୍ୟାପର୍ଯ୍ୟନ୍ତ ଏପରି ପୁସ୍ତକ ଛପା ହୋଇ ନ ଥିଲା । ମୂଲ୍ୟ ପାଞ୍ଚଅଣା ମାତ୍ର । କଟକ ଦରଘାବଜାର ପ୍ରିଣ୍ଟିଂକୋମ୍ପାନୀଙ୍କ ସେକ୍ରେଟେରୀଙ୍କ ନିକଟକୁ ପତ୍ର ଲେଖିଲେ ପୁସ୍ତକ ପାଇ ପାରିବ । ଛାତ୍ରମାନେ ଦଶଖଣ୍ଡି ପୁସ୍ତକ ଏକସଙ୍ଗରେ ନେଲେ ଖଣ୍ଡିଏ ପୁସ୍ତକ ବିନା ମୂଲ୍ୟରେ ପାଇବେ ।

## ବନାରସ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ଗଡ଼ଜାତ, ସରେଇକଳା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବନ୍ଦସ୍ତ ସହାରେ ସବୁଦା ପ୍ରସ୍ତୁତ ଥିବା ବନାରସୀ ସାଢ଼ୀ, ଧୋତି, ଟୋପି, ଦୋପଟ୍ଟା, ଦଂଶାପ, ବାପ୍ତା ଅଙ୍ଗୀ, ଦୋପଟ୍ଟ, ମଖମଲ, ଭିତରେ କାମବାର ପେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ପରିଧେୟ ବସ୍ତ୍ର ଥାଏ । ଏହା ଛଡ଼ା ସୁନା ରୁପାର ବାସନ, ହାତୀର ଦାନ୍ତ ପ୍ରଭୃତି ଫରମାସ ଅନୁସାରେ ତିଆରି କରାଇ ଦେଉଁ । ଫରମାସ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ ଯେହି ବେଶୀ ମାଲ କିଣିବାର ଇଚ୍ଛା କର ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ ଯେଉଁ ଠିକଣାରେ ଓ ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦୀ ବା ଇଂରାଜୀରେ ଲେଖିଲେ ନିଶ୍ଚୟରେ ଆମ୍ଭର ହସ୍ତଗତ ହେବ

ଭେଲ୍ୟୁପେଏବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରାଇ ନିଆଯାଏ ।

ଶ୍ରୀ ପାଲୁମାଲ ଭୋଳାନାଥ
କୁଞ୍ଜଗଳି ଫାଟକ ବନାରସ ସିଟି

## DANZIN

ଚିକିତ୍ସା ଜଗତର ସେହି

ଉଜ୍ଜ୍ୱଳ ରତ୍ନ ! !

ଡାକ୍ତର ଜେ, ଟୀ, ମର୍ଟିନଙ୍କର

ଡ୍ୟାନ୍ ଜିନ୍ ! ! !

ଅନେକଙ୍କର ବିଶ୍ୱାସ ଥିଲା ପାରା ଓ ଗରମିର ବିଷ ଶରୀରରେ ପ୍ରବେଶ ହେଲେ ତାହିଁରେ

Digitized by srujanika@gmail.com

ତାହା ଦୃଷ୍ଟିଭୂତ ହୁଏ ନାହିଁ କିନ୍ତୁ ଡ୍ୟାକ୍ ଛନ୍ ସ୍ଥାପ୍ୟ ଅର୍ଦ୍ଧ ଶତାବ୍ଦି ଅତୀତ ହେଲା ଲୋକଙ୍କର ସେହି ବିଶ୍ୱାସ ଦୂର କରୁଅଛନ୍ତି ଅତ ଜଗତର ଲୋକେ ଏକବାକ୍ୟରେ ସ୍ୱୀକାର କରୁଅଛନ୍ତି ଯେ, ଡ୍ୟାକ୍ ଛନ୍ ସେହି ସମସ୍ତ ରୋଗର ଏକମାତ୍ର ମହୌଷଧ ।

ପାରଦର ଘା, ଖରମର ଘା, କାଉଁର, ଭଗନ୍ଦର, ବାଘି, ନାଲିଘା, ନାକ ଓ ମୁଖଭିତରର ଘା, ଦେହର ଚକାଚକା ଦାଗ, ହାତ ଓ ଗୋଡ଼ତଳର ଚମଡ଼ା ଉଠିବା, ହସ୍ତପଦ ଜ୍ୱାଳା, ଚକ୍ଷୁରୁ ଜଳ ପଡ଼ିବା, ମୁତ୍ରଧରା, ମୁତ୍ରବୁନ୍ଦାଇବା, ମସ୍ତିଷ୍କ ଜ୍ୱାଳା କରିବା, କୁଣ୍ଡିଆ, ଗାନ୍ଧ, ଇତ୍ୟାଦି ରୋଗର ମହୌଷଧ । ମେହ, ପ୍ରମେହ, ପୂଜଗୁହ୍ୟ ଧାତୁ ନିର୍ଗତ ହେବା, ପ୍ରସ୍ରାବ କରିବା ସମୟରେ ଜ୍ୱାଳା, ପ୍ରସ୍ରାବର ଅଗ୍ରେ ବା ପଶ୍ଚାତ୍ ସ୍ୱଚ୍ଛପଦ ପଦାର୍ଥ ବାହାରିବା, ଲୁଗାରେ ଦାଗ ଲାଗିବା, ମୂତ୍ରକୃଚ୍ଛ୍ର, ପ୍ରସ୍ରାବର ଅଳ୍ପତା ବା ଆଧିକ୍ୟ, ରତିଶକ୍ତି ହୀନତା, ଅସ୍ୱାଭାବିକ ସ୍ୱପ୍ନସ୍ଖଳନ, ଏମନ୍ତ କି ଦୁର୍ବଳଙ୍କ ପର୍ଯ୍ୟନ୍ତ ଆରୋଗ୍ୟ କରି ଲୋକଙ୍କର ଦୃଢ଼ବିଶ୍ୱାସ ଜନ୍ମାଇଅଛି ।

**ସ୍ତ୍ରୀବ୍ୟାଧି** ଯଥା;—କଷ୍ଟରଜ, ଋତୁକାଳୀନ ପେଟର ବେଦନା, ଅଳ୍ପ ବା ଅଧିକ ପରିମାଣେ ରକ୍ତସ୍ରାବ, ଅନିୟମିତ କାଳେ ଋତୁ ହେବା ପ୍ରଭୃତି ରୋଗରେ ଡ୍ୟାନ୍ ଛନ୍ ବ୍ରହ୍ମାସ୍ତ୍ର ସ୍ୱରୂପ

ଡ୍ୟାନ୍ ଛନ୍ ବାତରୋଗର ଅମୋଘ ଔଷଧ । ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ଶରୀରରେ ନୂତନ ରକ୍ତ କଣିକା ବୃଦ୍ଧିକରି ସବଳ ଓ ପୁଷ୍ଟି କରେ ।

ଡ୍ୟାନ୍ଛନ୍ ସାଲସାପରି ରୋଗକୁ ଚାପି ରଖେ ନାହିଁ । ଡ୍ୟାନ୍ଛନ୍ଦ୍ୱାରା ରୋଗ ଆରୋଗ୍ୟ ହେଲେ ପୁନର୍ବାର ଆକ୍ରମଣର ଭୟ ନ ଥାଏ ।

ଡ୍ୟାନ୍ ଛନ୍ ସେବନର କୌଣସି ବନ୍ଧା ନିୟମ ନାହିଁ । ସକଳ ଋତୁ ଓ ସକଳ ଅବସ୍ଥାରେ ସେବନ କରାଯାଏ । ୧ ବୋତଲ ଔଷଧ ୧୫ ଦିନ ବ୍ୟବହାର କରାଯାଏ ।

ମୂଲ୍ୟ ।

ପ୍ରତିବୋତଲର ଟ ୧। ୬ ବୋତଲର ଟ ୭।
୩ ,, ଟ ୩॥ ୮ ,, ଟ ୧୩॥
ଡାକବ୍ୟୟ ୧ଠାରୁ ୩ବୋତଲର ୮୦ ଅଣା, ୪ ଠାରୁ ୬ବୋତଲର ୮୦ ଅଣା; ଡାକମାସୁଲ ସ୍ୱତନ୍ତ୍ର ଏକମାତ୍ର ଅଧିକାରୀ ।

ଡାକ୍ତର କେ,ସୀ,ମାର୍ଟିନ । ସୋଲ ଏଜେଣ୍ଟ ।—
ଇଣ୍ଡିଆ, ବର୍ମା ଏବଂ ସିଲୋନ
ଅଲ, କ, କ, ଏଣ୍ଡ କୋଂ
୬୩।୧ନମ୍ବର ବାରାଣସୀ ଘୋଷ ଷ୍ଟ୍ରିଟ କଲିକତା




# ସୁଗନ୍ଧ ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଇଚ, ବସ୍ ଙ୍କ କାରଖାନାରେ ପ୍ରସ୍ତୁତ ।

## କୁନ୍ତଳୀନ

ଏହି ତୈଳ କେଶ ପରିବର୍ଦ୍ଧକ ଅଟେ ଏହାଦ୍ୱାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଉପୁଡ଼ିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ସ୍ୱଳ୍ପ:— ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା, ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା, ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା, ଜୁଇଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

## ପୁଷ୍ପସାର ଅଥବା ଏସେନ୍ସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରିଯାଇ ଏହି ଉତ୍ତମ ପ୍ରକାର ଏସେନ୍ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ସୁମେଲ; ମଲ୍ଲିକା; ଜାମିନୀ; ରଜନୀଗନ୍ଧା; ମଲ୍ଲିକା; ବେଲଖୋସ୍; ଖାଲିହି ରୋଜ୍; ବସରା ରୋଜ୍; ବେଣାଚେଲ; କୁମୁଦନୀ; ମିଲକୁସୁମ; ହେନାକୁସୁମ; ପାରିଜାତକୁସୁମ; ଲଭୋଇସ୍ପା ବୋକେ । ମୂଲ୍ୟ ଏକଟିଣି ଏକଟଙ୍କା ମାତ୍ର ।

## ଲ୍ୟାଭେଣ୍ଡର ।

କସ୍ତୁରୀ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲ୍ୟାଭେଣ୍ଡର ଓ୍ୱାଟର ବଡ଼ଟିଣି ଚଉଦଅଣା, ସାନଟିଣି ଆଠଅଣା ।

## ପମେଟମ

ଗୋଲାପି ପମେଟମ ଅଠଅଣା; ମୃଗନାଭି ପମେଟମ ପାଞ୍ଚଅଣା ।

## ତାମ୍ବୂଲୀନ

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅଦ୍ଭୁତ ସାମଗ୍ରୀ । ଗୁଣ୍ଡି ସଙ୍ଗରେ ଲଗାଏ ମିଶାଇ ଦେଲେ ଖୁଣ୍ଡି ମହକଉଠିବ । ମୂଲ୍ୟ ପ୍ରତି ଟିଣି ଆଠଅଣା

## ସରବତ ଅଥବା ସିରପ୍

ଗ୍ରୀଷ୍ମକାଳ ପକ୍ଷରେ ଏହାଠାରୁ ଉଲ୍ଲାସ ଅନ୍ୟ ନାହିଁ ।

କମଳ ସିରପ୍ ବାରଅଣା । ଲେମନ ସିରପ୍ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ରୋଜ ସିରପ୍ ଏକଟଙ୍କା । ଗୋଲାପଜଳ ସିରପ୍ ୧ଟଙ୍କା

## ଗୋଲାପଜଳ ।

ପ୍ରତି ଶିଶି ଦେଢଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯାଏ ଭାରତବର୍ଷର ପ୍ରଧାନ ପ୍ରଧାନ ମହାରାଜା ଓ ରାଜା ଓ ବଡ଼ ବଡ଼ ସାହେବମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପଇକା ଓ ଖୁଚୁରା ଦର ମୂଲ୍ୟରେ ପଠାଯାଏ ।

ଠିକଣା:—

| | |
|---|---|
| ଏଇଚ ବସୁ<br>୬୨ନମ୍ବର ବହୁବଜାର ଷ୍ଟ୍ରିଟ<br>କଲିକତା | H. BOSE,<br>62 Bow Bazar<br>Street<br>Calcutta. |

କଟକରେ "ଉଦ୍ୟୋଗ ସମିତି ଭଣ୍ଡାର"ରେ ଓ କଟକ ପ୍ରିଣ୍ଟିଂ କମ୍ପାନିର ପୁସ୍ତକ ଦୋକାନରେ ଏହି ଜିନିଷ ମିଳିବ ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ପ୍ରକାଶେ

| | |
|---|---|
| ଧାଡ଼ିପ୍ରତି | ଦ ୦ ୪ |
| ଅର୍ଦ୍ଧସ୍ତମ୍ଭକୁ | ୨ ୨ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ଉହିଁର ଦର୍ଶ ୧୦ ୭ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ଦର୍ଶ ପ୍ରଥମ ଥରର ଅର୍ଦ୍ଧେକ ଓ ଦୁଇଗୁଣ ଥିବାରେ ହେବ ।

ଅଧିକ ଥର ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନି ଲିମିଟେଡ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter
REGISTERED No. C. 81.



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

୪୬ ଭାଗ } ତା ୧୫ ଜୁନ ମାସ ଦୂତ ସନ ୧୯୦୧ ମସିହା । ମୁ । ତ । ୭ ଆଷାଢ଼ ସନ ୧୩୦୮ ସାଲ ଶନିବାର { ଅଗ୍ରିମ ୪ ୩୧
୨୪ ସଂଖ୍ୟା } { ପଶ୍ଚାଦେୟ ୫ ୦୧

ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ଅଧୀନରେ ଗୋଟିଏ ରାସାୟନିକ ପରୀକ୍ଷା ବିଭାଗ ଅଛି । ମନୁଷ୍ୟ ଓ ପଶୁ ବଧାର୍ଥେ ଦୁଷ୍ଟଲୋକମାନେ ପ୍ରୟୋଗ କରୁଥିବା ବିଷାଦିର ପରୀକ୍ଷା ଏହି ବିଭାଗର ପ୍ରଧାନ କାର୍ଯ୍ୟ ଅଟେ ଏହା ଛଡ଼ା ଜଳ ଓ ଅନ୍ୟାନ୍ୟ ଦ୍ରବ୍ୟର ପରୀକ୍ଷା ହୁଏ । ଗତବର୍ଷର ବିବରଣରୁ ପ୍ରକାଶ ଯେ ସେ ବର୍ଷ ମଧ୍ୟରେ କୌଣସି ପ୍ରକାର ନୂତନ ବିଷପ୍ରୟୋଗ ହୋଇଥିବାର ଜଣା ପଡ଼ି ନାହିଁ ।

———

ବଙ୍ଗପ୍ରଦେଶର ଫସଲ ସମ୍ବନ୍ଧୀୟ ସରକାରୀ ରିପୋର୍ଟରୁ ପ୍ରକାଶ ଯେ ଗତ ସପ୍ତାହରେ ଏକା ପଲେମୌ ଜିଲ୍ଲା ଛଡ଼ା ଆଉ ସମସ୍ତ ଜିଲ୍ଲାରେ ବୃଷ୍ଟି ହୋଇଥିଲା । ମାତ୍ର ବାଙ୍କୁଡ଼ା, ହାବଡ଼ା, ଦିନାଜପୁର, ଚଟ୍ଟଗ୍ରାମ, ପୂର୍ଣ୍ଣିଆ ଏବଂ କଟକ ଏହି କେତେକ ଜିଲ୍ଲାରେ ଅଧିକ ବୃଷ୍ଟିର ଲୋଡ଼ା ଥିଲା । ଧାନ ଓ କୋଷ୍ଟରୁଣା କାର୍ଯ୍ୟ ଉତ୍ତମରୂପେ ହେଉଅଛି ଏବଂ ଅନେକ ସ୍ଥାନରେ ଶସ୍ୟ ବାହାରି ବଢ଼ୁଅଛି । ସାଧାରଣ ଚାଉଳର ଦର ଅଧିକାଂଶ ସ୍ଥାନରେ କୋହଳ ହୋଇଅଛି ।

———

ଡେପୁଟି କଲେକ୍ଟର ବାବୁ ବଳରାମ ଦାସ କେନାଲ ରେଭେନ୍ୟୁର ଭାର ଗ୍ରହଣ କରିଅଛନ୍ତି । ପଣ୍ଡିତ ଗୋବିନ୍ଦରଥଙ୍କ ଦରଖାସ୍ତ ଅନୁସାରେ ବଣସ୍ତମାନଙ୍କର ନିକାହାର କାଅସାର ଜମାଦାର ଦାଲି ଉଦ୍ଧାରଣ ନିମନ୍ତେ ଅଣିଷ୍ଟାଣ୍ଟ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ମିଲନ ସାହେବଙ୍କ ଉପରେ ଭାର ଦିଆ ଯାଇଅଛି । ସାହେବ ମହୋଦୟଙ୍କ ଅନ୍ଦେଶମତେ ରଥେ ସାକ୍ଷିଙ୍କ ତାଲିକା ପ୍ରଦାନ କରିଅଛନ୍ତି । କେବଳ ଉକ୍ତାହାର ଗ୍ରହଣ କରିବାକୁ ଗୃହ ଦିବସ ସମୟ ଲାଗିଥିଲା । ଶୁଣିଲୁଁ ଯେ ୫୨ ଦଫା ମଧ୍ୟରୁ ବର୍ତ୍ତମାନ ୨ ଦଫାର ପ୍ରମାଣ ତଲବ ହୋଇଅଛି ।

———

ବିଲାତ ଲଣ୍ଡନ ନଗରରୁ ଆସିଥିବା ଗତତ ମଇ ତା ୮ ରିଖର ଟାଇମ୍ସ୍‌ପତ୍ରରୁ ପ୍ରକାଶ ଯେ ତହିଁ ପୂର୍ବଦିନ ସେଠାରେ ଗୋଟିଏ ସଭା ହୋଇଥିଲା ଏବଂ ଶ୍ରୀଯୁକ୍ତ ଲର୍ଡ ଜର୍ଜ ହାମିଲ୍‌ଟନ ତହିଁର ସଭାପତି ହୋଇଥିଲେ । ଭାରତରେ କିଏଟ କାଳରେ ଦୁର୍ଭିକ୍ଷ ପଡ଼ିବା ସଭାର ଆଲୋଚ୍ୟ ବିଷୟ ଥିଲା । ଦୁର୍ଭିକ୍ଷର ଅର୍ଥ ଘଟିତ କାରଣ ଅନୁସନ୍ଧାନ ଏବଂ ତାହା ନିବାରଣର ସଦୁପାୟ ପ୍ରକାଶ କରିବା କାରଣ ଭାରତ ଦୁର୍ଭିକ୍ଷସମିତି ନାମରେ ଗୋଟିଏ ସଭା ଗଠିତ ହେବାର ସିଦ୍ଧାନ୍ତ ହୋଇଅଛି । ଆମ୍ଭେମାନେ ଏହି ସଭାର ସ୍ଥାୟୀତ୍ୱ ଏବଂ ଉନ୍ନତି କାମନା କରୁଁ ।

———

ବଙ୍ଗପ୍ରଦେଶର ବାତୁଳାଶ୍ରମ ସମୂହର ଗତ ବାର୍ଷିକ ବିବରଣରୁ ପ୍ରକାଶ ଯେ ମୁରସିଦାବାଦ ବରହମପୁରଠାରେ ଯେଉଁ ବାତୁଳାଶ୍ରମ ଅଛି ତାହାକୁ ବୃଦ୍ଧି କରି ଗୋଟିଏ ବୃହତ୍ ବାତୁଳାଶ୍ରମ କରିବା ଏବଂ ଢାକା, ପାଟନା ଓ କଟକର ପାଗଳଖାନାମାନ ଉଠାଇ ଦେବାର ସିଦ୍ଧାନ୍ତ ହୋଇଅଛି । ଏଥି ମଧ୍ୟରେ ବରହମପୁରଠାରେ ଆବଶ୍ୟକୀୟ ଘରମାନ ନିର୍ମାଣ କରିବାର ଆରମ୍ଭ ହୋଇଅଛି ଏବଂ ଚଳିତ ବର୍ଷରେ କାର୍ଯ୍ୟ ଶେଷ ହେବାର ଆଶା ଅଛି । ଅତଏବ ଆରବର୍ଷକୁ ଏ ନଗରରୁ ବାତୁଳାଶ୍ରମ ଉଠିଯିବ ଏବଂ ପାଗଳମାନଙ୍କୁ ବରହମପୁରକୁ ପଠାଇ ଦିଆଯିବ । ପାଗଳମାନଙ୍କର ରକ୍ଷଣାବେକ୍ଷଣର ଅଧିକ ସୁବିଧା ନିମନ୍ତେ ଏ ବ୍ୟବସ୍ଥା ହୋଇଅଛି ।

———

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ପଣ୍ଡିତ ଶ୍ରୀ ରାମପ୍ରସନ୍ନ ମୁଖୋପାଧ୍ୟାୟ ଗତ ସୋମବାର ଇହ ସଂସାର ପରିତ୍ୟାଗ କଲେ । ପଣ୍ଡିତ ମହାଶୟ ଗତ ମଇ ମାସ ତା ୧ ରିଖଠାରୁ କାର୍ଯ୍ୟରୁ ଅବସର ଗ୍ରହଣ କରି ସ୍ୱଗୃହକୁ ଗମନ କରିଥିଲେ । ମେଲେରିଆ ଜ୍ୱରରେ ତାଙ୍କର ମୃତ୍ୟୁ ଘଟିଲା । ପଣ୍ଡିତ ମହାଶୟ ଏଠା ରେଭେନ୍‌ସା କଲେଜିୟେଟ ସ୍କୁଲର ହେଡ୍ ପଣ୍ଡିତ ହୋଇ ଆସି ଅବଶେଷରେ କଲେଜର ସଂସ୍କୃତ ଅଧ୍ୟାପକରେ ନିଯୁକ୍ତ ହୋଇଥିଲେ ଓ କାର୍ଯ୍ୟ ସୁଖ୍ୟାତି ସହିତ କରିଥିଲେ । ବହୁ ଦିବସ ଏଠାରେ ଅବସ୍ଥାନ କରିଥିବାରୁ ତାଙ୍କର ଦେଶପ୍ରତି ସହାନୁଭୂତି ମଧ୍ୟ ଥିଲା । ପଣ୍ଡିତ ମହୋଦୟଙ୍କ ହଠାତ୍ ମୃତ୍ୟୁରେ ତାଙ୍କର ପରିଚିତ ବନ୍ଧୁବର୍ଗମାନେ ଅତ୍ୟନ୍ତ ଦୁଃଖିତ ହୋଇ ଅଛନ୍ତି ।

———

ହୁଗୁଳି ଉତ୍ତରପାଡ଼ାର ରାଜକୁମାର ବନ୍ଦୋପାଧ୍ୟାୟ ଶ୍ୱଶୁରଘରୁ ନିଜ ବାଳିକା ସ୍ତ୍ରୀକୁ ଘରକୁ ଆଣୁଥିଲେ । ସ୍ତ୍ରୀଗାଡ଼ିରେ ତାଙ୍କୁ ବସାଇ ନିଜେ ପୁରୁଷ ଗାଡ଼ିରେ ବସିଲେ । ସ୍ତ୍ରୀଗାଡ଼ିରେ ଗୋଟିଏ ବର୍ଷୀୟସୀ ସ୍ତ୍ରୀଲୋକ ଥିଲା । ଗାଡ଼ି ଶ୍ରୀରାମପୁରରେ ପହଞ୍ଚିଲା ମାତ୍ରକେ ସ୍ତ୍ରୀଲୋକଟି ଉତ୍ତରପାଡ଼ା ଷ୍ଟେସନ ଜାଣି କରି ଗାଡ଼ିରୁ ଓହ୍ଲାଇଲେ ଓ ବର୍ଷୀୟସୀ ସ୍ତ୍ରୀଲୋକଟି ମଧ୍ୟ ଓହ୍ଲାଇଲେ । ଉତ୍ତରପାଡ଼ା ଷ୍ଟେସନରେ

Digitized by srujanika@gmail.com

Split by PDF Splitter



ସ୍ୱାମୀ ଓଁଙ୍କାର ଦେଖନ୍ତି ଯେ ତାଙ୍କର ସ୍ତ୍ରୀ ସ୍ୱୀଗା-ଉରେ ନାହାନ୍ତି । ଅତଏବ ତହୁଁ ଉଦ୍ଧ ପଡ଼ିଗଲ ତାରସମ୍ବାଦ ଷ୍ଟେସନମାନଙ୍କୁ ଗଲା ଓ ପୋଲି-ସରେ ସମ୍ବାଦ ଦିଆଗଲା । କିନ୍ତୁ କୌଣସି ସମ୍ବାଦ ମିଳିଲା ନାହିଁ । ମାତ୍ର ବର୍ଦ୍ଧୀପୁରୀ ଷ୍ଟେସନମାଷ୍ଟର ତାଙ୍କୁ ସଙ୍ଗରେ ଆଣି ସ୍ୱାମୀଙ୍କ ଘରେ ପହଞ୍ଚାଇ ଦେଇଥିଲା । ତାହିଁ କି ଆନନ୍ଦ ହୋଇଥିଲା ! ବର୍ଦ୍ଧୀପୁରୀ ଷ୍ଟେସନଟିର ଦୟାଶୀଳତା ଧନ୍ୟ କହିବାକୁ ହେବ ।

———

ବୋମ୍ବାଇର ବାବୁ ପ୍ରେମବାଈ ନାମ୍ନୀ ଯେଉଁ ହିନ୍ଦୁମହିଳା ଏକାଦଶରେ ଉପବାସରେ ଜଳପାନ କରିବାର ସମ୍ବାଦ ଇତିପୂର୍ବେ ପ୍ରକାଶିତ ହୋଇ-ଥିଲା ସେଥିର ସମୁଦାୟ ଅବସ୍ଥା ତଦନ୍ତ କରିବା କାରଣ ଡାକ୍ତରମାନଙ୍କର ଏକ ସବକମିଟି ନିଯୁକ୍ତ ହୋଇଥିଲା । ଗତମାସ ତା ୨ ରିଖରେ ଯେଉଁ ଧାଈମାନେ ତାଙ୍କୁ ଜଗି ରହିଥିଲେ ସେମାନଙ୍କ ମନରେ ପ୍ରେମବାଈ କିଛି ଖାଦ୍ୟ ଆପଣ ଲୁଗାରେ ଲୁଚାଇ ରଖିଥିବାର ସନ୍ଦେହ ହେଲା ଧାଈମାନେ ଡାକ୍ତର ଭ୍ରାଉନ ସାହେବଙ୍କୁ ଏ ବିଷୟ ଜଣାଇବାରେ ସାହେବ ପ୍ରେମବାଈଙ୍କ ଲୁଗା ଇତ୍ୟାଦି ପରୀକ୍ଷା କରିବାକୁ ଉଦ୍ୟତ ହେଲେ । ପ୍ରେମବାଈ ଏଥିରେ ସମ୍ମତା ନୋହି-ବାରେ ତାଙ୍କୁ ଅନ୍ୟ ଏକ ଘରକୁ ଯିବା କାରଣ ଅନୁରୋଧ କରାଗଲା । ପ୍ରେମବାଈ ତଦନୁଯାୟୀ ଅନ୍ୟ ଗୃହକୁ ଚାଲିଯାଉଥିବା ସମୟରେ ତାଙ୍କ ଶାଢ଼ୀରୁ ଗୋଟିଏ ପୁଟୁଳା ଖସି ପଡ଼ିଲା ଏବଂ ତହିଁରେ ଖାଦ୍ୟଦ୍ରବ୍ୟ ବନ୍ଧାହୋଇ ରଖା-ଯାଇଥିବାର ଦେଖାଗଲା । ପ୍ରେମବାଈଙ୍କୁ ଏଥି-ଉତ୍ତାରୁ ଘରକୁ ପଠାଇ ଦିଆଗଲା ମାତ୍ର ତ ହେଲେହେଁ ଏରକ ଭଣ୍ଡ କାର୍ଯ୍ୟରେ ପ୍ରେମବାଈ ରତ ହେଲେ ଏ ସନ୍ଦେହ ଅମ୍ଭମାନଙ୍କ ମନରୁ ଗଲା ନାହିଁ ।

———

ଗତ ମାର୍ଚ୍ଚ ମାସରେ ଶେଷ ହେବା ତ୍ରୈମା-ସିକ ଲବଣ ବିକ୍ରୀ ହିସାବରୁ ପ୍ରକାଶ ଯେ ଓଡ଼ିଶାର ଗୋଲାମାନଙ୍କରେ ସଞ୍ଚିତ ଥିବା ଲବଣ ମଧ୍ୟରୁ ଉକ୍ତ ସମୟରେ ମ ୨୧,୬୬୮ ମଣ ବିକ୍ରୀ ହୋଇଥିଲା ତହିଁ ପୂର୍ବ ଡିସେମ୍ବରରେ ମ ୧୯,୯୬୫ ମଣ ଏବଂ ପୂର୍ବ ବର୍ଷ ସେହି ସମୟରେ ମ ୨୩,୬୯୨ ମଣ ବିକ୍ରୀ ହୋଇଥିଲା । ଲୁଣର ମୂଲ୍ୟ ଊଣା କରି ଦେବାରୁ ଏବେ ଅଧିକ ବିକ୍ରୟ ହୋଇଅଛି ଏବଂ ଆଶା କରିଥାଇ ଅବଶିଷ୍ଟ ଲୁଣ ବିକ୍ରୟ ହେବାରେ ଅଧିକ ବିଳମ୍ବ ହେବ ନାହିଁ । ବର୍ଣ୍ଣିତ ତ୍ରୈମାସିକ ଶେଷରେ ମ ୨,୬୬,୯୬୪ ମଣ ସଞ୍ଚିତ ଥିଲା ।

———

ଏହି ହିସାବରୁ ପ୍ରକାଶ ଯେ ପୁରୀ ଓ କଟକ ଜିଲ୍ଲାରୁ ବିଦେଶୀ ଲୁଣ ଆମଦାନୀ ଏକାବେଳେ ବନ୍ଦ ହୋଇଅଛି । କେବଳ ବାଲେଶ୍ୱରକୁ ପ୍ରାୟ ୪୮ ହଜାର ମହଣ ବିଲାତି ଲୁଣ ଆସି-ଥିଲା । ଓଡ଼ିଶାରେ ଅଧିକାଂଶ ଦେଶୀ ଲୁଣ ଖରଚ ହେଉଥିବା ଏବଂ ତାହା ବର୍ତ୍ତମାନ ମାନ୍ଦ୍ରାଜ ହତାରୁ ଆସୁଥିବା ପ୍ରତ୍ୟକ୍ଷ ସ୍ଥାନୀୟ ଲୁଣ ଯୋଗାଣ ବିଷୟ ଗବର୍ଣ୍ଣମେଣ୍ଟ ଯାହା ବିଷୟ କହୁନାହାନ୍ତି ବଡ଼ ଦୁଃଖର ବିଷୟ ଅଟେ । ଓଡ଼ି-ଶାରେ ଲୁଣ ଯୋଗାଣ ହେଲେ ସମୁଦ୍ରକୂଳବାସୀ ଦୁଃଖୀ ପ୍ରଜାଙ୍କର ଜୀବନ ଧାରଣର ଗୋଟିଏ ଉପାୟ ହେବ । ଏ କଥା ବୋଲିବା ଅଧିକ ।

———

କଲିକତା ସହରରେ କୁଲି ମଜୁର ଓ ଅଳ୍ପ ଆୟର ଗୃହସ୍ଥମାନେ ଅଳ୍ପ ଭଡ଼ା ଦେଇ ଯେ ସବୁ ଖପର ଛାଉଣୀ ବା ଖପରେଲ ଘରେ ବାସ କରନ୍ତି ସେ ସମସ୍ତ ନିତାନ୍ତ ଅସ୍ୱାସ୍ଥ୍ୟକର, ତଳ ମାଟି ଏମନ୍ତ ତଳା ଯେ ଭିତ ବାହାର ତହିଁ ଉପରେ ଶୁଖି ବସା ହୁଅଇ ଏବଂ ସୂର୍ଯ୍ୟାଲୋକ ଓ ବାୟୁର ଗମନର ଉଳ ପ୍ରଚଳ ନ ହେବାରୁ ଏକ ପ୍ରକାର ଦୁର୍ଗନ୍ଧ ସର୍ବଦା ରହିଥାଏ । ଗରିବଲୋକଙ୍କର ଏହି କଷ୍ଟ ନିବାରଣ ଅଭିପ୍ରାୟରେ କଲିକତାର ଧନକୁବେର ବାବୁ ସୀତାନାଥ ରାୟ ଓ ଜାନକୀ-ନାଥ ରାୟ ଏଲଗିନରୋଡ଼ ନାମକ ସଡ଼କ ଉପରେ ଏକ ପ୍ରକାଣ୍ଡ ଅଟ୍ଟାଳିକା ନିର୍ମାଣ କରି-ବାର ସଙ୍କଳ୍ପ କରିଅଛନ୍ତି ଏବଂ ଏଥି ମଧ୍ୟରେ ମିଉନିସିପାଲିଟିର କର୍ତ୍ତୃପକ୍ଷମାନେ ସେହି ଅଟ୍ଟାଳି-କାର ସ୍ଥାନ ଓ ନକସା ପ୍ରଭୃତି ପରିଦର୍ଶନ କରି-ଅଛନ୍ତି । ଏହି ଗୃହ ନିର୍ମାଣରେ ୭୦ ହଜାର ଟଙ୍କା ବ୍ୟୟ ହେବ ଏବଂ ଆବଶ୍ୟକ ହେଲେ ଅଧିକାରୀ ମହୋଦୟମାନେ ଅଧିକ ବ୍ୟୟ କରିବାକୁ ପ୍ରସ୍ତୁତ ଅଛନ୍ତି । ଏଥିର ଏକ ୨ କୋଠରୀର ଭଡ଼ା ଖପ-ରଘର ଭଡ଼ାରୁ ଅଧିକ ପଡ଼ିବ ନାହିଁ । ସୁତରାଂ ଗରିବ ଲୋକମାନେ ଅଳ୍ପ ବ୍ୟୟରେ ସ୍ୱାସ୍ଥ୍ୟକର କୋଠାଘରେ ରହି ପାରିବେ । ଏ କଳ୍ପଟି ମହତ ଅଟେ ଏବଂ ସଫଳ ହେଲେ ଏହିପରି ଅନେକ ଘର ନିର୍ମାଣ ହେବ ଏବଂ ଗରିବଲୋକଙ୍କର ଅନେକ ସୁବିଧା ହେବ ସନ୍ଦେହ ନାହିଁ ।

———

ଇଣ୍ଡିଆ ଗବର୍ଣ୍ଣମେଣ୍ଟର ବୃଷ୍ଟିପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ଓଲ୍ଡଓ୍ୱାର୍ଥ ସାହେବ ଭାରତବର୍ଷର ବୃଷ୍ଟିପାତର ଫଳାଫଳ ଗଣନା କରୁଅଛନ୍ତି ଓ ତାହା ଇଣ୍ଡି-ଆଗେଜେଟରେ ପ୍ରକାଶିତ ହୋଇଅଛି । ତହିଁର ସଂକ୍ଷେପ ମର୍ମ ଏହି କି ଏକା ଉତ୍ତର ପଞ୍ଜାବ ଛଡ଼ା ଭାରତର ସର୍ବତ୍ର ଏ ବର୍ଷ ପ୍ରଚୁର ବୃଷ୍ଟି ହେ-ବାର ସମସ୍ତ ଲକ୍ଷଣ ଦେଖା ଯାଉଅଛି । ମୌସୁମି ବୃଷ୍ଟି ଏହି ଜୁନମାସର ୨ୟ ସପ୍ତାହରେ ବମ୍ବେ ଉପକୂଳରେ ଏବଂ ସେହିମାସ ୩ୟ ସପ୍ତାହରେ ବଙ୍ଗ ଉପକୂଳରେ ଉପସ୍ଥିତ ହେବ ଏବଂ ସାଧା-ରଣ ଭାବରେ ତହିଁର ବଳ ଅଧିକ ଅର୍ଥାତ୍ ବୃଷ୍ଟିର ପରିମାଣ ଅଧିକ ହେବ । ଅନ୍ୟାନ୍ୟ ପ୍ରଦେଶଠାରୁ ବମ୍ବେ ପ୍ରଦେଶରେ ଅତ୍ୟନ୍ତ ଅଧିକ ବୃଷ୍ଟି ହେବ । ଉକ୍ତ ପ୍ରଦେଶର ବୃଷ୍ଟିର ଫଳ ସାହେବ ମହୋଦୟ ନିମ୍ନଲିଖିତମତେ ହେବାର ଅନୁମାନ କରୁଅଛନ୍ତି ଯଥା;—

ବ୍ରହ୍ମ—ବୃଷ୍ଟି ଅନୁକୂଳ । ନିମ୍ନ ଓ ମଧ୍ୟଭା-ଗରେ କିଛି ଅଧିକ ଏବଂ ଉପରଭାଗରେ ନିୟ-ମିତ ବରଂ ତହିଁରୁ କିଛି ଊଣା ହେବ ।

ଆସାମ ଓ ବଙ୍ଗ—ପୂର୍ବ ଓ ଉତ୍ତର ବଙ୍ଗ ଏବଂ ଆସାମରେ ପଶ୍ଚିମ ବଙ୍ଗଠାରୁ କିଛି ଅଧିକ ବୃଷ୍ଟି ହେବ । ଛୋଟନାଗପୁରରେ ସମାନ ଏବଂ ବିହାରରେ କିଛି ଅଧିକ ହେବ, ଉତ୍ତର ପଶ୍ଚିମ ଓ ମଧ୍ୟଭାରତ-ନିୟମିତ ଅଥବା ତହିଁରୁ ଅଧିକ ହେବ । ରାଜପୁତାନାରେ ବରଂ ଅଧିକ ବୃଷ୍ଟି ହେବାର ଲକ୍ଷଣ ଦେଖାଯାଏ ।

ପଞ୍ଜାବ—ଅଳ୍ପ ବୃଷ୍ଟିର ସମ୍ଭାବନା ।

ମଧ୍ୟପ୍ରଦେଶ ଓ ହାଇଦରାବାଦ—ନିୟମିତ ବୃଷ୍ଟି ପକ୍ଷରେ ସନ୍ଦେହ ନାହିଁ ବରଂ ଅଧିକ ହୋଇପାରେ ।

ମାନ୍ଦ୍ରାଜ—ଉତ୍ତର ଉପକୂଳର ବୃଷ୍ଟି ଅନେକ ସମୟରେ ଓଡ଼ିଶା ଏବଂ ମଧ୍ୟପ୍ରଦେଶ ସଙ୍ଗେ ସମାନ । ଏ ବର୍ଷ ଏ ପ୍ରଦେଶରେ ମେଘ ଅନୁକୂଳ ଅନ୍ତତଃ ସମାନ ବୃଷ୍ଟି ହେବ । ଦକ୍ଷିଣ ଭାଗର ଲକ୍ଷଣ ମନ୍ଦ ଜଣା ଯାଉ ନାହିଁ ।

———

## ମୟୂରଭଞ୍ଜର ସ୍କୁଲ ବ୍ୟବସ୍ଥା ।

ବାଲେଶ୍ୱରର ଜଣେ ସୁପରିଚିତ ଲେଖକ ବାବୁ ଦିବ୍ୟନାରାୟଣ ନାୟକଙ୍କର ଦୁଇଖଣ୍ଡି ପତ୍ର ଇତି ୨ ତାରିଖର ଓଡ଼ିଆ ଓ ନବସମ୍ବାଦରେ ପ୍ରକାଶିତ ହୋଇଅଛି ଏବଂ ଗତ ମଇମାସ ତା ୨୨ ରିଖର ପତ୍ରିକାରେ ସହଯୋଗୀ ତହିଁର ପୋଷକତା କରିଅଛନ୍ତି । ପତ୍ରମାନଙ୍କର ମର୍ମ ଏହିକି ବାଲେଶ୍ୱରଠାରୁ ସମ୍ପ୍ରତି ଅନେକ ସ୍କୁଲ ଶିକ୍ଷକ ପୁରୁଣା ଗୋଲ ଗୃହା ବଣିଗ୍ୟରେ କାର୍ଯ୍ୟ କରି-ବା କାରଣ ପ୍ରେରିତ ହେଉଅଛନ୍ତି । ସ୍କୁଲମାନେ ଅଧିକାଂଶ ମୟୂରଭଞ୍ଜ ବିଷୟର ପ୍ରତି ତଥାପି, ଅଳ୍ପ ପରିମାଣରେ ନୀଳଗିରିର ଅଧିବାସୀ ଅଟନ୍ତି । ଉପୋରାଲମାନେ କେତେଜଣ ପଡ଼ିଗଲା ପର ଚଳିଥିଲେ ଶ୍ରୀକର ରକ୍ଷି ସେମାନଙ୍କଦ୍ୱାରା ସ୍ୱଜାତୀୟ ଅଜ୍ଞଲୋକଙ୍କୁ ନାନାପ୍ରକାରେ ଦେ-ଖାଇ ଭୁଲାଇ ନେଇ ଯାଉଅଛନ୍ତି । ପରିଶେଷ-ରେ ସେମାନଙ୍କର କି ଦୁର୍ଦ୍ଦଶା ହେବ ତାହା ସେ

Digitized by srujanika@gmail.com

Split by PDF Splitter



ମାନେ ଜାଣି ନ ପାରି ପଲ୍ ପଲ୍ ରେଜଷ୍ଟ୍ରର ହୋଇ ଶୃଙ୍ଖଳ ହେଉଅଛନ୍ତି । ଅତଏବ ପତ୍ରପ୍ରେରକ ମୟୂରଭଞ୍ଜର ମହାରାଜାଙ୍କୁ ଏବଂ ଅନ୍ୟାନ୍ୟ ଗଡ଼ଜାତର ରାଜନ୍ୟବର୍ଗଙ୍କୁ ମଧ୍ୟ ଉକ୍ତ ଅଧିକୃତ ରାଜ୍ୟରୁ ଲୋକମାନଙ୍କର କୁଲି ସ୍ୱରୂପ ଶୃଙ୍ଖଳା ବଦ୍ଧ ହୋଇ ଯିବା ନିବାରଣ କରିବାର ଉପାୟ କରିବା କାରଣ ଅନୁରୋଧ କରୁଅଛନ୍ତି । ଏଥିରୁ ଅମ୍ଭେମାନେ ଦେଖୁଅଛୁଁ ଯେ ମୟୂରଭଞ୍ଜର ରାଜା ଏ ବିଷୟରେ ଉଦାସୀନ ନାହାନ୍ତି । ଉକ୍ତ ରାଜ୍ୟର ସନ ୧୮୯୮।୯୯ ସାଲର ବାର୍ଷିକ ବିବରଣରେ ଲେଖାଅଛି ଯେ ରାଜା ମହୋଦୟ ତାହାଙ୍କ ଏଲାକାରୁ ଆସାମର ସ୍ପର୍ଦ୍ଧା କରିଶ୍ୟମାନଙ୍କୁ କୁଲି ଶୃଙ୍ଖଳା ଦୃଢ଼ରୂପେ ନିଷେଧ କରୁଅଛନ୍ତି ମାତ୍ର ଦୁଆର ପ୍ରଦେଶକୁ କୁଲି ଚାଲାନ ହେବାର ନିଷେଧ ନାହିଁ କାରଣ ସେଠାରେ ସ୍ୱେଚ୍ଛାଧୀନ ପ୍ରଣାଳୀ ପ୍ରଚଳିତ ଅଛି । ଯେବେ ଯଦ୍ୟପି ଉକ୍ତ ବିବରଣୀରେ ଲେଖାଅଛି କି ଗୋପନ ଭାବରେ ଯେବେ କୁଲି ପ୍ରେରିତ ହେବା ଅସମ୍ଭବ ନୁହେ ଏବଂ ଯେଉଁ ଆଡ଼କାଟି କୁଲି ନେବା ଅପରାଧରେ ଧରା ପଡ଼ିଲେ ତାହାର ସମୁଚିତ ଦଣ୍ଡ ହେଉଅଛି । ମାତ୍ର ଉକ୍ତ ରାଜ୍ୟର ବାର୍ଷିକ କେତେ କୁଲି କେଉଁ ପ୍ରଦେଶକୁ ଚାଲାନ ହୁଅନ୍ତି ତହିଁର କିଛି ତାଲିକା ନାହିଁ । ଏଥିରୁ ବୋଧ ହେଉଅଛି ଯେ ରାଜାଙ୍କର ଯୁକ୍ତିସଙ୍ଗତ ନିଷେଧାଜ୍ଞା ତାହାଙ୍କ କର୍ମଚାରୀମାନଙ୍କଦ୍ୱାରା କେତେଦୂର ପ୍ରତିପାଳିତ ହେଉଅଛି ତାହା ଜାଣିବାର ସୁଯୋଗ ନାହିଁ । ବରଂ ତାଲିକା ପ୍ରସ୍ତୁତ ନ ହେବାରୁ ନିୟମ ଲଙ୍ଘନର ସୁବିଧା ହୋଇଅଛି । ଭରସା କରୁଁ ଉଡ଼ିଆ ଓ ନବସମ୍ବାଦର ଉପରଲିଖିତ ପତ୍ରମାନ ଏବଂ ସମ୍ପାଦକଙ୍କର ମନ୍ତବ୍ୟ ମୟୂରଭଞ୍ଜ ରାଜା ସାହେବଙ୍କ ଗୋଚରରେ ଆସିବ ଏବଂ ସେ ସମ୍ଭବୀୟ ନିଷେଧ ଆଜ୍ଞା ଯଥାମତେ ପ୍ରତିପାଳିତ ହେବାର ବିଧାନ କରିବେ । କେବଳ ନିୟମ କରିବା ଯଥେଷ୍ଟ ନୁହେ ତହିଁ ସଙ୍ଗେ ତାହା ପ୍ରବଳ କରିବାର ଉପାୟ କରିବା ଉଚିତ । ପରିଶେଷରେ ବକ୍ତବ୍ୟ ଏହି କି ନିଷେଧ ଆଜ୍ଞା ପ୍ରତ୍ୟକ୍ଷେ ଅନେକ ଲୋକ କୁଲି ହୋଇ ଯାଉଥିବାରୁ ଯୋଡ଼ିଏ ଅନୁମାନ ହୋଇପାରେ । ଯଥା ( ୧ ) ସ୍ୱରାଜ୍ୟରେ ସାମାନ୍ୟରୂପେ ଜୀବନ ହେଉଥିଲେ ମଧ୍ୟ ଅଧିକ ମୂଲ୍ୟ ପାଇବାର ପ୍ରଲୋଭନରେ କୁଲି ଏବଂ ( ୨ ) ନିତାନ୍ତ କଷ୍ଟ ପାଉଥିବା ହେତୁ ବାଧ୍ୟ ହୋଇ କୁଲି ହେବାକୁ ସମ୍ମତ ହୋଇଅଛନ୍ତି । ପ୍ରଥମସ୍ଥଳେ ଆଡ଼କାଟି ପ୍ରଭୃତି କୁଲିନେବା ଲୋକଙ୍କୁ ଧରି ଦଣ୍ଡ ଦେବାର ଏବଂ ଦ୍ୱିତୀୟସ୍ଥଳେ କଷ୍ଟ ନିବାରଣର ବହୁତ ଉପାୟ କରିବା ଆବଶ୍ୟକ । ତାହା ନ ହେଲେ ନିଷେଧ ଆଜ୍ଞା ସଫଳ ପ୍ରଦ ସୁଫଳପ୍ରଦ ନ ହୋଇ ଅନେକଙ୍କର କଷ୍ଟର କାରଣ ହୋଇପାରେ । ରାଜସଭାର ସଭାସଦ ସଦସ୍ୟମାନଙ୍କୁ ଏ ବିଷୟରେ ଅଧିକ କହିବା ବାହୁଲ୍ୟ ।

---

## ବଙ୍ଗ ପ୍ରଦେଶର ସ୍ୱାସ୍ଥ୍ୟ ।

ବଙ୍ଗଳାର ଲେପ୍ଟନାଣ୍ଟ ଗବର୍ଣ୍ଣରଙ୍କ ଅଧୀନ ରାଜ୍ୟ ଖଣ୍ଡର ସନ ୧୮୯୯ ସାଲର ସ୍ୱାସ୍ଥ୍ୟ ବିବରଣରୁ ପ୍ରକାଶ ଯେ ଉକ୍ତ ବର୍ଷରେ ଜନ୍ମସଂଖ୍ୟା ୩୦,୫୩,୧୬୮ ଏବଂ ମୃତ୍ୟୁସଂଖ୍ୟା ୨୨,୮୮,୨୪୩ ଥିଲା । ତହିଁ ପୂର୍ବ ବର୍ଷର ଜନ୍ମ ଓ ମୃତ୍ୟୁ ଯଥାକ୍ରମେ ୨୫,୪୩,୭୦୧ ଓ ୧୮,୮୮,୬୬୮ ଥିଲା । ଗତ ପାଞ୍ଚ ବର୍ଷର ହାରାହାରି ହିସାବରେ ବାର୍ଷିକ ଜନ୍ମ ପ୍ରତି ହଜାରରେ ୩୫।, ଏବଂ ମୃତ୍ୟୁ ପ୍ରାୟ ୩୨ ପଡ଼ିଥିଲା । ବର୍ତ୍ତିତ ବର୍ଷରେ ହାରାହାରି ଜନ୍ମ ପ୍ରତି ହଜାରରେ ପ୍ରାୟ ୪୩ ଏବଂ ମୃତ୍ୟୁ ୩୧। ପଡ଼ିଅଛି । ସୁତରାଂ ଏ ବର୍ଷ ସ୍ୱାସ୍ଥ୍ୟ ଭଲ ଥିବାର ବୋଲିଯିବ । ସ୍ୱାସ୍ଥ୍ୟ କମିଶନର ସାହେବ ଗତ ଦଶବର୍ଷର ହାରାହାରି ହେଉଥିବାରୁ ଏ ବର୍ଷର ସ୍ୱାସ୍ଥ୍ୟ ମଧ୍ୟମ ଥିବାର ଦେଖାଇଅଛନ୍ତି ଏବଂ ଅନାବୃଷ୍ଟି ବୃଷ୍ଟି ତହିଁର କାରଣ ବୋଲି ସ୍ଥିର କରୁଅଛନ୍ତି । ମାତ୍ର ବୃଷ୍ଟି ସହିତ ସ୍ୱାସ୍ଥ୍ୟର ସମ୍ବନ୍ଧ ନିର୍ଦ୍ଦିଷ୍ଟରୂପେ ପ୍ରମାଣ ହେବା ପର୍ଯ୍ୟନ୍ତ ଗବର୍ଣ୍ଣମେଣ୍ଟ ତହିଁରେ ଆସ୍ଥା କରିବାକୁ ଅକ୍ଷମ । ଯାହାହେଉ ବର୍ତ୍ତିତ ବର୍ଷରେ ବଙ୍ଗପ୍ରଦେଶରେ ଯେତେ ପିଲା ଜନ୍ମ ହୋଇଅଛନ୍ତି ପୂର୍ବେ କୌଣସି ଏକ ବର୍ଷରେ ତେତେ ପିଲା ଜନ୍ମ ହୋଇ ନ ଥିଲେ ଅର୍ଥାତ୍ ପୂର୍ବ ବର୍ଷମାନଙ୍କର ସର୍ବୋଚ୍ଚ ଅଙ୍କଠାରୁ ଏ ବର୍ଷର ଜନ୍ମ ଅଙ୍କ ୩୪ ଲକ୍ଷ ଅଧିକ ଅଟେ । ସନ ୧୮୯୮ ସାଲର ଅନାବୃଷ୍ଟି ଜନ୍ମ ପ୍ରତି ବାଧାଜନକ ଥିଲା । ସନ ୧୮୯୯ ସାଲରେ ସେପରି ନ ଥିଲା । ତଥାପି ଜନ୍ମସଂଖ୍ୟା ଯେତେ ବୃଦ୍ଧିର ଆଶା କରା ଯାଇପାରେ ତଦପେକ୍ଷା ଅଧିକ ହୋଇଅଛି ଏବଂ ଏହା ଲୋକଙ୍କର ଶାରୀରିକ ବଳ ଏବଂ ଉତ୍ତମ ସ୍ୱାସ୍ଥ୍ୟର ପରିଚୟ ତାହା ଅଭ୍ର କହି ବୋଲିଯାଇ ନ ପାରେ । ଜନ୍ମର ପରିମାଣ ଏତେ ବୃଦ୍ଧି ହେଲେ ମଧ୍ୟ ପଞ୍ଜାବ ଉତ୍ତରପଶ୍ଚିମ ଏବଂ ମଧ୍ୟ ପ୍ରଦେଶର ଜନ୍ମର ହାରରୁ ଊଣା ଅଟେ । ସେ ସମସ୍ତ ପ୍ରଦେଶର ଜଳ ବାୟୁ, ପୁଷ୍ଟିକର ଖାଦ୍ୟ ଏବଂ ଅଧିକ ଦୁର୍ଭିକ୍ଷଜନିତ ବିଶେଷ ତହିଁର କାରଣ ବୋଲି କଥିତ ହୁଏ । ମାତ୍ର ପୂର୍ବୋଲିଖିତ କାରଣଟି ବଙ୍ଗ ପ୍ରଦେଶ ପ୍ରତି ଖଟେ ନାହିଁ । ଢାକା ଓ ଚଟ୍ଟଗ୍ରାମରେ ଅଧିକ ମୁସଲମାନଙ୍କ ବାସ ଥିବା ଅଞ୍ଚଳ ବିଭାଗର ଜନ୍ମ ସେହି ଦୁଇ ବିଭାଗରୁ ଅଧିକ ଦେଖାଯାଏ । ପୁଣି ଉଡ଼ିଶା ଓ ଛୋଟ ନାଗପୁର ବିଭାଗମାନଙ୍କରେ ଅନେକ ଅନାର୍ଯ୍ୟ ଲୋକଙ୍କର ବସତି ହେତୁ ଜନ୍ମସଂଖ୍ୟା ବୃଦ୍ଧି ହେଲେହେଁ ଛୋଟ ନାଗପୁରରେ ବିଶେଷ ବୃଦ୍ଧି ଦେଖାଯାଏ । ପ୍ରତି ମାସର ଜନ୍ମ ମୃତ୍ୟୁର ତାଲିକାରୁ ପ୍ରକାଶ ଯେ ଅକ୍ଟୋବରଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଜନ୍ମ ଅଧିକ ଏବଂ ଅଗଷ୍ଟମାସଠାରୁ ଜାନୁଆରୀ ମାସ ପର୍ଯ୍ୟନ୍ତ ମୃତ୍ୟୁ ଅଧିକ ଘଟଣା ହୁଏ । ଅତଏବ ବର୍ଷା ଓ ଶୀତକାଳ ସ୍ୱାସ୍ଥ୍ୟ ପକ୍ଷରେ ହାନିକର ଏବଂ ବସନ୍ତ ବହୁଲେ ଯେ ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟ ବଢ଼ଇ ଏହାର ପ୍ରମାଣ ହେଉଅଛି ।

ବର୍ତ୍ତିତ ବର୍ଷର ମୃତ୍ୟୁସଂଖ୍ୟା ତହିଁ ପୂର୍ବ ବର୍ଷର ସଂଖ୍ୟାରୁ ଅଧିକ ହେଲେ ତହିଁ ପୂର୍ବ ୫ ବର୍ଷର ଅଙ୍କରୁ ଊଣା ଅଟେ ଏବଂ ଗତ ଦୁଇ ବର୍ଷରେ ଓଲାଉଠା ମୃତ୍ୟୁ ଅତ୍ୟନ୍ତ ଊଣା ଥିବା ସୁଖର ବିଷୟ ବୋଲିବାକୁ ହେବ । ମୋଟ ମୃତ୍ୟୁ ମଧ୍ୟରେ ଏହା ଏକ ବର୍ଷର ନ୍ୟୂନ ଶିଶୁ ଦଶପଣ ଏବଂ ବ ୬୦ ବର୍ଷରେ ଅଧିକ ବୃଦ୍ଧ ଏକପଣ ଅଟେ । ପାଞ୍ଚ ବର୍ଷରୁ ବ ୪୦ ବର୍ଷ ପର୍ଯ୍ୟନ୍ତ ବୟସର ଲୋକ ଅଳ୍ପ ମରି ପଡ଼ନ୍ତି । ହିନ୍ଦୁମାନଙ୍କ ଅପେକ୍ଷା ମୁସଲମାନମାନଙ୍କର ଏକ ଦିଗରେ ଯେମନ୍ତ ଜନ୍ମ ଅଧିକ ତେମନ୍ତ ଅନ୍ୟ ଦିଗରେ ମୃତ୍ୟୁ ଅଧିକ ଏହା ଅସ୍ୱାସ୍ଥ୍ୟକର ଆଗ୍ରହର ଫଳ ବୋଲି କଥିତ ହୋଇଅଛି । ହିନ୍ଦୁମାନଙ୍କର ଅଗ୍ରର ମାଂସ ଯେ ଅଧିକ ବୃଦ୍ଧିର ସପକ୍ଷ ଏଥିରେ ସନ୍ଦେହ କରିବାର ବାଟ ନାହିଁ ।

ମୃତ୍ୟୁ ପଟକାର ରୋଗ ମଧ୍ୟରେ ଜ୍ୱର ପ୍ରଧାନ ଅଟେ । ଏହା ଜ୍ୱର ରୋଗରେ ପ୍ରାୟ ବାରପଣ ମୃତ୍ୟୁ ଘଟିଅଛି । ଓଲାଉଠା ଏବଂ ବସନ୍ତ ଉପଦ୍ରବ ଯେଉଁ ହେଲେହେଁ ବର୍ତ୍ତିତ ବର୍ଷରେ ପ୍ଲେଗ ସବୁର ପ୍ରକୋପ ଊଣା ଥିଲା ଏବଂ କଲିକତାରେ ଇତ୍ୟାଦି ଉଦର ରୋଗ ମଧ୍ୟ ପ୍ରବଳ ନ ଥିଲା । ପ୍ଲେଗ ଗୋଟିଏ ଅବସ୍ଥିତ ରୋଗ ଏବଂ ତାହା ସ୍ଥାନ ବିଶେଷରେ ଘଟିଥିବାରୁ ସାଧାରଣ ରୋଗ ମଧ୍ୟରେ ଅଛି ନାହିଁ ।

---

## କଲିକତା ବିଶ୍ୱବିଦ୍ୟାଳୟର ପରୀକ୍ଷାର ଫଳ ।

କଲିକତା ବିଶ୍ୱବିଦ୍ୟାଳୟର ବି, ଏ, ଏମ ଏ, ଏବଂ ଏଣ୍ଟ୍ରାନସ ପରୀକ୍ଷାମାନଙ୍କର ଫଳ ଏଥର ଏକାସଙ୍ଗେ ଏବେ ଗତ ବର୍ଷର ମେ ମାସ ମଧ୍ୟଭାଗରେ ବାହାରିଅଛି । କ୍ରମାଗତ ଦୁଇବର୍ଷ ଯଥା ସମୟରେ ବାହାରିବା ବଡ଼ ସୁଖର ବିଷୟ ଅଟେ ଏବଂ ଭରସା କୁଅଇ ଏଣିକି ଆଉ [illegible] ଘଟିବ ନାହିଁ ।

### ବି, ଏ,

ଗତବର୍ଷ ଅର୍ଥାତ୍ ସନ ୧୯୦୦ ସାଲରେ ପରୀକ୍ଷା ଦେଇଥିଲେ ୧,୯୦୦ ଜଣ ଏବଂ ଏମାନ-

Digitized by srujanika@gmail.com

Split by PDF Splitter



ଙ୍କ ମଧ୍ୟରୁ ଉତ୍ତୀର୍ଣ୍ଣ ହୋଇଥିଲେ ଅନାରରେ ଜ ୮୨ ଣ ଏବଂ ପାସରେ ଜ ୪୪୯ ଣ ସାଏ ଜ ୫୩୧ ଣ ତହିଁ ପୂର୍ବ ବର୍ଷ ୧,୭୦୦ ପ୍ରାର୍ଥୀ ମଧ୍ୟରୁ ୪୭୭ ଉତ୍ତୀର୍ଣ୍ଣ ହୋଇଥିଲେ । ଏ ବର୍ଷ ପରୀକ୍ଷାର୍ଥିଙ୍କ ସଂଖ୍ୟା ୧,୯୮୦ ହୋଇଥିଲା । ମାତ୍ର ଅନାରରେ ଜ ୮୧ ଣ ଏବଂ ପାସରେ ଜ ୩୦୫ ଣ ସାଏ ଜ ୩୮୬ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଅତଏବ ଦେଖା ଯାଏ ଯେ ଗତ ଦୁଇବର୍ଷଠାରୁ ଏ ବର୍ଷ ଅଧିକ ଛାତ୍ର ପରୀକ୍ଷା ଦେଇଥିଲେହେଁ କ୍ରମାଗତ ଊଣା ପାସ କରୁଅଛନ୍ତି । ଶତକଡ଼ା ଜ ୨୦ ଣରୁ ଅଧିକ କୃତକାର୍ଯ୍ୟ ନ ହେବ ସାମାନ୍ୟ ପରିତାପର ବିଷୟ ନୁହଇ ।

ଏଠା ରେଭେନସା କଲେଜର ଫଳ ଗତବର୍ଷ ଅତ୍ୟନ୍ତ ମନ୍ଦ ଥିଲା ଅର୍ଥାତ ଜ ୨୨ ଣ ମଧ୍ୟରୁ କେବଳ ଜ ୪ ଣ ପାସ କରିଥିଲେ ଏବଂ ଅନାର ଶ୍ରେଣୀ ଶୂନ୍ୟ ଥିଲା । ଏ ବର୍ଷ ପରୀକ୍ଷା ଦେଇଥିଲେ ଜ ୧୯ ଣ ମାତ୍ର ଉତ୍ତୀର୍ଣ୍ଣ ହୋଇଅଛନ୍ତି ଅନାରରେ ଜ ୧ ଣ ଓ ପାସରେ ଜ ୪ ଣ ସାଏ ଜ ୫ ଣ । ଅତଏବ ଏହି କଲେଜର ଗତବର୍ଷ ଏବଂ ବଙ୍ଗପ୍ରଦେଶର ମୋଟ ଫଳ ସଙ୍ଗେ ମିଶାଇ ଦେଖିବାରେ ଏ ବର୍ଷର ଫଳ କିଞ୍ଚିତ ଉତ୍ତମ ହୋଇଥିଲେହେଁ ତେମନ୍ତ ତୃପ୍ତିକର ନୁହେ । ଭବିଷ୍ୟତରୁ ଏଥିରୁ ଭଲ ଫଳ ଦେଖିବାର କାମନା କରୁଁ ।

ଏଫ୍, ଏ,

ଗତବର୍ଷ ପରୀକ୍ଷା ଦେଇଥିଲେ ଜ ୩,୪୯୩ ଣ ଏବଂ ସେମାନଙ୍କମଧ୍ୟରୁ ଜ ୧,୨୯୬ ଣ ସଫଳ ହୋଇଥିଲେ । ପ୍ରଥମଶ୍ରେଣୀରେ ଲଭିଥିଲେ ଜ ୪୯ ଣ । ଏ ବର୍ଷ ଜ ୩,୭୨୨ ଣ ପରୀକ୍ଷାର୍ଥିଙ୍କ ମଧ୍ୟରୁ ୧ମ ଶ୍ରେଣୀରେ ଜ ୪୫ ଣ, ୨ୟରେ ଜ ୨୦୩ ଣ ଏବଂ ୩ୟରେ ଜ ୯୬୦ ଣ ସାଏ ଜ ୧,୨୦୮ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ସନ ୧୮୯୯ ସାଲରେ ଜ ୨,୯୭୭ ଣ ମଧ୍ୟରୁ ଜ ୧,୨୦୭ ଣ ଉତ୍ତୀର୍ଣ୍ଣ ହୋଇଥିଲେ । ସୁତରାଂ ଏ ବର୍ଷର ପରୀକ୍ଷାର ଫଳ ଗତ ଦୁଇବର୍ଷଠାରୁ ଅନୁପାତରେ ଊଣା ହୋଇଅଛି ଏବଂ ସଂଖ୍ୟାରେ ଗତବର୍ଷଠାରୁ ଊଣା ପଡ଼ିଅଛି । ଶତକଡ଼ା ଜ ୩୫ ଣରୁ ଅଧିକ ପାସ ନ କରିବା କୌଣସି ମତେ ସନ୍ତୋଷଜନକ ନୁହେ ।

ଏଠା କଲେଜରୁ ଗତବର୍ଷ ପରୀକ୍ଷା ଦେଇଥିଲେ ଜ ୩୩ ଣ ଏବଂ ସେମାନଙ୍କ ମଧ୍ୟରୁ ପାସ କରିଥିଲେ ପ୍ରଥମ ଶ୍ରେଣୀରେ ୧, ୨ୟରେ ୪ ଏବଂ ୩ୟରେ ୧୮ ସାଏ ଜ ୨୩ ଣ ଅର୍ଥାତ୍ ଶତକଡ଼ା ୭୦ । ଏ ବର୍ଷ ପରୀକ୍ଷା ଦେଇଥିବା ଜ ୪୧ ଣ ମଧ୍ୟରୁ ୧ମ ଶ୍ରେଣୀରେ ନାସ୍ତି, ୨ୟରେ ୨ ଏବଂ ୩ୟରେ ୧୨ ସାଏ ଜ ୧୪ ଣ ଅର୍ଥାତ୍ ଶତକଡ଼ା ୩୪ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏ ଫଳ ଅତି ମନ୍ଦ ବୋଲିବାକୁ ହେବ । ଗତ ବର୍ଷ ଅନେକ ଛାତ୍ର ପାସ କରିଥିବାର ଦେଖି ସହଜରେ ପାସ ହୋଇଯିବା ଦମ୍ଭରେ ଛାତ୍ରମାନେ ଯତ୍ନ ଓ ପରିଶ୍ରମ କରିବାରେ ତ୍ରୁଟି କରିଥିଲେ କି ? ତାହା ହୋଇଥିଲେ ତହିଁର ସମୁଚିତ ଦଣ୍ଡ ପାଇଅଛନ୍ତି । ପ୍ରଗାଢ଼ ଅଧ୍ୟବସାୟ ଓ ପରିଶ୍ରମ ବିନା ପ୍ରତିଯୋଗିତାରେ ସଫଳ ହେବା ଦୁରାଶା ମାତ୍ର ।

ଏଣ୍ଟ୍ରାନ୍ସ

ଗତ ବର୍ଷ ୭,୩୦୯ ପରୀକ୍ଷାର୍ଥୀ ମଧ୍ୟରୁ ୩,୭୭୩ ପାସ କରିଥିଲେ ଏବଂ ସେମାନଙ୍କ ମଧ୍ୟରୁ ୯୭୧ ପ୍ରଥମ ଶ୍ରେଣୀରେ ସ୍ଥାନ ପାଇଥିଲେ । ଏ ବର୍ଷ ପରୀକ୍ଷା ଦେଇଥିଲେ ୭,୧୩୪ ଏବଂ ପାସ କଲେ ୧ମ ଶ୍ରେଣୀରେ ୯୩୭, ୨ୟରେ ୧,୩୫୫ ଏବଂ ୩ୟରେ ୧,୦୧୧ ସାଏ ୩,୩୦୭ । ଅତଏବ ପରୀକ୍ଷା ଦେବା ଏବଂ ପାସ କରିବା ଉଭୟ ସଂଖ୍ୟା ଗତ ବର୍ଷଠାରୁ ଊଣା ପଡ଼ିଅଛି ଏବଂ ଅନୁପାତ ମଧ୍ୟ ତଦ୍ରୂପ ଅର୍ଥାତ୍ ଗତବର୍ଷ ଶତକଡ଼ା ୭୦ ରୁ ଏବର୍ଷ ୫୩ ହୋଇଅଛି ।

ଓଡ଼ିଶାର ସ୍କୁଲ ସମୂହର ଛାତ୍ର ମଧ୍ୟରୁ ଗତ ବର୍ଷ ପରୀକ୍ଷା ଦେଇଥିଲେ ୧୩୯ ଏବଂ ସେମାନଙ୍କ ମଧ୍ୟରୁ ପାସ କରିଥିଲେ ୮୦ ଅର୍ଥାତ୍ ଶତକଡ଼ା ୫୭ ଜଣ । ଏ ବର୍ଷ ପରୀକ୍ଷା ଦେଇଥିବା ୯୮ ମଧ୍ୟରୁ ୧ମ ଶ୍ରେଣୀରେ ୧୩, ୨ୟରେ ୨୮ ଏବଂ ୩ୟରେ ୨୦ ସାଏ ୬୧ ଅର୍ଥାତ୍ ଶତକଡ଼ା ୬୨ ଜଣ ପାସ କରିଅଛନ୍ତି । ଅଳ୍ପ ଛାତ୍ର ପରୀକ୍ଷା ଦେଇଥିବାରୁ ଶତକଡ଼ା ଗତବର୍ଷଠାରୁ ଭଲ ଦିଶୁଅଛି ମାତ୍ର ଗତବର୍ଷରୁ ଅଧିକ ଛାତ୍ର ପାସ କରିବାର ଦେଖିବା ଥାଉ ପ୍ରକୃତରେ ଜ ୧୯ ଣ ଊଣା ପଡ଼ିଅଛି ଏହା କୌଣସି ମତେ ଉନ୍ନତିର ଅନୁକୂଳ ନୁହେଁ । କେବଳ ସପକ୍ଷରେ ଏତିକି ବୋଲି ପାରି ପାରେ ଯେ ସମସ୍ତ ବଙ୍ଗ ପ୍ରଦେଶରେ ମୋଟରେ ଶତକଡ଼ା ୫୩ ପାସ ହୋଇଥିବା ସ୍ଥଳେ ଓଡ଼ିଶାରେ ଶତକଡ଼ା ୬୨ ପାସ କରିବା ନିତାନ୍ତ ମନ୍ଦ ନୁହେ ।

ଓଡ଼ିଶାର ଅନ୍ୟ ସ୍କୁଲର ଫଳ ନିମ୍ନଲିଖିତ ତାଲିକାରେ ପ୍ରଦତ୍ତ ହେଲା ଯଥା;—

| | | ୧ମ ଶ୍ରେଣୀ | ମୋଟ ପାସ | ଗତ ବର୍ଷର ମୋଟ ପାସ |
|---|---|---|---|---|
| ରେଭେନସା କଲେଜ | ଜ ୨୧ | ୫ | ୧୪ | ୨୦ |
| ମିଶନ କଟକ | ଜ ୧୪ | ୦ | ୭ | ୧୨ |
| ପ୍ୟାରୀମୋହନ ଏକାଡେମୀ | ଜ ୩ | ୩ | ୭ | ୪ |
| ସାକ୍ଷୀଗୋପାଳ ହାଇସ୍କୁଲ | ଜ ୩ | ୦ | ୩ | ୪ |
| କେନ୍ଦ୍ରାପଡ଼ା ,, | ଜ ୭ | ୧ | ୨ | ୪ |
| ଜିଲ୍ଲାସ୍କୁଲ ବାଲେଶ୍ୱର | ଜ ୭ | ୪ | ୭ | ୦ |
| ଶ୍ରୀକୃଷ୍ଣ ହାଇ ,, | ଜ ୪ | ୦ | ୩ | ୨ |
| ଭଦ୍ରକ ହାଇସ୍କୁଲ | ଜ ୭ | ୨ | ୪ | ୩ |
| ପୁରୀଜିଲ୍ଲା ,, | ଜ ୭ | ୦ | ୩ | ୭ |
| କୋଣ୍ଡି ,, | ଜ ୩ | ୦ | ୩ | ୦ |
| ମୟୂରଭଞ୍ଜ ,, | ଜ ୪ | ୦ | ୨ | ୪ |
| ଢେଙ୍କାନାଳ ,, | ଜ ୭ | ୦ | ୪ | ୩ |
| ସମ୍ବଲପୁର ,, | ଜ ୭ | ୦ | ୧ | ୧ |
| ଲକ୍ଷ୍ମୀନାଥ | ଜ ୦ | ୦ | ୧ | ୪ |
| | ୯୮ | ୧୩ | ୬୧ | ୭୦ |

ଏଥିରୁ ପ୍ରକାଶ ଯେ ସରକାରୀ ବିଦ୍ୟାଳୟ ମଧ୍ୟରେ ବାଲେଶ୍ୱର ଜିଲ୍ଲା ସ୍କୁଲ ଏ ବର୍ଷ ସର୍ବାଂପେକ୍ଷା ଭଲ ଫଳ ଦେଖାଇଅଛି ଏବଂ ପୁରୀ ସ୍କୁଲ ଗତ ବର୍ଷ କ୍ରମାଗତ ଉତ୍ତମ ଫଳ ଦେଖାଇ ଏ ବର୍ଷ ତଳକୁ ଖସି ପଡ଼ିଅଛି । ରେଭେନ୍ସା କଲେଜସ୍କୁଲର ଫଳ ପୂର୍ବ ବର୍ଷ ପରି ପ୍ରୀତିକର ନ ହେଲେହେଁ ମନ୍ଦ ହୋଇ ନାହିଁ ସମ୍ବଲପୁର ସ୍କୁଲର ଫଳ ମନ୍ଦ ହୋଇଅଛି ।

ବେସରକାରୀ ସ୍କୁଲ ମଧ୍ୟରେ ପ୍ୟାରୀମୋହନ ଏକାଡେମୀ, ଭଦ୍ରକ, ଖୋର୍ଦ୍ଧା ଏବଂ ସାକ୍ଷୀଗୋପାଳ ହାଇ ସ୍କୁଲମାନ ଶ୍ରେଷ୍ଠ ସ୍ଥାନ ଲଭିଅଛନ୍ତି ଏବଂ କଟକ ମିଶନ ସ୍କୁଲ ଗତ ବର୍ଷର ଗୌରବ ରକ୍ଷା କରି ପାରି ନାହିଁ । ଗଡ଼ଜାତ ମଧ୍ୟରେ ଢେଙ୍କାନାଳ ଗତ ବର୍ଷଠାରୁ ସରସ ମାତ୍ର ମୟୂରଭଞ୍ଜ ନୀରସ ହୋଇଅଛି ।

---

# ମଫସ୍ୱଲ ସମ୍ବାଦ ।

## ବାଲେଶ୍ୱର-ଗେଜେଟ୍ ।

ବୋର୍ଡର ମେମ୍ବର ମାନ୍ୟବର ମିଃ ପି ନୋଲନ ସରକାରୀ କାର୍ଯ୍ୟରେ ଗତତ ଜୁନମାସ ତା ୨୨ ରୁଠାରୁ ଅଗାମୀ ଜୁଲାଇ ମାସ ତା ୧୪ ଖ ପର୍ଯ୍ୟନ୍ତ ଛୁଟି ପ୍ରାପ୍ତ ହେଲେ ।

ବାଲେଶ୍ୱରର ଡେପୁଟି ମାଜିଷ୍ଟ୍ରେଟ ମୌଲବି [illegible] ଖାଁ ବାହାଦୁର ଅସ୍ଥାୟୀ ଭାବରେ ସୁପ୍ରିଣ୍ଟେଣ୍ଡେଣ୍ଟ ପଦରେ ନିଯୁକ୍ତ ହେଲେ ।

କୁଲପତିର ଅଃ ସୁପ୍ରିଣ୍ଟେ ମିଃ ଅଲ, ଏସ, ଏସ୍, ନେପିଅର ଅନ୍ୟ ଆଦେଶପର୍ଯ୍ୟନ୍ତ ବାଲେଶ୍ୱର ପୋଲିସର ଭାରପ୍ରାପ୍ତ ନିଯୁକ୍ତ ହେଲେ ।

ବଙ୍ଗଳା ଶିକ୍ଷା ବିଭାଗର ଆସିଷ୍ଟାଣ୍ଟ ମିଃ ଟି, [illegible] ... ମା ୨୫୦ ଟଙ୍କା ଭତ୍ତା ଉପରେ ଓ ... ଉପଯୁକ୍ତ ... ପଦରେ ... ଏଷ, ଅନ୍ୟ ଅଦେଶ ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

ବାଲେଶ୍ୱରର ଡେପୁଟି ମାଜିଷ୍ଟ୍ରେଟ ବାବୁ ... ଫୌଜଦାରୀ କାର୍ଯ୍ୟରେ ଅପରାଧ ... ଦଣ୍ଡ ... ତାଙ୍କୁ କରିବାର କ୍ଷମତା ପ୍ରାପ୍ତ ହେଲେ ।

... କଲେଜର ... ବାବୁ ... ଅସ୍ଥାୟୀ ... ପଦରେ ନିଯୁକ୍ତ ହେଲେ ।

Digitized by srujanika@gmail.com